R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୧୨୯

ତିଥି: ନବମୀ

୧୧ ଫେବୃଆରୀ ୨୦୨୬, ବୁଧବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 129

11 February 2026, Wednesday

Bhubaneswar

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur







# ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ନୂଆଦିଲ୍ଲୀ, ୧୦।୨ : ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି । ନିୟମ ୯୪ ସି ଅନୁଯାୟୀ ଏହି ନୋଟିସ୍‌ଟି ଲୋକସଭା ମହାସଚିବଙ୍କ ନିକଟରେ ଦିଆଯାଇଛି ।

## ନିଷ୍ପତ୍ତି ନ ହେବାଯାଏ ଗୃହକୁ ଆସିବେନି ଓମ୍ ବିର୍ଲା

## ୧୧୮ ବିରୋଧୀ ସାଂସଦ କରିଛନ୍ତି ସ୍ୱାକ୍ଷର

ତେବେ ମିଳିଥିବା ସୂତ୍ରରୁ ସୂଚନା ଅନୁଯାୟୀ ଏହି ଅଭିଯୋଗ ପ୍ରସ୍ତାବ ଉପରେ କୌଣସି ସିଦ୍ଧାନ୍ତ ନ ହେବାଯାଏ ବାଚସ୍ପତି ଓମ୍ ବିର୍ଲା ଲୋକସଭା ଯିବେନାହିଁ । ତେବେ ଏ ନେଇ ସ୍ପଷ୍ଟତା ମିଳିନାହିଁ ।

ଦିଆଯାଇଥିବା ଅନାସ୍ଥା ପ୍ରସ୍ତାବରେ କଂଗ୍ରେସ, ସପା, ବାମପନ୍ଥୀ ଓ ଆର୍‌ଜେଡି ସମେତ ୧୧୮ ସାଂସଦ ଏଥିରେ ସ୍ୱାକ୍ଷର କରିଛନ୍ତି । କଂଗ୍ରେସର ଲୋକସଭା ଉପନେତା ଗୌରବ ଗୋଗୋଇ ଏହି ନୋଟିସ୍‌କୁ ଲୋକସଭା ମହାସଚିବଙ୍କୁ ଦେଇଛନ୍ତି । ଗୋଗେଇଙ୍କ ସହ ସାଂସଦ ସୁରେଶ କୋଡିକୁନିଲ ଓ ମହମ୍ମଦ ଯାଭେଦ ଉପସ୍ଥିତ ଥିଲେ । ପ୍ରାୟ ମଧ୍ୟାହ୍ନ ୧.୧୪ ମିନିଟ୍‌ରେ ଏହି ଅଭିଯୋଗ ପ୍ରସ୍ତାବକୁ ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ସଂସଦରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ବାଚସ୍ପତି ସୁଯୋଗ ଦେଉନାହାନ୍ତି । ଏହାର ଅନେକ ଉଦାହରଣ ଦିଆଯାଇଛି । ଅନେକ ବିରୋଧୀ ଦଳ ମଧ୍ୟ ସମାନ ଚିନ୍ତା ପ୍ରକଟ କରିଛନ୍ତି । ତେବେ ସୂତ୍ରରୁ ଜଣାପଡ଼ିଛି ଯେ ଏହି ପ୍ରସ୍ତାବ ଉପସ୍ଥାପନ ହୋଇ ଆଲୋଚନା ହେଲାବେଳେ ବାଚସ୍ପତି ଓମ୍‌ବିର୍ଲା ତାଙ୍କ ଆସନରେ ରହିବେ ନାହିଁ । ଅଧିକାଂଶ ସଦସ୍ୟ ତାଙ୍କ ଉପରେ (୯ ପୃଷ୍ଠାରେ)

# ଚାଲାଣ ଥିଲେ ପିୟୁସି ହୋଇପାରିବ ନାହିଁ : ହାଇକୋର୍ଟ

କଟକ, ୧୦।୨ (ସବ୍ୟୁ) : ଚାଲାଣ ଥିଲେ (ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍) ପିୟୁସି ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି । ଚାଲାଣ ଥିଲେ ପିୟୁସି ହୋଇପାରିବ କି ନାହିଁ ତାହା ଉପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ନିକଟରୁ ରିପୋର୍ଟ ତଲବ କରିଥିଲେ । ଆଜି ଏହା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ, କେନ୍ଦ୍ର ପରିବହନ ବିଭାଗ ପକ୍ଷରୁ ଗତ ଜାନୁଆରୀ ୨୭ ତାରିଖରେ କେନ୍ଦ୍ରୀୟ ମୋଟର ଯାନ ଆଇନରେ ଏକ ସଂଶୋଧନ ଅଣାଯାଇଛି । ଏଥିରେ ପିୟୁସିକୁ ବାହାନ ପୋର୍ଟାଲରେ ସାମିଲ୍ କରାଯାଇଛି । ଯାହାଫଳରେ ଚାଲାଣ ଥିଲେ ପିୟୁସି ହୋଇପାରିବ ନାହିଁ ବୋଲି ଯୁକ୍ତିରେ ଦର୍ଶାଯାଇଥିଲା । ଏହି ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେବାସହ ମାମଲାର ଅନ୍ତ ଘଟାଇଛନ୍ତି ।


ଭୁବନେଶ୍ୱରର ସ୍ନିଗ୍ଧା ପାତ୍ର ଏହି ମାମଲା ରୁଜୁ କରିଥିଲେ । ସେ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ବାଧ୍ୟ । ଯିଏ ଏହି ସାର୍ଟିଫିକେଟ୍ ହାସଲ ନ କରିବେ ସେମାନଙ୍କ ବିରୋଧରେ ମୋଟରଯାନ ଆଇନରେ ମାମଲା ରୁଜୁ କରାଯାଇ ପାରିବ । କିନ୍ତୁ ଏସ୍‌ଟିଏ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତି ଜାରି କରାଯାଇ ଯେଉଁମାନେ ନିଜ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ କରିନଥିବେ ବା

## ଚାଲାଣ କଟିବାର ୯୦ ଦିନ ମଧ୍ୟରେ ପରିଶୋଧ ନ କଲେ ପିୟୁସି ମନା

ଜଣେ ବ୍ୟକ୍ତି ଯେତେବେଳେ ଗାଡ଼ି କିଣୁଛନ୍ତି ସେତେବେଳେ ଇନ୍ସ୍ୟୁରାଂସ, ପ୍ରଦୂଷଣ ସାର୍ଟିଫିକେଟ୍ ଆଦି ତାଙ୍କର ରହିଥାଏ ଓ ଯେତେବେଳେ ପ୍ରଦୂଷଣ ସାର୍ଟିଫିକେଟ୍ ସମୟ ସୀମା ଶେଷ ହୋଇଯାଏ ସେତେବେଳେ ଗାଡ଼ି କ୍ରେତା ସାର୍ଟିଫିକେଟ୍ ନବୀକରଣ କରିବାକୁ ସେମାନଙ୍କ ପାଖରେ ବୈଧ ସାର୍ଟିଫିକେଟ୍ ନଥିବ ସେମାନଙ୍କୁ ପେଟ୍ରୋଲ ଏବଂ ଡିଜେଲ ମିଳିବ ନାହିଁ ବୋଲି କୁହାଯାଇଥିଲା । ନିୟମ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ପ୍ରଦୂଷଣ କରୁଛନ୍ତି ତାଙ୍କ ଉପରେ ଜରିମାନା କରାଯାଇପାରିବ । ଜରିମାନା ନଦେଲେ (୯ ପୃଷ୍ଠାରେ)

## ନୀରବତା ଭାଙ୍ଗିଲେ ନରଭାଣେ

# ପେଙ୍ଗୁଇନ୍‌ର ଟ୍ୱିଟ୍‌କୁ କଲେ ସେୟାର




ନୂଆଦିଲ୍ଲୀ, ୧୦।୨ : ରାଜନୈତିକ ବାଦ ବିବାଦ ସୃଷ୍ଟି କରିଥିବା ପୂର୍ବତନ ସେନା ମୁଖ୍ୟ ସେନା ମୁଖ୍ୟ ଏନ୍‌ଏମ୍ ନରଭାଣେ ପୁସ୍ତକ 'ଫୋର୍ ଷ୍ଟାର ଅଫ୍ ଡେଷ୍ଟିନ୍'କୁ ନେଇ ଏହାର ପ୍ରକାଶନ ଦାୟିତ୍ୱ ନେଇଥିବା ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ସ୍ପଷ୍ଟୀକରଣ ଦେଇଛି । ପୂର୍ବତନ ସେନା ମୁଖ୍ୟ ନରଭାଣେ ଏ ସମ୍ପର୍କରେ ତାଙ୍କ ନୀରବତା ଭାଙ୍ଗିଛନ୍ତି । ନରଭାଣେ ଆଜି ପେଙ୍ଗୁଇନ୍ ପକ୍ଷରୁ ହୋଇଥିବା ଟ୍ୱିଟ୍‌କୁ ସେୟାର କରିଛନ୍ତି ।

ପେଙ୍ଗୁଇନ୍ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ ଏହି ପୁସ୍ତକର ସ୍ୱତନ୍ତ୍ର ପ୍ରକାଶନ ଅଧିକାର ତାଙ୍କ ନିକଟରେ ରହିଛି । ଏହାର କୌଣସି ରୂପ ପ୍ରକାଶିତ ହୋଇନାହିଁ । ଏହି ବିବୃତ୍ତିକୁ ନରଭାଣେ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ପେଙ୍ଗୁଇନ୍ ପକ୍ଷରୁ ଉଲ୍ଲେଖ କରାଯାଇଥିଲା ଯେ ପୁସ୍ତକଟି ପ୍ରକାଶନ ପାଇଁ ଯାଇନାହିଁ । ଏହାର (୯ ପୃଷ୍ଠାରେ)

## ୨୫୦ ନୂଆ ଆମ୍ବୁଲାନ୍ସ ସେବା ଆରମ୍ଭ

ଭୁବନେଶ୍ୱର, ୧୦।୨ (ସବ୍ୟୁ) : ଆମ୍ବୁଲାନ୍‌ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଳିଙ୍ଗ ଷ୍ଟାଡିୟମ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି ।

ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି । ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ

# ଏୟାରଷ୍ଟ୍ରିପରେ ଆମ୍ବୁଲାନ୍ସ ବ୍ୟବସ୍ଥା ହେବ : ମୁଖ୍ୟମନ୍ତ୍ରୀ



ହୋଇଥିବା ବେଳେ, ଆଜି କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୫୦ଟି ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି । ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି ।

ବର୍ତ୍ତମାନ ସାରା ରାଜ୍ୟରେ ୮୭୭ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି । ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି । (୯ ପୃଷ୍ଠାରେ)

## ହିମନ୍ତଙ୍କ ପଏଣ୍ଟ ବ୍ଲାଙ୍କ ସୁଟ୍ ବିବାଦ ଭିଡ଼ିଓ ସୁପ୍ରିମ୍‌କୋର୍ଟରେ

ନୂଆଦିଲ୍ଲୀ, ୧୦।୨ : ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କର ବିବାଦୀୟ ପଏଣ୍ଟ ବ୍ଲାଙ୍କ ସୁଟ୍ ଭିଡ଼ିଓକୁ ନେଇ ହୋଇଥିବା ବିବାଦ ଏବେ ସୁପ୍ରିମ୍‌କୋର୍ଟରେ ପହଞ୍ଚିଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି ଏ ପ୍ରସଙ୍ଗରେ ତାଙ୍କ ମତ ରଖି କହିଛନ୍ତି ଯେ ନିର୍ବାଚନ ପାଖେଇ ଆସିଲେ ପ୍ରାୟତଃ ରାଜନୈତିକ ଲଢ଼େଇଗୁଡ଼ିକ ସୁପ୍ରିମ୍‌କୋର୍ଟରେ ପହଞ୍ଚିଥାଏ ।

ହିମନ୍ତଙ୍କ ଏହି ଭିଡ଼ିଓ ଶନିବାର ଆସାମ ବିଜେପି ସୋସିଆଲ ମିଡ଼ିଆରେ ଏହି ଭିଡ଼ିଓଟିକୁ ଅପ୍‌ଲୋଡ୍ ରକିବାପରେ ବିବାଦ ଦେଖାଯାଇଛି । ଏହି ଭିଡ଼ିଓରେ ଲକ୍ଷ୍ୟ କରାଯାଉଛି ଯେ ହିମନ୍ତ ବନ୍ଧୁକକୁ ଉଠାଇ ଦୁଇ (୯ ପୃଷ୍ଠାରେ)

## ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି

ଭୁବନେଶ୍ୱର, ୧୦।୨ (ସବ୍ୟୁ): ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ମାନଙ୍କ ଦରମା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି । ଏନଏଚଏମରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ମାନଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରଙ୍କ ଅବଦାନ ପ୍ରତି ଗୁରୁତ୍ୱ ଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ୫ ବର୍ଷରୁ କମ ସମୟ ଅବଧି ପାଇଁ (୯ ପୃଷ୍ଠାରେ)

# ଦନ୍ତା ଉତ୍ପାତ : ୩ ମୃତ, ୩ ଗୁରୁତର

ଢେଙ୍କାନାଳ, ୧୦।୨ (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ପାଟପୁରି ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଉଥିବା ବେଳେ ଦନ୍ତା ହାତୀ ଆକ୍ରମଣରେ ୩ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଗୁରୁତର ଆହତହୋଇ ଚିକିତ୍ସିତ ହେଉଛନ୍ତି । ଢେଙ୍କାନାଳ ଜିଲ୍ଲା ଏକ ହାତୀ ପ୍ରବଣ ଜିଲ୍ଲା ଭାବରେ ବେଶ ପରିଚିତ୍ । ଜିଲ୍ଲାରେ ପ୍ରତ୍ୟେକ ଦିନ ହାତୀ ମଣିଷ ଲଢେଇରେ ବହୁ ଧନ ଜୀବନ କ୍ଷୟକ୍ଷତି ହେଉଛି ।ମଙ୍ଗଳବାର ଦିନ ସଦର ରେଞ୍ଜ ପାଟପୁରି ଜଙ୍ଗଲରେ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି ।

ସୂଚନା ଅନୁଯାୟୀ ଆଜି ସକାଳେ ଲୋଚାପଲ୍ଲୀ ଗ୍ରାମର ୬ଜଣ ମହିଳା ଗ୍ରାମ ନିକଟ ପାଟପୁରି ଜଙ୍ଗଲକୁ କାଠ ଗୋଟାଇବା ପାଇଁ ଦିନ ୧୦ଟା ସମୟରେ ଯାଇଥିଲେ । ଜଙ୍ଗଲ ଭିତରକୁ ପଶିବା ମାତ୍ରେ ସମସ୍ତେ ଗୋଟିକିଆ ହାତୀ ହାବୁଡରେ ପଡିଯାଇଥିଲେ । ହାତୀକୁ ଦେଖି ଜୀବନ ବିକଳରେ ସେମାନେ ପଳାଇ ଆସୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଫଳରେ ହାତୀ ଆକ୍ରମଣରେ ୬ ଜଣ ଯାକ ଶିକାର ହୋଇ ଗୁରୁତର ଭାବେ ଆହତ ହୋଇଥିବା (୯ ପୃଷ୍ଠାରେ)

### ଦୁଃଖ ପ୍ରକାଶ କଲେ ନବୀନ

ଭୁବନେଶ୍ୱର,୧୦।୨(ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ହାତୀ ଆକ୍ରମଣ ଭଳି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ମହିଳା ପରିବାରଙ୍କ ସଦସ୍ୟଙ୍କ ପ୍ରତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି । ଏଥିସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ସୋସିଆଲ ମିଡ଼ିଆଲରେ ନବୀନ ଉଲ୍ଲେଖ କରିଛନ୍ତି (୯ ପୃଷ୍ଠାରେ)

## ତ୍ରିକୋଣୀୟ ପ୍ରେମ ହତ୍ୟାକାଣ୍ଡ

# ଆତ୍ମସମର୍ପଣ କଲା ଦିନେଶ

ଭୁବନେଶ୍ୱର, ୧୦।୨ (ସବ୍ୟୁ) : ନିଳାଦ୍ରୀବିହାର ତ୍ରିକୋଣୀୟ ପ୍ରେମ ହତ୍ୟାକାଣ୍ଡ ମାମଲାର ଗୁମର ଧୀରେ ଖୋଲିବାରେ ଲାଗିଛି । ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଟ୍ୟାକ୍ସି ଡ୍ରାଇଭର ସତ୍ୟବ୍ରତ ପ୍ରଧାନ ଓରଫ ବାବୁନା ଦୌଡୁଥିବା ବେଳେ ତାଙ୍କୁ ଲିଜା ଓ ଦିନେଶ ଗୋଡାଉଥିବା ସିସି କ୍ୟାମେରା ଫୁଟେଜ ପୋଲିସ ହାତରେ ଲାଗିଛି । ଦୁଇଦିନ ହେବ ଲିଜା ଯେଉଁ ପ୍ରକାର ବୟାନ ବଦଳାଇ ପୋଲିସକୁ ବିଭ୍ରାନ୍ତିରେ ପକାଇବାକୁ ଚେଷ୍ଟା କରୁଥିଲେ ସିସି କ୍ୟାମେରା ଫୁଟେଜ୍‌ରୁ ସ୍ପଷ୍ଟ ହୋଇଯାଇଛି ହତ୍ୟାକାଣ୍ଡରେ ତାଙ୍କ ଭୂମିକା କ'ଣ । ନିଳାଦ୍ରୀବିହାର ସେକଫର-୨ ଲିଜା ଭଡାଘରକୁ ପୋଲିସ ସିଲ୍ କରିବା ସହ ମଙ୍ଗଳବାର ପାର୍ଲରରେ ଚଢାଉ କରି ତଥ୍ୟ ସଂଗ୍ରହ କରିଛି । ମୁଖ୍ୟ ଅଭିଯୁକ୍ତ ଦିନବନ୍ଧୁ ନାୟକ ଓରଫ ଦିନେଶ ଜଗତସିଂହପୁର ଟାଉନ୍ ଥାନାରେ

- ସାମ୍ନାକୁ ଆସିଲା ସିସି କ୍ୟାମେରା ଫୁଟେଜ୍
- ଲିଜା ଭଡାଘର ସିଲ୍, ପାର୍ଲରରେ ଚଢାଉ
- କାର୍ ମାଲିକାଣୀଙ୍କ ଉପରେ ପୋଲିସ ନଜର

ଆତ୍ମସମର୍ପଣ କରିଥିବା ପୋଲିସ କହିଛି । ପୋଲିସ ହେପାଜତକୁ ଆସିବା ପରେ ତାକୁ ମାରାଥନ ଜେରା କରାଯାଉଥିବା ସୂଚନା ମିଳିଛି ।

କାର୍ ମାଲିକାଣୀ ପିଙ୍କି ନାୟକଙ୍କୁ ପୋଲିସ ପ୍ରଥମେ ଜେରା କରି ଛାଡିଥିଲେ ମଧ୍ୟ ଯେକୌଣସି ସମୟରେ ଡାକିଲେ ହାଜର ହେବାକୁ ସର୍ତ୍ତ ରହିଛି । ପିଙ୍କିଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । କାରଣ ଗାଡି ଭିତରେ ନିଶିଦ୍ଧ କଫ୍ ସିରପ୍ ବୋତଲ, ମହିଳାଙ୍କ ଡ୍ରେସ୍, ଲିପଷ୍ଟିକ୍, ଛୋଟ ଭ୍ୟାନିଟି ଓ ଅନ୍ୟାନ୍ୟ କେତେକ ସାମଗ୍ରୀ ଥିବା ନଜରକୁ ଆସିଛି । ଶିଶୁଭବନ ଛକରେ ବ୍ରିଜ୍ ଉପରୁ ତଳକୁ ଖସିପଡିଥିବା ଗାଡି କେଉଁ କାମରେ ବ୍ୟବହାର ହେଉଥିଲା ଓ ସେଥିରେ କେଉଁମାନେ ଯାତାୟାତ କରନ୍ତି ତାହା ସନ୍ଦେହ ସୃଷ୍ଟି କରିଛି । ଗାଡିରେ ଥିବା ନିଷିଦ୍ଧ କଫ୍ ସିରପ୍‌କୁ କିଏ କାହିଁକି ସେବନ କରନ୍ତି, ତାହା ମଧ୍ୟ ଜଣାପଡ଼ିନାହିଁ । ରକ୍ତ ଜୁଡୁବୁଡୁ ଟ୍ୟାକ୍ସି ଡ୍ରାଇଭର ସତ୍ୟବ୍ରତକୁ ଲିଜା ଓ ଦିନେଶ ସେକଫର-୨ ଭଡାଘର ଠାରୁ ଗୋଡାଇ ଗୋଡାଇ ଶୈଳଶ୍ରୀବିହାର ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ସତ୍ୟବ୍ରତ ପଡିଯାଇଥିବା ବେଳେ ଲିଜା ଡାକ ପକାଇଥିଲେ ।

ଶିଶୁଭବନ ଓଭରବ୍ରିଜ୍ ଉପରୁ ତଳକୁ ଖସିଥିବା କାର୍‌କୁ ପୋଲିସ ଜବତ କରିଛି । (୯ ପୃଷ୍ଠାରେ)

# ୪୧୧୧.୮୦ କୋଟିର ନିବେଶ ପ୍ରକଳ୍ପକୁ ମଞ୍ଜୁରୀ


ଭୁବନେଶ୍ୱର, ୧୦।୨ (ସବ୍ୟୁ) : ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି (ଏସଏଲଏସଡବ୍ଲ୍ୟୁସିଏ) ବୈଠକରେ ୪୧୧୧.୮୦ କୋଟି ଟଙ୍କାର ୨୩ ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ

## ୯୯୨୪ ନିଯୁକ୍ତି ସୁଯୋଗ ସୃଷ୍ଟି



ମିଳିଛି । ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ୯୯୨୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପ ଗୁଡିକ ଓଡ଼ିଶାର ଶିଳ୍ପ ବାତାବରଣକୁ ସୁଦୃଢ଼ କରିବା ସହ ନିଯୁକ୍ତି ଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ । ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ଇନଭେଟ୍ କିଡ ଇଣ୍ଡିଆ ପକ୍ଷରୁ ୩୦୦ କୋଟି ଟଙ୍କାର ନିବେଶରେ ଗଞ୍ଜାମ ଜିଲ୍ଲାରେ ଏକ ମଲ୍ଟି ଡ୍ରୋନ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ ।

ମୁଖ୍ୟ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ (୯ ପୃଷ୍ଠାରେ)



## ସୂର୍ଯ୍ୟ କିରଣ ରୋକିବାକୁ ଉଦ୍ୟମ

ଖରାଦିନ ଆସିଲେ ଗରମକୁ ନେଇ ସମସ୍ତଙ୍କର ଚିନ୍ତା ବଢିଯାଏ । ତେବେ ସବୁଠାରୁ ବେଶି ତାପମାତ୍ରା ବଢିବାର କାରଣ ହେଉଛି ସୂର୍ଯ୍ୟ କିରଣ । ତେଣୁ ସୂର୍ଯ୍ୟକିରଣରୁ କିଭଳି ମୁକ୍ତି ମିଳିବ ତାକୁ ନେଇ ବର୍ତ୍ତମାନ ଅନେକ ଦେଶ କାର୍ଯ୍ୟ କରୁଛନ୍ତି । ଏହି କ୍ରମରେ ସାମିଲ ହୋଇଛି ଇଜରାଇଲ, ଯିଏ ବର୍ତ୍ତମାନ ସୂର୍ଯ୍ୟ କିରଣକୁ ପୃଥିବୀରେ ପଡିବାକୁ ହିଁ ଦେବ ନାହିଁ । ଇଜରାଇଲର ଏକ କମ୍ପାନୀର ଏହି ଦାବି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିପାଇଁ ଇଜରାଇଲ ଏକ ଟେକନିକ ବିକଶିତ କରିବାକୁ ଯୋଜନା କରିଛି, ଯାହାକୁ ସନ ଡିମିଂ ଟେକନିକ କୁହାଯାଉଛି । ଏହି ଟେକନିକ ପାଇଁ ଆଇଡିଆ ବୈଜ୍ଞାନିକମାନେ ପ୍ରକୃତି ଠାରୁ ହିଁ ନେଉଛନ୍ତି । ସୂଚନା ଅନୁସାରେ ଯେତେବେଳେ ଜ୍ୱାଳାମୁଖୀ ଫାଟିଥାଏ ସେତେବେଳେ ଧୂଆଁ, ଧୂଳିକଣା ଏଭଳି ଏକ ଆସ୍ତରଣ ତିଆରି କରନ୍ତି, ଯାହା ସୂର୍ଯ୍ୟକିରଣକୁ ପୃଥିବୀରେ ପଡିବାକୁ ଦେଇନଥାଏ । ଯେଉଁଥିରୁ ପ୍ରେରିତ ହୋଇ ବୈଜ୍ଞାନିକମାନେ ଏହି ଉପାୟ ବାହାର କରିଛନ୍ତି । ପୃଥିବୀର ଉପରେ ୧୦ ରୁ ୫୦ କିମି ଉପରେ ବାୟୁମଣ୍ଡଳରେ ଖୁବ ଛୋଟଛୋଟ କଣିକାକୁ ଛଡାଯିବ । ଯାହା ଷ୍ଟ୍ରେଟୋଫେୟରରେ ଏକ ଅଦୃଶ୍ୟ ସ୍ତର ନିର୍ମାଣ କରିବ । ଏହି ସ୍ତର କାରଣରୁ ସୂର୍ଯ୍ୟକିରଣ ପୃଥିବୀରେ ପଡିବନାହିଁ । ସେହିଭଳି ଏହି ସ୍ତର କାରଣରୁ ଏସିଡ ବର୍ଷା କିମ୍ବା ଓଜନ ସ୍ତରର କୌଣସି କ୍ଷତି ହେବ ନାହିଁ । ତେବେ ବର୍ତ୍ତମାନ ଏହା ଉପରେ ଅଧିକ ଗବେଷଣା ଜାରି ରହିଛି । ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେହି ଏହାକୁ ଠିକ ଭାବୁଥିବାବେଳେ କେହି ସୂର୍ଯ୍ୟକିରଣ ଯମା ନପଡିବାର କ୍ଷତି ସମ୍ପର୍କରେ ଆଲୋଚନା କରୁଛନ୍ତି ।



## ଦୋଷର ୪୫ ବର୍ଷ ପରେ ଗିରଫ

ନିକଟରେ ଏକ ଘଟଣା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ମଧ୍ୟପ୍ରଦେଶ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି । ସୂଚନା ଅନୁସାରେ ଦୀର୍ଘ ୪୫ ବର୍ଷତଳେ ସେ ୧୦୦ ଟଙ୍କାର ଗହମ ଚୋରି କରିଥିଲେ । ଯେଉଁ ଅଭିଯୋଗ ହେବାପରେ ବ୍ୟକ୍ତି ଜଣଙ୍କ ଫେରାର ହୋଇଯାଇଥିଲେ। ସେ ଏହି ଗହମ ୧୯୮୦ ମସିହାରେ ଚୋରି କରିଥିଲେ ଏବଂ ଚୋରି କରିବାବେଳେ ତାଙ୍କୁ ମାତ୍ର ୨୦ ବର୍ଷ ବୟସ ହୋଇଥିଲା । ୪୫ ବର୍ଷ ଖୋଜିବା ପରେ ବର୍ତ୍ତମାନ ପୋଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି । ତେବେ ଏତେ ବର୍ଷ କିଭଳି ପୋଲିସ ତାଙ୍କୁ ଖୋଜି ପାଇନଥିଲା, ତାହାକୁ ନେଇ ସୋସିଆଲ ମିଡିଆରେ ଖୁବ ପ୍ରଶ୍ନ ଉଠୁଥିବାର ଦେଖିବାକୁ ମିଳିଛି ।

## ସୋସିଆଲ କୋଟ୍ସ



ପ୍ରେମକୁ ନେଇ ମୋ ଉପରେ ଅନେକ ଅଭିଯୋଗ ହୋଇଛି । ହେଲେ ସେ ସବୁ ମିଛ । ଯେଉଁମାନେ ଏପରି କରୁଛନ୍ତି ସେମାନେ ସେମାନଙ୍କ ପାଖରେ କିଛି କାମ ନାହିଁ କରିବାକୁ । ଏଭଳି ଅଭିଯୋଗ କେବେ ବି କାମ କରିନି ।

**ଗୋବିନ୍ଦା, ଅଭିନେତା**



ଗୋଲମାଲ ୫ କୌଣସି ଫିଲ୍ମରୁ ପ୍ରେରିତ ହୋଇ ନିର୍ମାଣ ହୋଇନାହିଁ । ଏହି ସମସ୍ତ ରିପୋର୍ଟ ସମ୍ପୂର୍ଣ୍ଣ ମିଛ । ସମସ୍ତଙ୍କୁ ଅନୁରୋଧ ଏଭଳି କିଛି ଖବର ପ୍ରଚାର ପ୍ରସାର କରନ୍ତୁ ନାହିଁ ।

**ରୋହିତ ସେଟ୍ଟି, ଫିଲ୍ମ ମେକର**




ଅନେକ ମିଛ କଥା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ମୁଁ ଏବେ ବି ସ୍ପିରିଟ ଫିଲ୍ମର ଅଂଶ ଅଛି । ଏଭଳି ମିଛ ଓ ମୂଲ୍ୟହୀନ କଥାକୁ ମୁଁ ଗୁରୁତ୍ୱ ଦେଇ ନଥାଏ ।

**ପ୍ରକାଶ ରାଜ, ଅଭିନେତା**

## ବଜ୍ରାସନ

ପ୍ରଥମେ ଚଟାଣରେ ଏକ ଯୋଗ ମ୍ୟାଟ୍ ପକାଇ ଦୁଇ ଗୋଡ଼କୁ ଆଗକୁ ପ୍ରସାରିତ କରି ବସନ୍ତୁ। ଏବେ ବାମ ଗୋଡ଼କୁ ଆଣ୍ଠୁରୁ ଭାଙ୍ଗି ବାମ ଜଙ୍ଘ ତଳେ ଏବଂ ଡାହାଣ ଗୋଡ଼କୁ ଭାଙ୍ଗି ଡାହାଣ ଜଙ୍ଘ ତଳେ ରଖନ୍ତୁ। ଧ୍ୟାନ ରଖନ୍ତୁ ଯେପରି ଆପଣଙ୍କ ପାଦର ଦୁଇ ବୁଢ଼ା ଆଙ୍ଗୁଠି ପରସ୍ପରକୁ ସ୍ପର୍ଶ କରୁଥିବ ଏବଂ ଆପଣ ଗୋଇଠି ଉପରେ ବସିଥିବେ। ଆପଣଙ୍କ ମେରୁଦଣ୍ଡ ଏବଂ ବେକକୁ ପୁରା ସିଧା ରଖନ୍ତୁ। ଦୁଇ ହାତକୁ ନିଜ ଆଣ୍ଠୁ ଉପରେ ରଖନ୍ତୁ ଏବଂ ଆଖି ବନ୍ଦ କରି ସାଧାରଣ ଭାବେ ନିଶ୍ୱାସ ପ୍ରଶ୍ୱାସ ନିଅନ୍ତୁ। ଏହି ଅବସ୍ଥାରେ ଅତିକମରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ବସନ୍ତୁ ।



ଉପକାରିତା

- ଏହି ଆସନ ଶରୀରର ମଧ୍ୟଭାଗରେ ରକ୍ତ ସଞ୍ଚାଳନ ବୃଦ୍ଧି କରେ, ଯାହା ଫଳରେ ଖାଦ୍ୟ ଶୀଘ୍ର ହଜମ ହୁଏ ।
- ନିୟମିତ ଏହାକୁ ଅଭ୍ୟାସ କଲେ ପେଟର ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ ।
- ମେରୁଦଣ୍ଡ ସଳଖ ରହେ,ଏହା ଶରୀରର ଗଠନ ସୁଧାରିବାରେ ସାହାଯ୍ୟ କରେ ।
- ଏହା ମନକୁ ଶାନ୍ତ ରଖେ ଏବଂ ଏକାଗ୍ରତା ବୃଦ୍ଧି କରିବାରେ ସହାୟକ ହୁଏ ।

## ଟ୍ରେଣ୍ଡରେ ଚୀନ ଜୀବନଶୈଳୀ

ଦୁନିଆରେ ବଢୁଛି ଚୀନ ବାସିନ୍ଦାଙ୍କ ଟ୍ରେଣ୍ଡ । ସମସ୍ତେ ବର୍ତ୍ତମାନ ଚୀନ ଲୋକଙ୍କ ଭଳି ଖାଇବା, ଶୋଇବା ଓ ବିଭିନ୍ନ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଛି । ଏହି ଟ୍ରେଣ୍ଡର ନାଁ ରହିଛି ବିକମିଂ ଚାଇନିଜ । ଏହି ଟ୍ରେଣ୍ଡର ଆରମ୍ଭ ୨୩ ବର୍ଷୀୟ ଟିକଟକ ଇନ୍ଫ୍ଲୁଏନ୍ସରଙ୍କ ଠାରୁ ହୋଇଥିଲା । ସେ ନିଜ ଭିଡିଓରେ ଚୀନ ଲୋକଙ୍କ ଲାଇଫ ଷ୍ଟାଇଲ ଓ ଦୈନନ୍ଦିନ କାର୍ଯ୍ୟ ଉପରେ ଭିଡିଓ ନିର୍ମାଣ କରିଥିଲେ । ଯେଉଁ ଭିଡିଓ ଗୁଡିକୁ ଲୋକ ଦେଖିବାସହିତ ଅନୁକରଣ କରୁଥିବା ନଜରକୁ ଆସୁଛି । ବର୍ତ୍ତମାନ ଲୋକମାନେ କଫି ବଦଳରେ ଗରମ ପାଇଁ ଓ ସାଲାଡ ବଦଳରେ ବୋନ୍ ବ୍ରୋଥ ପିଉଛନ୍ତି । ସେହିଭଳି ଅଫିସ ଷ୍ଟ୍ରେସକୁ ଦୂର କରିବା ପାଇଁ ଚୀନର ପାରମ୍ପରିକ ବ୍ୟାୟାମ କରୁଛନ୍ତି । ଏହାସହ ଆହୁରି ଅନେକ ପ୍ରକାରର ଚୀନର ପାରମ୍ପରିକ କଥାକୁ ଲୋକମାନେ ଆପଣାଉଥିବା ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଲୋକମାନେ କିଛି ନୂଆ ଲାଇଫଷ୍ଟାଇଲକୁ ଆପଣାଇବାକୁ ଚେଷ୍ଟା କରୁଛନ୍ତି, ତେଣୁ ଏଭଳି ଟ୍ରେଣ୍ଡ ଖୁବ ଭାଇରାଲ ହେଉଛି ବୋଲି ଏକ୍ସପର୍ଟମାନେ ମତ ଦେଉଛନ୍ତି । ସୋସିଆଲ ମିଡିଆରେ ଏହି ଟ୍ରେଣ୍ଡର ଅନେକ ଭିଡିଓ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି ।



## କାହିଁକି ହୋଇଥାଏ ହାକୁଟି

ପେଟରେ ଗ୍ୟାସ୍ ଜମା ହେବା କାରଣରୁ ପାଟି ଦେଇ ଗ୍ୟାସ ବାହାରିବା ପ୍ରକ୍ରିୟାକୁ ସାଧାରଣ ଭାଷାରେ ହାକୁଟି କୁହାଯାଏ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଅଧିକ ହେବା ଦ୍ୱାରା ଏହା ସମସ୍ୟା ହୋଇପାରେ।

ସାଧାରଣତଃ ଖାଇବା ବା କିଛି ପିଇବା ସମୟରେ ଯଦି ଆମେ ଅଧିକ ଗ୍ୟାସ ପେଟକୁ ନେଇଯାଉ, ତେବେ ତାହା ହାକୁଟି ଆକାରରେ ବାହାରିଥାଏ। ଶୀଘ୍ର ଖାଇବା ବା କଥା ହୋଇ ଖାଇବା ଦ୍ୱାରା ଏହା ହୋଇଥାଏ। ଏହା ଛଡା କାର୍ବୋନେଟେଡ୍ ପାନୀୟ , କଫି କିମ୍ବା ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ସୃଷ୍ଟି ହୁଏ। ଏହି ଗ୍ୟାସ ହାକୁଟି ହୋଇ ଶରୀରରୁ ବାହାରିଥାଏ । ଅନେକ ସମୟରେ ଦେଖିବାକୁମିଳେ ଯେଉଁମାନଙ୍କର, ବଦହଜମି, ଗ୍ୟାଷ୍ଟ୍ରିକ୍ ସମସ୍ୟା ବା ଏସିଡ୍ ରିଫ୍ଲକ୍ସ ଭଳି ସମସ୍ୟା ଥାଏ ସେମାନଙ୍କର ହାକୁଟି ସମସ୍ୟା ବେଶି ଦେଖିବାକୁ ମିଳେ ।



### ପ୍ରଭାବ

- ହାକୁଟି ମାଧ୍ୟମରେ ପେଟରୁ ଅତିରିକ୍ତ ବାୟୁ ବାହାରିଯାଏ, ଯାହାଫଳରେ ପେଟ ହାଲୁକା ଲାଗେ।
- ଯଦି ବାୟୁ ବାହାରି ନପାରେ, ତେବେ ପେଟ ଫୁଲିଯାଏ ଏବଂ ଅସ୍ୱାଭାବିକ ଯନ୍ତ୍ରଣା ଅନୁଭବ ହୁଏ।
- ବେଳେବେଳେ ହାକୁଟି ସହିତ ପେଟର ଏସିଡ୍ ଉପରକୁ ଆସିଥାଏ, ଯାହା ଛାତି ଜଳାପୋଡା କରାଏ।
- ଖାଇବା ପରେ ଯଦି ଏକ ଛୋଟ ହାକୁଟି ଆସୁଛି ତେବେ କିଛି ସମସ୍ୟା ନାହିଁ । ହେଲେ ଯଦି ବାରମ୍ବାର ହାକୁଟି ଆସୁଛି ତେବେ ଏହା ବଦହଜମି କିମ୍ବା କୌଣସି ପାଚନ ସମସ୍ୟାର ସଙ୍କେତ ହୋଇଥାଏ।

### ସାବଧାନତା

- ଧୀରେ ଧୀରେ ଖାଇବା ଖାଆନ୍ତୁ । ଖାଦ୍ୟକୁ ଭଲ ଭାବରେ ଚୋବାଇ ଏବଂ ପାଟି ବନ୍ଦ କରି ଖାଆନ୍ତୁ । ଏହାଦ୍ୱାରା କମ୍ ଗ୍ୟାସ ପେଟକୁ ଯିବ।
- ସୋଡା କିମ୍ବା ଗ୍ୟାସ୍ ଯୁକ୍ତ ପାନୀୟ ପରିବର୍ତ୍ତେ ସାଧାରଣ ପାଣି ପିଅନ୍ତୁ। କୌଣସି ନିଶାଦ୍ରବ୍ୟ ଖାଉଥିଲେ ଦୂରେଇ ରୁହନ୍ତୁ ।
- ଖାଇବା ପରେ ତୁରନ୍ତ ଶୋଇ ନପଡି ଅଳ୍ପ ସମୟ ଚଲାବୁଲା କଲେ ହଜମ ପ୍ରକ୍ରିୟା ଠିକ୍ ରହେ। ଏହି କାରଣରୁ ହାକୁଟି ମଧ୍ୟ ଆସିନଥାଏ ।
- ଯଦି ଆପଣଙ୍କୁ ଦିନସାରା ଅତ୍ୟଧିକ ହାକୁଟି ଆସୁଛି ଏବଂ ପେଟରେ ଯନ୍ତ୍ରଣା ହେଉଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ ।



## ଅନଲାଇନ ବଡିସେମିଂ କଷ୍ଟଦାୟକ

ବଲିଉଡର ପ୍ରତିଷ୍ଠିତ ଅଭିନେତା ସଞ୍ଜୟ କପୁର ଏବଂ ମହୀପ କପୁରଙ୍କ କନ୍ୟା ସନାୟା କପୁର ଭାରତୀୟ ଚଳଚ୍ଚିତ୍ର ଜଗତରେ ପାଦ ଦେବା ପୂର୍ବରୁ ହିଁ ସୋସିଆଲ ମିଡିଆରେ ବେଶ୍ ପରିଚିତ। ତେବେ ଗ୍ଲାମର ଦୁନିଆର ସମସ୍ତ ଚାକଚକ୍ୟ ମଧ୍ୟରେ ୨୭ ବର୍ଷୀୟା ସନାୟା ଅନେକ ସମୟରେ ଅନଲାଇନ୍ ନକାରାତ୍ମକତାର ଶିକାର ହୋଇଥାନ୍ତି । ନିକଟରେ ଏକ ସାକ୍ଷାତକାରରେ ସେ ନିଜର ବ୍ୟକ୍ତିଗତ ଅନୁଭୂତି ବାଣ୍ଟିଛନ୍ତି । ଏଥିରେ ସେ ଅନଲାଇନ ବଡିସେମିଂ ସମ୍ପର୍କରେ ମନଖୋଲି କଥା ହୋଇଛନ୍ତି । ଅନଲାଇନ୍ ବଡି ସେମିଂ ଏବଂ ଲୁକ୍ସକୁ ନେଇ କରାଯାଉଥିବା କଟୁ ମନ୍ତବ୍ୟ ତାଙ୍କୁ ମାନସିକ ସ୍ତରରେ ଗଭୀର ଆଘାତ ଦେଇଥାଏ ବୋଲି ସନାୟା ପ୍ରକାଶ କରିଛନ୍ତି। ବିଶେଷ କରି ତାଙ୍କର ଚେହେରାକୁ ନେଇ କରାଯାଉଥିବା ଥଟ୍ଟା ପରିହାସକୁ ଏଡାଇବା ତାଙ୍କ ପାଇଁ ବେଶ୍ ଚ୍ୟାଲେଞ୍ଜିଂ ହୋଇଥାଏ। ତେବେ ସେ ଏହାର ମଧ୍ୟ ରାସ୍ତା ବାହାର କରିଛନ୍ତି। ଯେଉଁସମୟରେ ଏହି ଟ୍ରୋଲିଂ ଅସହ୍ୟ ହୋଇପଡେ, ସେ ସେତେବେଳେ ନିଜ ମାଆ ମହୀପଙ୍କ ସହ ସବୁକଥା ସେୟାର କରନ୍ତି। ତେବେ ସନାୟା ନିଜ କାମକୁ ନେଇ ବେଶ୍ ସଚେତନ। ଯଦି ଦର୍ଶକ ତାଙ୍କ ଅଭିନୟ ବା ନୃତ୍ୟକୁ ନେଇ କୌଣସି ସମାଲୋଚନା କରନ୍ତି, ତେବେ ସେ ତାହାକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତି। ତାଙ୍କ ମତରେ, ଭାଷା କଠୋର ହେଲେ ମଧ୍ୟ ଏହା ତାଙ୍କୁ ବାସ୍ତବତା ସହ ଯୋଡି ରହିବାକୁ ସାହାଯ୍ୟ କରିଥାଏ। ନିଜର ଆଗାମୀ ଡେବ୍ୟୁ ଫିଲ୍ମ 'ଆଖୋଁ କି ଗୁସ୍ତାଖିୟାଁ' ପାଇଁ ସେ ଏବେ ବେଶ୍ ଉତ୍ସାହିତ ଅଛନ୍ତି ।

## ଇତିହାସ

୧୫୪୩- ରୋମ୍ ଓ ଇଂଲଣ୍ଡ ମଧ୍ୟରେ ଫ୍ରାନ୍ସ ବିପକ୍ଷରେ ବୁଝାମଣା ହେଲା ।
୧୬୧୩- ସୁରତରେ କାରଖାନା ସ୍ଥାପନ କରିବା ଲାଗି ମୋଗଲ ସମ୍ରାଟ ଜାହାଙ୍ଗୀର ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଅନୁମତି ଦେଲେ ।
୧୮୧୪ -ୟୁରୋପୀୟ ଦେଶ ନରୱେ ସ୍ୱତନ୍ତ୍ରତା ଘୋଷଣା କଲା ।
୧୯୫୫- ଭାରତରେ ପ୍ରଥମଥର ପାଇଁ ଖବରକାଗଜର ପ୍ରକାଶନ କରାଗଲା ।
୧୯୫୯- ଭାରତୀୟ କ୍ରିକେଟର ଭିନୁ ମଙ୍କଡ଼ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିଲ୍ଲୀରେ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଲେ ।
୧୯୬୮- ଲେଖକ, ଜନସଙ୍ଘ ସଂସ୍ଥାପକ, ପତ୍ରକାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ହତ୍ୟା କରାଗଲା ।
୧୯୭୭- ଭାରତର ପଞ୍ଚମ ରାଷ୍ଟ୍ରପତି ଫଖରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କ ପରଲୋକ।
୧୯୯୦- ଦୀର୍ଘ ୨୭ ବର୍ଷ ପରେ ଦକ୍ଷିଣ ଆଫ୍ରିକାର ମହାନ ନେତା ନେଲସନ୍ ମାଣ୍ଡେଲା ଜେଲ୍‌ରୁ ମୁକୁଳିଲେ ।

## ଓଡିଆ ରୁଚି

### ଦହି କାକୁଡି ସରବତ

**ସାମଗ୍ରୀ** - ଦହି, କାକୁଡି, ଆମ୍ବକସି ଅଦା, ପୋଦିନା ପତ୍ର, ଧନିଆ ପତ୍ର, କଞ୍ଚାଲଙ୍କା, କମଳା ଗୋଟେ କୋଳା, ଭଜା ଜିରା ଗୁଣ୍ଡ, ବିଟ୍ ଲୁଣ, ଚାଟ ମସଲା, ଜଳଜିରା, ଲୁଣ, ଅଳ୍ପ ଚିନି ।



**ପ୍ରଣାଳୀ** - ଗୋଟିଏ ଗ୍ରାଇଣ୍ଡରରେ ପୋଦିନା ପତ୍ର, ଦହି, ଧନିଆ ପତ୍ର, ଆମ୍ବ କସି ଅଦା, କାକୁଡିକୁ ଭଲକରି ବାଟି ନିଅନ୍ତୁ । ଏହାପରେ ଏକ ବଡ ପାତ୍ରରେ ପାଣିରେ ଏହି ଦହି ମିଶ୍ରଣକୁ ମିଶାନ୍ତୁ। ଏହାପରେ ଏଥିରେ କଞ୍ଚା ଲଙ୍କାକୁ ଛେଚି ପକାନ୍ତୁ। ଏହି ମିଶ୍ରଣରେ ବର୍ତ୍ତମାନ ଆବଶ୍ୟକ ଅନୁଯାୟୀ ଲୁଣ, ଅଳ୍ପ ଚିନି, ଭଜା ଜିରା ଗୁଣ୍ଡ, ବିଟ ଲୁଣ, ଜଳଜିରା, ଚାଟ ମସଲା ପକାଇ ଭଲକରି ଗୋଳାଇ ଦିଅନ୍ତୁ । ଶେଷରେ ଗୋଟିଏ କମଳା କୋଲା ଚିପୁଡି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଦହି କାକୁଡି ସରବତ ଏହାକୁ ଫ୍ରିଜରେ ରଖି ପରଷନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ।



**ମେଷ**- ଶରୀର ଅସୁସ୍ଥ, ଅର୍ଥକଷ୍ଟ, ମୋକଦ୍ଦମାରେ ବିଜୟ, ଶତ୍ରୁ ସମସ୍ୟା, ମାନସିକ ଅଶାନ୍ତି, ବ୍ୟବସାୟରେ କଷ୍ଟ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ।

**ବୃଷ-** ମାନସିକ ଶାନ୍ତି, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, କାର୍ଯ୍ୟରେ ବିଳମ୍ବ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ।

**ମିଥୁନ-** ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ଶରୀର ସମସ୍ୟା, ଆଶା ପୂର୍ଣ୍ଣ,ଦ୍ରବ୍ୟ ପ୍ରାପ୍ତି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା- ମା ଭଗବତୀ।

**କର୍କଟ-** ମାନସିକ ଖୁସି, ବନ୍ଧୁ ପ୍ରାପ୍ତି, ଦେବକାର୍ଯ୍ୟରେ ଆଗ୍ରହ, ମାମଲା ସମାଧାନ, ସୁମିଷ୍ଟ ଭୋଜନ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲଡ଼େନ, ସଂଖ୍ୟା-୯, ଆରାଧନା- ମା ବୃନ୍ଦାବତୀ।

**ସିଂହ-** କଳହ, ଶୁଭଖବର, ବନ୍ଧୁଲାଭ, କାର୍ଯ୍ୟରେ ବିଳମ୍ବ, ଦୂରଯାତ୍ରା, ମାନସିକ ଅଶାନ୍ତି, ସମ୍ପର୍କ ହାନି, ଗୃହ ସମସ୍ୟା, ସନ୍ତାନ ଚିନ୍ତା, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନାରାୟଣ।

**କନ୍ୟା-** ସମ୍ମାନ ଲାଭ, ମାନସିକ ଶାନ୍ତି, ଶୁଭଖବର, ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, ମାମଲା ସମାଧାନ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ।

**ତୁଳା-** ମାନସିକ ଅଶାନ୍ତି, ଶୁଭକାର୍ଯ୍ୟ, ପାରିବାରିକ ସହଯୋଗ, ଶୁଭକାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା- ପ୍ରଭୁ ସ୍କନ୍ଦ।

**ବିଛା-** ଭୂମିଲାଭ, ଅର୍ଥପ୍ରାପ୍ତି, ଅନୁଷ୍ଠାନରୁ ଲାଭ, ସମସ୍ୟା ସମାଧାନ, ଆଶା ପୂର୍ଣ୍ଣ, ଶାରୀରିକ ସୁସ୍ଥତା, ବିଦେଶ ଭ୍ରମଣ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ-** ବ୍ୟୟ ବୃଦ୍ଧି, ଶୁଭଖବର, ମାନସିକ ଅଶାନ୍ତି, ଶାରୀରିକ କଷ୍ଟ, ଅନୁଷ୍ଠାନରୁ ଲାଭ, ଦେବକାର୍ଯ୍ୟ, ସମ୍ପତ୍ତି କ୍ରୟ ବିକ୍ରୟ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଗୁରୁଜନଙ୍କ ସେବା।

**ମକର-** କାର୍ଯ୍ୟ ସଫଳ, ମାମଲା ସମାଧାନ, ବନ୍ଧୁଲାଭ, ଉତ୍ସବ ପ୍ରତି ଆଗ୍ରହ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରାରେ ଲାଭ, ଯାନବାହନରେ ସତର୍କ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୧୦ ଆରାଧନା- ମହାଲକ୍ଷ୍ମୀ।


**କୁମ୍ଭ-** ସହଯୋଗ ବୃଦ୍ଧି, ଆର୍ଥିକ ଚିନ୍ତା, ମାନସିକ ଅଶାନ୍ତି, ଆଶା ସଫଳ, ଶରୀର ସୁସ୍ଥ, ଯାତ୍ରାରେ କ୍ଷତି, ବାଣିଜ୍ୟରେ ଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ଆରାଧନା- ମା ଦକ୍ଷିଣକାଳୀ।

**ମୀନ-** ସାମାନ୍ୟ ଲାଭ, ବନ୍ଧୁ ବିଦ୍ୱେଷ, ନୂତନ ବ୍ୟବସାୟ, କଚେରୀ ମାମଲା, ମନସ୍ତାପ, ପାରିବାରିକ ଖୁସି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ଗଣେଶ ଭଗବାନ।

**ଫାଲଗୁନ କୃଷ୍ଣପକ୍ଷ, ନବମୀ**
**୧୧.୨.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

GOVERNMENT OF INDIA
ଜୀବନ ଜୀବିକା ସୁଦୃଢ଼ କରିବା, ପରିବାରଗୁଡିକୁ ସମୃଦ୍ଧ କରିବା ପାଇଁ ପଶୁଧନ ବିକାଶ
ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ପଶୁପାଳନ ମତ୍ସ୍ୟଚାଷ ଓ କୁକୁଡ଼ା ପ୍ରଜନନ ଭିତ୍ତିଭୂମିର ବିକାଶ
CBC 35101/13/0113/2526

ବିକଶିତ ଭାରତ-ରୋଜଗାର ପାଇଁ ଗ୍ୟାରେଣ୍ଟି ଓ ଆଜୀବିକା ମିଶନ (ଗ୍ରାମୀଣ) : ଭିବି-ଜୀ ରାମ ଜୀ
(ବିକଶିତ ଭାରତ - ଜୀ ରାମ ଜୀ) ଅଧିନିୟମ, ୨୦୨୫
୧୨୫ ଦିନର ରୋଜଗାର ଗ୍ୟାରେଣ୍ଟି



### ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁ'କୁ ପାଇପ୍ ଜଳ ଯୋଗାଣ

ଭୁବନେଶ୍ୱର(ସବ୍ୟୁ): ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ କରାଯିବ । ଏହାକୁ ମିଶନ୍ ମୋଡରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗକୁ ପରାମର୍ଶ ଦେଇଛନ୍ତି । ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନ ରାଜ୍ୟର ୪୬, ୫୩୧ଟି ଗ୍ରାମ ମଧ୍ୟରୁ ୨୧, ୭୨୧ ଟି ଗ୍ରାମରେ ପାଇପ ଜଳ



ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି । ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ନିର୍ମାଣାଧୀନ ଅଛି । ସମସ୍ତ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତ । ଓଡ଼ିଶାରେ ପାଇପ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି । ତନ୍ମଧ୍ୟରୁ ଜଳ ଜୀବନ ମିଶନ୍ ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି ।

ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଚିହ୍ନା ବୃଦ୍ଧଙ୍କ ଶବ ଜବତ

ଡେଲାଙ୍ଗ,(ସବ୍ୟୁ) : ଡେଲାଙ୍ଗ ଥାନା ଅନ୍ତର୍ଗତ ହରିପୁର ରେଳ ଫାଟକ ନିକଟ ଏକ ଜଙ୍ଗଲରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ଶବ ଡେଲାଙ୍ଗ ପୋଲିସ ଜବତ କରିଛି । ବୃଦ୍ଧଙ୍କ ବୟସ ପାଖାପାଖି ୬୦ ବର୍ଷ ହୋଇଥିବା ବେଳେ ସେ ଲୁଙ୍ଗି ଗାମୁଛା ସହ ବ୍ଲୁ କଲର ସାର୍ଟ ପିନ୍ଧିଛନ୍ତି । ମଙ୍ଗଳବାର ଅପରାହ୍ନ ୪ଟାରେ ଡେଲାଙ୍ଗ ଥାନା ଏଏସଆଇ ପ୍ରଭାତ କୁମାର ପଲାଇ ଖବର ପାଇ ଘଟଣାସ୍ଥଳରେ ପହଂଚି ଶବ ଜବତ କରିଛନ୍ତି । ମୃତକଙ୍କ ପରିଚୟ ଜଣାପଡିନଥିବା ବେଳେ ସେ ସ୍ଥାନକୁ ବୃଦ୍ଧ ଜଣକ କିପରି ଆସିଲେ ଆଉ ତାଙ୍କର କିପରି ମୃତ୍ୟୁ ହୋଇଛି ପୋଲିସ ତଦନ୍ତ ଜାରୀ ରଖିଥିବା ନେଇ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି ।

### ୬ ବର୍ଷ ହେଲା ଖାଲି ପଡ଼ିଛି ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ଓ ୧୩ ସଦସ୍ୟ ପଦ

# ମାର୍ଚ୍ଚ ୧୦ ସୁଦ୍ଧା ଜବାବ ରଖନ୍ତୁ ସରକାର: ହାଇକୋର୍ଟ

କଟକ, (ସବ୍ୟୁ): ଉଚ୍ଚଶିକ୍ଷାର ବିକାଶ ପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଗଠନ ହୋଇଥିଲା । ଏହି ପରିଷଦ ଗଠନ ହେବାର ୬ବର୍ଷ ପରେ ସ୍ଥାୟୀ ଉପାଧ୍ୟକ୍ଷ ସମେତ ୧୫ଜଣ ସଦସ୍ୟଙ୍କ ମଧ୍ୟରୁ ୧୩ଜଣ ସଦସ୍ୟଙ୍କ ପଦ ଖାଲି ପଡ଼ିଛି । ଏହିସବୁ ପଦ ପୂରଣ ପାଇଁ ରୁଜୁ ମାମଲାରେ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଏହିସବୁ ପଦ ପୂରଣ ପାଇଁ ରାଜ୍ୟ ସରକାର କିଦ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ସତ୍ୟପାଠ ଜରିଆରେ ବିସ୍ତୃତ ତଥ୍ୟ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସମାଜସେବୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ମାର୍ଚ୍ଚ ୧୦କୁ ଧାର୍ଯ୍ୟ ହୋଇଛି । ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଅଧିନିୟମ,୨୦୧୭ ଅନୁସାରେ ୨୦୧୮ ମସିହାରେ ଏହି ପରିଷଦ ଗଠନ ହୋଇଥିଲା । ଏଥିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅଧ୍ୟକ୍ଷ ଥିଲାବେଳେ ଜଣେ ଶିକ୍ଷାବିତ୍‌ଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା । ଏଥିସହ ୧୫ ଜଣ ସଦସ୍ୟ ମଧ୍ୟ ଏଥିରେ ନିଯୁକ୍ତି ପାଇଥିଲେ । ଉପାଧ୍ୟକ୍ଷଙ୍କ ସମେତ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ୬ବର୍ଷ ଧାର୍ଯ୍ୟ କରାଯାଇଛି । ପ୍ରଥମ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବା ପ୍ରଫେସର ଅଶୋକ କୁମାର ଦାସ ତାଙ୍କର ଛଅ ବର୍ଷିଆ କାର୍ଯ୍ୟକାଳ ପୂରା କରିବା ପରେ ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ଚାଲିଥିବା ବେଳେ ୨୦୨୪ ଅଗଷ୍ଟ ୮ ତାରିଖରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । କିନ୍ତୁ ତାଙ୍କ ପଦ ଆଇନ ଅନୁସାରେ ପୂରଣ କରାଯିବା ପରିବର୍ତ୍ତେ ୨୦୨୪ ସେପ୍ଟେମ୍ବର ୬ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ । ଅପରପକ୍ଷରେ ପରିଷଦର ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ୧୩ ଜଣ ସଦସ୍ୟଙ୍କ ଛଅ ବର୍ଷିଆ କାର୍ଯ୍ୟକାଳ ୨୦୨୫ ଫେବୃଆରୀ ୧୯ ତାରିଖରୁ ପୂରଣ ହୋଇସାରିଲାଣି । ଏବେ ପରିଷଦ କେବଳ ଦୁଇ ଜଣ ସଦସ୍ୟଙ୍କୁ ନେଇ କାର୍ଯ୍ୟ କରୁଛି ।ଉପାଧ୍ୟକ୍ଷ ପଦରେ ଅସ୍ଥାୟୀ ଭାବେ ରହି ଆସିଥିବା ସଚିବଙ୍କ ନିଯୁକ୍ତିକୁ ରଦ୍ଦ କରାଯିବା ସହ ସମସ୍ତ ପଦକୁ ପୂରଣ ପାଇଁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଶ୍ରୀ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି ।

### ଧାନ ସଂଗ୍ରହ ପ୍ରକ୍ରିୟାରେ ହେଉଥିବା ସମସ୍ୟାର ହେବ ସମାଧାନ

# ୨୦୨୪-୨୫ର ୧୦ ପ୍ରତିଶତ ମିଲିଂ ଚାଉଳ ପଡିରହିଛି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ମିଲରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ବୈଠକରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଛନ୍ତି । ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ୨୦୨୪-୨୫ ମାର୍କେଟିଂ ଋତୁର ଚିକ୍ତିଭିତ୍ତିକ ମିଲିଂ ଚାଉଳ ପ୍ରାୟ ଦଶ ପ୍ରତିଶତ ବାକି ରହିଛି । ଏହାର ଯୋଗାଣ ଜାରି ରହିଛି । ସଂଗୃହିତ ନୂଆ ଧାନ ସଂଗ୍ରହ, ଦୀର୍ଘ ସମୟ ଧରି ମିଲରେ କଷ୍ଟମ ମିଲା ଚାଉଳ ଓ ନୂଆ ଧାନ ରଖିବା ପାଇଁ ସ୍ଥାନ ଓ ଧାନ ସଂରକ୍ଷଣ ଜନିତ ସମସ୍ୟା ରହୁଛି ବୋଲି ମିଲର୍ସ ଆସୋସିଏସନ ପକ୍ଷରୁ କୁହାଯାଇଛି । ସବୁ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନେବାକୁ ଶ୍ରୀମତୀ ଗର୍ଗ ପ୍ରତିଶ୍ରୁତି ଦେଇଛନ୍ତି ।

ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକ ଚାଉଳ ଯୋଗାଣ ଏବଂ



**ମିଲରମାନଙ୍କ ସହିତ ମୁଖ୍ୟ ସଚିବଙ୍କ ଆଲୋଚନା**

ରାଜ୍ୟ ସରକାରଙ୍କ ଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖରିଫ୍ ମାର୍କେଟିଂ ଋତୁ ୨୦୨୪-୨୫ ରେ ସଂଗୃହିତ ଧାନ ଅନୁସାରେ ସେସବୁର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସଂପର୍କରେ ଆଲୋଚନା ହୋଇଥିଲା । ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲର୍ସମାନଙ୍କ ଦ୍ୱାରା ନିଜ ନିଜ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ, ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଏଥିପାଇଁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ରହୁଥିବାରୁ ସେ ସଂପର୍କରେ ମିଲର୍ସ ଆସୋସିଏସନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

ଆହୁରି ମଧ୍ୟ ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି କରିବା ନେଇ ଅନୁରୋଧ କରିଥିଲେ । ଦୀର୍ଘ ଦିନ ଧରି ଧାନ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ସଂଘ ତରଫରୁ ପ୍ରସ୍ତାବ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘ ଠାରୁ ମିଲରମାନଙ୍କ ସମସ୍ୟା ସଂପର୍କରେ ଶୁଣିଥିଲେ । ଅନ୍ୟ ପକ୍ଷରେ ମିଲର୍ସ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ, ଧାନ ସଂଗ୍ରହ, ଚୁକ୍ତିଭିତ୍ତିକ କଷ୍ଟମ ମିଲା ଚାଉଳ ପ୍ରଦାନ କରିବା ଏକ ନିରନ୍ତର ପ୍ରକ୍ରିୟା । ଏଥିରେ ମିଲର୍ସମାନଙ୍କର ସହଯୋଗ ରହିଛି । କିନ୍ତୁ ସାମଗ୍ରିକ ପ୍ରକ୍ରିୟାରେ ମିଲର୍ସମାନେ ଦୀର୍ଘ ଦିନରୁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଥିଲେ । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ.ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର ସଭାପତି, ସଂପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନା କରିଥିଲେ ।

# ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଗଜପତି ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ସବ୍ୟୁ): ପୁରୁଣା ଓ ନୂଆ ଏଜି ନାଗରିକ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପରିସରରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଏକ ଆଧ୍ୟାତ୍ମିକ



ପରିବେଶରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ସତ୍ୟାନନ୍ଦ ଯୋଗବିଦ୍ୟାଳୟର ସ୍ୱାମୀଜୀ ସୁରୂପାନନ୍ଦ ସରସ୍ୱତୀ, କଟକ ସୁବୋଧ କୃଷ୍ଣ ମିଶନର ପ୍ରମୁଖ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ, ପୁରୀ ରାଧାବଲ୍ଲଭ ମଠର ମଠାଧୀଶ ତଥା ଓଡିଶା ପଞ୍ଚ ରାତ୍ର ସମିତିର ସଭାପତି ମହନ୍ତ ରାମକୃଷ୍ଣ ଦାସ, ପ୍ରମୁଖ ମହାଲେଖାକାର ଡି. ସାହୁ, ଭୁବନେଶ୍ୱର ଦିବ୍ୟ ଜୀବନ ସଙ୍ଘର ସ୍ୱାମୀଜୀ ବ୍ରହ୍ମାତ୍ମାନନ୍ଦ ସରସ୍ୱତୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଆଶ୍ରିବଚନ ଓ ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ ୧୦୮ କଳସ ଶୋଭାଯାତ୍ରା ଏଜି କଲୋନୀଠାରୁ ବାହାରି ସତ୍ୟାନନ୍ଦ ଆଶ୍ରମ ଠାରେ କଳସ ସ୍ଥାପିତ ହୋଇଥିଲା । ଏହି କଥାମୃତ ଶୁଣିବାକୁ ଏଜି ଅତୁଲ ପ୍ରକାଶ, ଇନକମ ଟ୍ୟାକ୍ସ କମିଶନର ନିରଜା ପ୍ରଧାନ, ବରିଷ୍ଠ ଉପ ମହାଲେଖାକାର ଭରତ ଚନ୍ଦ୍ର ବେହେରା, ମନୋଜ ଏକ୍କା, ଭୀମଲେଶ କୁମାର, ବିକାଶ କୁମାର, ବିଭିନ୍ନ କେନ୍ଦ୍ର ସରକାରୀ କର୍ମଚାରୀ, ଭୁବନେଶ୍ୱର ଦିବ୍ୟ ଜୀବନ ସଂଘର ସଭାପତି ରାଧାଶ୍ୟାମ ଦାସ ସହିତ ସଭ୍ୟସଭ୍ୟାମାନେ, ସାଧୁ, ସନ୍ଥ ଓ ସନ୍ୟାସୀ ପହଁଞ୍ଚିଥିଲେ । ଏହି କାର୍ଯ୍ୟକ୍ରମକୁ ଦୁଇ ଏଜି କଲୋନୀର ସଭାପତି ଓ ସମ୍ପାଦକ ଦୀପ୍ତି ରଞ୍ଜନ ରାୟ, ରାଜ କିଶୋର ମହାପାତ୍ର, ଅଶୋକ କୁମାର ପଟ୍ଟନାୟକ, ଏ ନାଗାରାଜୁ, କମଲ କିରଣ,ଶାରଦା ପ୍ରସନ୍ନ ମହାପାତ୍ର, କୈଳାଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ ।

### ୧୯ ରେ ମାଟ୍ରିକ୍ ପରୀକ୍ଷା

# ନୋଡାଲ ସେଣ୍ଟରକୁ ଗଲା ପ୍ରଶ୍ନପତ୍ର,୧୭ ସୁଦ୍ଧା ପହଞ୍ଚିବ

- ୩୦୮୨ କେନ୍ଦ୍ରରେ ପରୀକ୍ଷା ଦେବେ ୫,୫୧,୯୭୯ ବିଦ୍ୟାର୍ଥୀ
- ବିଭ୍ରାଟ ରୋକିବାକୁ ବୋର୍ଡ଼ର କଡ଼ା ପଦକ୍ଷେପ

କଟକ, (ସବ୍ୟୁ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଠାରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରୁ ୫ ଦୂରବର୍ତ୍ତୀ ଜିଲାକୁ ପ୍ରଶ୍ନ ପଠାଯାଇଛି। ନିର୍ଦ୍ଦିଷ୍ଟ ରୁଟ୍ ନିର୍ଦ୍ଧାରଣ କରାଯାଇଥିବାବେଳେ ଯେଉଁ କର୍ମଚାରୀ ପ୍ରଶ୍ନପତ୍ର ନେଇ ଯାଇଛନ୍ତି ସେମାନଙ୍କର ଜିପିଏସ ଟ୍ରାକ କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାର ସୁପରିଚାଳନା ନିମନ୍ତେ ସମସ୍ତ ପରୀକ୍ଷା କେନ୍ଦ୍ର ଏବଂ ପ୍ରଶ୍ନପତ୍ର ରହୁଥିବା ନୋଡାଲ ସେଣ୍ଟରଗୁଡ଼ିକ ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ରହିବ। ୧୭ ତାରିଖ ସୁଦ୍ଧା ପ୍ରଶ୍ନପତ୍ର ସବୁ ନୋଡାଲ ସେଣ୍ଟରରେ ପହଞ୍ଚିବ। ନୋଡାଲ ସେଣ୍ଟରରୁ ପରୀକ୍ଷାର କିଛି ଘଟଣା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବ। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ନେବା ସମ୍ପୂର୍ଣ୍ଣ ବାରଣ ହୋଇଛି। କେବଳ କେନ୍ଦ୍ର ଅଧୀକ୍ଷକଙ୍କୁ ମୋବାଇଲ ନେବାକୁ ଅନୁମତି ମିଳିବ, କିନ୍ତୁ ପରୀକ୍ଷା ହଲ ମଧ୍ୟରେ ମୋବାଇଲ ନେଇପାରିବେ ନାହିଁ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯେଉଁ ବିଦ୍ୟାଳୟ କିମ୍ବା ଶିକ୍ଷକଙ୍କ ବିରୋଧରେ ବିଗତବର୍ଷରେ ଅଭିଯୋଗ ରହିଥିଲା ସେମାନଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱରୁ ହଟାଇ ଦିଆଯାଇଥିବା ଜଣାପଡ଼ିଛି। ଚଳିତବର୍ଷ ରାଜ୍ୟରେ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ଏଥିପାଇଁ ୩୦୮୨ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ୧୧ ଦିନ ଭିତରେ ପରୀକ୍ଷା ସରିବ। ପ୍ରତିଦିନ ଗୋଟିଏ ସିଟିଂରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପୂର୍ବାହ୍ଣ ୯ଟାରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜିଠାରୁ ଦୂରବର୍ତ୍ତୀ ଜିଲା ଯଥା ମାଲକାନଗିରି, କୋରାପୁଟ, କଳାହାଣ୍ଡି, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ହୋଇଥିବା ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଯାଇଛି। ପ୍ରତି ନୋଡାଲ ସେଣ୍ଟରରେ କ୍ୟାମେରା ଲଗାଯାଇଛି। ଏହିଠାରୁ ଲାଇଭ ଟେଲିକାଷ୍ଟ ହୋଇପାରିବ। ପ୍ରଶ୍ନପତ୍ର ନେବାରେ ଯେଭଳି କିଛି ବି ବିଭ୍ରାଟ ହେବ ନାହିଁ ସେଥିପାଇଁ ବୋର୍ଡ ପରୀକ୍ଷା ପରିଚାଳନା କମିଟି ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ରୁଟ ବା ରାସ୍ତାଦେଇ ପ୍ରଶ୍ନପତ୍ର ଗାଡ଼ି ଯିବ। ପ୍ରଶ୍ନପତ୍ର ଯାଉଥିବା ଗାଡ଼ିରେ ଜଣେ ପୁଲିସ କର୍ମଚାରୀ ଏବଂ ବୋର୍ଡର ଦୁଇ ଜଣ କର୍ମଚାରୀ ନିୟୋଜିତ ହେଇଛନ୍ତି ।ପ୍ରଶ୍ନପତ୍ର ରଖିବାକୁ ୩୨୨ଟି ନୋଡାଲ ସେଣ୍ଟର କରାଯାଇଛି। ସେଥିମଧ୍ୟରୁ କନ୍ଧମାଳ ୧୦ ଏବଂ ମାଲକାନଗିରି ୭ ଥାନାଗୁଡ଼ିକରେ ନୋଡାଲ ସେଣ୍ଟର ହୋଇଛି। ବୋର୍ଡ ମୁଖ୍ୟାଳୟରେ ହୋଇଥିବା କମାଣ୍ଡ କଣ୍ଟ୍ରୋଲ ରୁମ୍‌ର ପରିଚାଳନା ନିମନ୍ତେ ଏବର୍ଷ ଆଉ ବାହାର ସଂସ୍ଥା ସହାୟତା ନିଆଯାଇନାହିଁ। ବୋର୍ଡର ଅଧିକାରୀ ଏହାକୁ ପରିଚାଳନା କରିବେ। ଅନ୍ୟପକ୍ଷରେ ପରୀକ୍ଷା ନିମନ୍ତେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗତ କାଲି ଏହାର ସମୀକ୍ଷା କରିଥିଲେ ସବୁ ଜିଲାର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ପୁଲିସ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ୨୨୯ ବୋତଲ ବିଦେଶୀ ମଦ ଓ ନଗଦ ଟଙ୍କା ଜବତ, ୧ ଗିରଫ

ପୁରୀ, (ସବ୍ୟୁ) : ପୋଲିସ ଦ୍ୱାରା ଅବୈଧ ମଦ ପରିବହନ ବିରୋଧରେ ଚାଲୁଥିବା ସ୍ୱତନ୍ତ୍ର ଅଭିଯାନରେ ବାସେଳି ସାହି ଥାନା ପୋଲିସକୁ ମିଳିଛି ବଡ ସଫଳତା । ବିନା ଲାଇସେନ୍ସରେ ବେଆଇନ ଭାବେ ବିଦେଶୀ ମଦ ପରିବହନ ଅଭିଯୋଗରେ ବାସେଲୀ ସାହି ଥାନା ପୋଲିସ ମଙ୍ଗଳାଘାଟ ଛକ ନିକଟରୁ ସୋମବାର ଦିନ ଜଣେ ନିଶା ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ପରିଚୟ ହେଲା ସଦର ଥାନା ଅଧୀନ କଣ୍ଟପୁର ଗ୍ରାମର କୁଶ ବରାଳ (୪୬) ଅଟେ । ପୋଲିସ ଅଭିଯୁକ୍ତ ନିକଟରୁ ମୋଟ ୨୬୯ ଗୋଟି ବୋତଲ ବିଦେଶୀ ମଦ (୫୪ ଲିଟର) ଓ ନଗଦ ୧ ଲକ୍ଷ ୧୫ ହଜାର ଟଙ୍କା ଜବତ କରିଛି । ପୋଲିସ ଏହାକୁ ଏକ ଅବୈଧ ମଦ ପରିବହନ ସମ୍ପର୍କିତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ବିଶ୍ୱସନୀୟ ସୂଚନା ଆଧାରରେ ବାସେଳି ସାହି ଥାନା ପୋଲିସ ମଙ୍ଗଳାଘାଟ ଛକ ନିକଟରେ ଯାଞ୍ଚ କରୁଥିବା ସମୟରେ ଅବୈଧ ଭାବେ ବିଦେଶୀ ମଦ ପରିବହନ କରୁଥିବା ଜଣେ ବ୍ୟକ୍ତିଙ୍କୁ ଧରି ଥିଲା । ଏନେଇ ପୋଲିସ ବାସେଳି ସାହି ଥାନାରେ କେସ ନମ୍ବର ୪୨/୨୦୨୬ କ୍ରମେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।


**PUBLIC NOTICE**

SAHARA INDIA PARIWAR

It has come to our notice that Mr. Naveen Maurya has issued certain newspaper advertisements, made representations to revenue authorities, and released public statements in relation to properties situated at Berhampur, Odisha, claiming to act for and on behalf of Sahara India Pariwar.

We hereby clarify and place on record that Mr. Naveen Maurya has no authority whatsoever, whether express or implied, actual or ostensible, to represent, act for, or bind Sahara India Pariwar or any of its entities in any manner whatsoever, including but not limited to issuing any notices, making any representations, publishing any statements, or lodging any complaints for or on behalf of Sahara India Pariwar in relation to the Berhampur property or any other property of the Group.

Any publications, representations, statements or communications issued by Mr. Naveen Maurya in this regard are wholly unauthorised, do not represent the Sahara India Pariwar or its position and shall not be binding on Sahara India Pariwar in any manner whatsoever.

Members of the public, government authorities, and all concerned parties are hereby advised to disregard any such unauthorised communications, representations, or claims.

This clarification is being issued in the interest of transparency and to prevent any misunderstanding or misrepresentation.

For Sahara India Pariwar
Authorised Signatory

Date: 10 February 2026
Place: Lucknow





### ଚାଷୀର ସାମ୍ବିଧାନିକ ଅଧିକାର ପାଇଁ

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ସାରା ରାଜ୍ୟରେ ଧାନ କ୍ରୟ ସମସ୍ୟା ଓ ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀ କ୍ରୋଧ ଓ ଅସନ୍ତୋଷ ବଢ଼ିଚାଲିଛି । ସରକାର ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସମସ୍ୟା ପ୍ରଶମିତ ହେଲା ବୋଲି ମିଛ କହିବା ଅତ୍ୟନ୍ତ ଲଜ୍ୟାଜନକ । ଧାନ କିଣା ବିକାରେ ସରକାର, ପ୍ରଶାସନ, ମିଲରମାନଙ୍କ ସଲାସୁତୁରାରେ ବ୍ୟାପକ ହେରଫେର, ପ୍ରତି କ୍ୱିଣ୍ଟାଲରେ ୫କେଜିରୁ ୧୦ କେଜି ପର୍ଯ୍ୟନ୍ତ ବାଧ୍ୟତାମୂଳକ କଟନି ଛଟନି, ମିଲର ମନମାନିରେ ଧାନ ଉଠିବା, ଜାଣିଶୁଣି ଟୋକନ ଇସ୍ୟୁରେ ବିଳମ୍ବ, ନିର୍ଦ୍ଧାରିତ ସମୟରେ ଧାନ କ୍ରୟ କରା ନ ଯିବାରୁ ଟୋକନ ଲାଞ୍ଚ, ଗୋଦାମ ଘର ଅଭାବ ଯୋଗୁଁ ଧାନ କିଣାରେ ମନ୍ଥର ଲାଗି ରହିଥିବା ବେଳେ ସରକାର ଅଦ୍ୟାବଧି ଏହି ସମସ୍ୟାଟିର ସମାଧାନ ପାଇଁ ଗୁରୁତ୍ୱ ନଦେଇ ଯେଉଁ ଚାଷୀ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ନକଲି ଚାଷୀ କହିବା ଗଣତନ୍ତ୍ରରେ ଏହା ଏକ ହୀନମନ୍ୟତାର ପରିଚୟ । ବଡ଼ଚାଷୀ ଚଳିତବର୍ଷ ୧୫୦ କ୍ୱିଣ୍ଟାଲ ଧାନ ବିକ୍ରି କରିବେ ବୋଲି ସିଲିଂ କରାଯାଇଛି । ମୋଟ ୫ ଏକର ଜମିରୁ ଏକର ପିଛା ୧୯ କ୍ୱିଣ୍ଟାଲ ହିସାବରେ ଧାନ କ୍ରୟ କରାଯିବ । ଯଦି ବଡ଼ଚାଷୀଙ୍କଠାରୁ ଏହି ହିସାବରେ ୯୫ କ୍ୱିଣ୍ଟାଲ ଧାନ କ୍ରୟ କରାଯାଏ ସରକାର କିପରି ଚଳିତ ଥର୧୫୦ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ସିଲିଂ କରିଛନ୍ତି ଏହା ଚାଷୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ ଉପରେ ୬୯ଟଙ୍କା ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ୬୯ଟଙ୍କା ଚାଷୀଙ୍କୁ ଦିଆଯାଉନାହିଁ ।ଏବେ ଚାଷୀଙ୍କଠାରୁ ସବୁ ବଳକା ଧାନ କିଣା କ୍ଷେତ୍ରରେ ସରକାର ୨୦୨୪ ସାଧାରଣ ନିର୍ବାଚନରେ ଚାଷୀଙ୍କୁ ଦେଇଥିବା ୮୦୦ଟଙ୍କା ଇନପୁଟ ସହାୟତା ନେଇ ଅକଳରେ ପଡ଼ିଛନ୍ତି । ତେଣୁ ଚାଷୀଙ୍କୁ ଭୁଆଁ ବୁଲାଉବା ସାର ହୋଇଛି । ରାଜ୍ୟ ସରକାରଙ୍କ ଧାନ କିଣା କ୍ଷେତ୍ରରେ ଏପରି ବାଚାଳାମି ଯୋଗୁଁ ଗଣତନ୍ତ୍ରରେ ଚାଷୀର ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏଣୁ କାଳବିଳମ୍ବ ନ କରି ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମଣ୍ଡିଗୁଡ଼ିକରେ ସ୍ପେଶାଲ ସ୍କ୍ୱାର୍ଡ ନିୟୋଜିତ, ୧୫୦ କ୍ୱିଣ୍ଟାଲ ସିଲିଂ ସର୍ତ୍ତ ତୁରନ୍ତ ପ୍ରତ୍ୟାହାର, ରେଜେଷ୍ଟ୍ରିଭୁକ୍ତ ସମସ୍ତ ଚାଷୀଙ୍କଠାରୁ ସବୁ ଧାନ କିଣିବା, ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଚାଷୀଙ୍କଠାରୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ, କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ଏବଂ ଯେଉଁ ଚାଷୀଙ୍କ ଟୋକନ୍ ଲାଂ« କରିଛି ପୁନଶ୍ଚ ଟୋକନ ଅବଧି ଆଉ ୧ମାସ ବୃଦ୍ଧି କରିବା ପାଇଁ ପିସିସି ସମବାୟ ପ୍ରକୋଷ୍ଠ ପକ୍ଷରୁ ଏକ ଦାବୀପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି । ମଙ୍ଗଳବାର ଏହି ମର୍ମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତି ଜିଲ୍ଲାର ଚାଷୀନେତାମାନେ ସରକାରଙ୍କ ଏପରି ନୀତିକୁ ନାପସନ୍ଦ କରିଛନ୍ତି ।

### ଗଡମଧୁପୁରରେ ଅଭାବନୀୟ ଘଟଣା

# ଦୁଇ ବର୍ଷର ପୁଅକୁ ଛାଡି ଜୀବନ ହାରିଲେ ବାପ -ମା'

ଚଡେଇଧରା/ଚଣ୍ଡିଖୋଲ, (ସବ୍ୟୁ) : ହସ ଖୁସିରେ ଜୀବନ ଜୀଉଥିବା ବେଳେ ହଠାତ ନିଜର ଦୁଇ ବର୍ଷର କୁନି ପୁଅକୁ ଛାଡି ବାପାମାଆ ଏକସଙ୍ଗେ ଜୀବନ ହାରିଦେବା ପରି ଏକ ଅଭାବନୀୟ ଘଟଣା ଯାଜପୁର ଜିଲ୍ଲା ଜେନାପୁର ଥାନାର ଗଡମଧୁପୁରର କୁକୁଡା ଖାଲେଇ ଗ୍ରାମରେ ଘଟିଛି । ସୋମବାର ବିଳମ୍ବିତ ରାତିରେ ଉଭୟ ବାପାମାଆ ବେକରେ ରଷି ଲଗାଇ ଏକସଙ୍ଗେ ନିଜ ଘରଭିତରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମଙ୍ଗଳବାର ସକାଳୁ ଏହି ଘଟଣା ଜଣାପଡିବା ପରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଥିଲା । ତେବେ ଏପରି ଘଟଣାର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଘରୋଇ କଳିକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି । ଗାଁରେ ଅଷ୍ଟପ୍ରହରୀ ପୂଜାର୍ଚ୍ଚନା ସାରି ଖାଇପିଇ ଉଭୟେ ଘରକୁ ଆସିବାପରେ ନିଜନିଜ ଭିତରେ ଝଗଡା କରାଥିଲେ ଓ ଶେଷରେ ଘର ଭିତରେ ଉଭୟେ ପଙ୍ଖାରେ ଝୁଲିଲେ ଦମ୍ପତି । ଝୁଲନ୍ତା ଅବସ୍ଥାରେ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହକୁ ପୋଲିସ ଉଦ୍ଧାର ହୋଇଛି । ମୃତ ଦୁଇଜଣ ହେଉଛନ୍ତି ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଳେଇ ଗାଁର ବାବୁଲି ମଳିକଙ୍କ ପୁଅ ଜର୍ଜ ମଳିକ ଓ ତାଙ୍କ ବୋହୁ ଝରଣା ମଳିକ । ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଆଞ୍ଚଳରେ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି ।

### ପିସିସି ମନରେଗା ବଞ୍ଚାଓ ସଂଗ୍ରାମ କମିଟି ପକ୍ଷରୁ

# ହେବ ମହାପଞ୍ଚାୟତ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନ ଠାରେ ମଙ୍ଗଳବାର ମନରେଗା ବଞ୍ଚାଅ ସଂଗ୍ରାମ କମିଟିର ଅଧ୍ୟକ୍ଷ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ମନରେଗାକୁ ଉଜ୍ଜୀବିତ ରଖିବା ନିମନ୍ତେ ବିଭିନ୍ନ କାର୍ଯ୍ୟକୁ ରାଜ୍ୟରୁ ପଞ୍ଚାୟତ ସ୍ତର ପହଞ୍ଚାଇବା ନେଇ ଆଲୋଚନା କରାଯିବା ସହ ଖୁବଶୀଘ୍ର ମହାପଞ୍ଚାୟତ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କରାଯିବାର ନିଷ୍ପତ୍ତି ନିଆଯାଇଛି । ବିଜେପିର ଶ୍ରମିକ ବିରୋଧୀ ଭିବି ଜୀ ରାମ ଜୀର ପ୍ରତ୍ୟେକଟି ଶ୍ରମିକ ବିରୋଧି ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ପର୍ଯ୍ୟନ୍ତ ଏ ଲଢେଇ ରାଜ୍ୟରୁ ପଞ୍ଚାୟତ ସ୍ତର ଯାଏଁ ବ୍ୟାପକ ଭାବେ କାର୍ଯ୍ୟକ୍ରମ କରାଯିବ । ମନରେଗା ବଞ୍ଚାଅ ସଂଗ୍ରାମ କମିଟିର ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ମନରେଗା କମିଟି ରାଜ୍ୟ ଅଧ୍ୟକ୍ଷ ଶରତ ରାଉତ, ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ, ନଗେନ୍ଦ୍ର ପ୍ରଧାନ, ଜିୟା ଉଲ୍ ହM, ବାଙ୍କନିଧି ବେହେରା, ମନୋରଞ୍ଜନ ଦାଶ, ତରୁଣକାନ୍ତ ମିଶ୍ର, ମାନସ ମଲ୍ଲିକ, ହଳଧର ସେଠୀ, ଜୟଶ୍ରୀ ପାତ୍ର, ସତ୍ୟବ୍ରତ ନାୟକ, ସୁଦର୍ଶନ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# କଲର କିଂ ସଂଗଠନ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ କଳା ଓ ସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ) : କଲର କିଂ ସଂଗଠନ, ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗର ସହଯୋଗରେ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭା, ସୃଜନଶୀଳତା ଓ ଅଦମ୍ୟ ମାନବୀୟ ଆତ୍ମାକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ କଳା ଓ ସଙ୍ଗୀତ ମହୋତ୍ସବ ସଫଳତାର ସହିତ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ୧୦ ତାରିଖ ସକାଳ ୧୦ ଟାରୁ ଭୁବନେଶ୍ୱର ସ୍ଥିତ ସୂଚନା ଭବନ ଠାରେ ଅୟୋଜିତ ହୋଇଥିଲା। ଏହା କେବଳ କଳା ଓ ସଙ୍ଗୀତର ପ୍ରଦର୍ଶନ ନୁହେଁ, ବରଂ ସୀମାବଦ୍ଧତା ପରେ ଥିବା ସାମର୍ଥ୍ୟର ଏକ ପ୍ରତୀକ ଥିଲା। ଓଡିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ଦୃଷ୍ଟିରେ ରଖି, ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶାଶ୍ୱତ କଳା ଐତିହ୍ୟ, ଓଡିଶୀ ନୃତ୍ୟ, ମନ୍ଦିର ଶିଳ୍ପକଳା, ପଟ୍ଟଚିତ୍ର ଓ ହୃଦୟସ୍ପର୍ଶୀ ସଙ୍ଗୀତଭୁର ସୁନ୍ଦର ପ୍ରତିବିମ୍ବ ଦେଖିବାକୁ ମିଳିଲା। ଏଥିରେ ପ୍ରାୟ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଥିବା ବେଳେ ୨ଟି ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ବିଜୟ ଲାଭ କରି ପୂର୍ବରୁ ନିର୍ଦ୍ଧାରିତ ପୁରସ୍କାର ମାନ ଗ୍ରହଣ କରିଥିଲେ



ଓ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ତଥା ବାବୁ ସିଂହ, ବିଧାୟକ, ଶୁଭେଚ୍ଛା ଜଣାଇବା ସହ ସହଯୋଗର ହାତ ବଢାଇଥିଲେ। ସମାଜସେବୀ ରୁଦ୍ର ନାରାୟଣ ସାମନ୍ତରାୟ, ଭାସ୍କର ରାଇତୋ, ଅତିରିକ୍ତ ସଚିବ, ଏସଏସ୍‌ଇପିଡି ବିଭାଗ ଓ ମନୋଜ କୁମାର ସ୍ୱାଇଁ, ଅତିରିକ୍ତ ସଚିବ, ଭୁବନେଶ୍ୱର ବିକାଶ ପ୍ରାଧିକରଣଙ୍କର ଉପସ୍ଥିତି ଥିଲେ। ଏହା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ରଙ୍ଗ, ତାଳ ଓ ସୁର ମାଧ୍ୟମରେ ନିଜର ଅନ୍ତର୍ଜଗତକୁ ପ୍ରକାଶ କରିବାର ଏକ ଅର୍ଥପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା। ପ୍ରତିଯୋଗୀ ମାନେ ଦୃଢ଼ ଭାବରେ ଏହି ସନ୍ଦେଶ ଦେଇଥିଲେ ଯେ ଦିବ୍ୟାଙ୍ଗତା କୌଣସି ସୀମାବଦ୍ଧତା ନୁହେଁ, ବରଂ ଜୀବନକୁ ଅନୁଭବ କରିବା ଓ ପ୍ରକାଶ କରିବାର ଏକ ଅନନ୍ୟ ଉପାୟ।

# ମଞ୍ଚେଶ୍ୱର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର(ସବ୍ୟୁ): ମଞ୍ଚେଶ୍ୱର ଥାନା ଅଞ୍ଚଳର ପ୍ଲଟ ନମ୍ବର ୨୪୩୦ରେ ଥିବା ୮୦୦ ଡିସିମିଲ ଜାଗାରୁ ଆଜି ୨ଶହ ଡିସିମିଲ ଜାଗାକୁ ଜବରଦଖଲମୁକ୍ତ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗର ଉପ ନିର୍ଦ୍ଦେଶକ(ସର୍ଭେ ଓ ପ୍ରବର୍ତ୍ତନ)ଙ୍କ ପତ୍ର ସଂଖ୍ୟା ୪୩୬୯୩ ଆଧାରରେ ବିଡିଏ ଏହି ଉଚ୍ଛେଦ କରିଥିଲା ।

ଉକ୍ତ ଉଚ୍ଛେଦରେ ୬ଟି ଆଜବେଷ୍ଟସ ଦୋକାନ ଘର, ୭ଟି ଆଜବେଷ୍ଟସ ଘର, ଦୁଇଟି ଟିଣ ଛପର ଗ୍ୟାରେଜ୍, ୨ଟି କୋଠା ଘର, ଗୋଟିଏ ଲୁହା ଗେଟ୍ ସହ ପ୍ରାୟ ୨୦୦ ଫୁଟ ଲମ୍ବର ପାଚେରି ଭଙ୍ଗା ହୋଇଛି । ବିଡିଏର ଏନଫୋର୍ସମେଣ୍ଟ ଅଧିକାରୀ(ଓଏସଡି) ଦେବରାଜ ସେଠୀଙ୍କ ନେତୃତ୍ୱରେ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ



ଶେଖର ମହାନ୍ତି, ମଞ୍ଚେଶ୍ୱର ଥାନା ଏଏସ୍‌ଆଇ ସ୍ନେହାଶିଷ ଚାନ୍ଦ, ଏନଫୋର୍ସମେଣ୍ଟ ସ୍କାଡ୍ ୧, ୨, ୩ ଓ ୫ ସାମିଲ ହୋଇଥିଲେ । ଆଇନ ଶୃଙ୍ଖଳା ନିମନ୍ତେ ଉଚ୍ଛେଦ ସମୟରେ ୨ ସେକ୍ସନ ପୋଲିସ ମୁତୟନ ହୋଇଥିଲେ ।

## ଫେରାର ସ୍ତ୍ରୀ ହତ୍ୟାକାରି ସ୍ୱାମୀ କୋର୍ଟଚାଲାଣ

ଭାପୁର ,(ସବ୍ୟୁ) : ଗତବର୍ଷ ଜୁନ ୨୧ରେ ଫତେଗଡ଼ ଥାନା ଅନ୍ତର୍ଗତ ଗୋହିରିଆପଡା ଗ୍ରାମର ଅମର ନାୟକଙ୍କ ପୁଅ ଶିବପ୍ରସାଦ ନାୟକ(୩୫) ନିଜ ସ୍ତ୍ରୀକୁ ହତ୍ୟା କରି ଫେରାର ହୋଇଯାଇଥିଲା ।ପୋଲିସ କେସ ନଂ ୨୦୨/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳେଇଥିବାବେଳେ ସେହିଦିନ ଠାରୁ ଅଭିଯୁକ୍ତ ଫେରାର ରହିଥିଲା । ଗତ ରବିବାରଦିନ ଅଭିଯୁକ୍ତ ନିଜ ଗାଁ କୁ ଆସିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଫତେଗଡ଼ ଥାନା ଅଧିକାରୀ ଅଜୟ କୁମାର ସାହୁ ସଦଳବଳେ ସେହିଦିନ ରାତ୍ରିରେ ତାଙ୍କ ଘର ଉପରେ ଚଢ଼ାଉ କରି ଅଭିଯୁକ୍ତକୁ ଧରି ଥାନାକୁ ଆଣିଥିଲେ । ପୋଲିସ ସୋମବାର ଦିନ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠେଇଦେଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ) : ବାପୁଜୀନଗରସ୍ଥିତ ଦୁର୍ଗା ମନ୍ଦିରରେ ପାଞ୍ଚରାତ୍ର କାର୍ଯ୍ୟକ୍ରମର ପଞ୍ଚମ ଦିନର ସିଂହ ସମ୍ପାଦକ ପ୍ରଭାକର ମଲ୍ଲିକ, ବୈକୁଣ୍ଠ ମହାପାତ୍ର, ଡ଼ ନାରାୟଣ ମହାପାତ୍ର ସୁରେଶ ମିଶ୍ର, ତ୍ରିଲୋଚନ ନାୟକ ଯୋଗ



ସତସଙ୍ଗ ଓ ଘୃତ ଝଂଝ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତିର ଅଷ୍ଟମ ବାର୍ଷିକ ପାଳନ ଅବସରରେ କାର୍ଯ୍ୟକ୍ରମ ଶେଷ ହୋଇଯାଇଛି । ସତସଙ୍ଗରେ ଓଡ଼ିଶାରେ ଜଗନ୍ନାଥ ପାଞ୍ଚରାତ୍ର ଚୌଦ୍ୱାର ଭକ୍ତ ସମାଜକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସତସଙ୍ଗରେ ରାଧାବଲ୍ଲଭ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଜିଲ୍ଲାରେ କିପରି ଅନୁଷ୍ଠାନର ପାଞ୍ଚରାତ୍ର କାର୍ଯ୍ୟକ୍ରମ କରାଯାଇ ପାରିବ ସମସ୍ତେ ଚେଷ୍ଟା କରିବାକୁ କୁହାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ପ୍ରଚାରକ ପୂଜ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ତାଙ୍କର ଆଶ୍ରୀବଚନ ପ୍ରଦାନ କରି ସମସ୍ତଙ୍କୁ ଆଶିର୍ବାଦ କରିଥିଲେ ।

## ସିସିଟିଭିରେ କଏଦ ଦୋକାନରୁ ଚୋରି ଦୃଶ୍ୟ

ବାରଙ୍ଗ , (ସବ୍ୟୁ) : ମଙ୍ଗଳବାର ସକାଳେ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ଢ଼ାବାଛକରେ ଥିବା ରତାଗଡ ଗ୍ରାମର ଦିବ୍ୟାଙ୍ଗ ଯୁବକ ନିରଞ୍ଜନ ନାୟକଙ୍କର ଏକ ଚା ପାନ ଦୋକାନରୁ ଚୋରି ହୋଇଥିବାର ଜଣାପଡିଛି ।ଚୋରମାନେ ଦୋକାନ କବାଟ ଭାଙ୍ଗି ଦୋକାନ ଭିତରୁ ବିସ୍କୁଟ, ଅଣ୍ଡା, ସାବୁନ ସହ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଜିନିଷ ନେଇଯାଇଥିବା ଜଣାପଡିଥିଲା । ନିରଞ୍ଜନ ଏ ସଂକ୍ରାନ୍ତରେ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଆସି ତଦନ୍ତ ଆରମ୍ଭ କରିଛି ।ଦୋକାନରେ ଲାଗିଥିବାସିସିଟିଭି କ୍ୟାମେରାରେ ଚୋରି ଘଟଣା ସବୁ କଏଦ ହୋଇଥିବାର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ନିରଞ୍ଜନ ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ମଙ୍ଗଳବାର ସକାଳୁ ଆସିବା ପରେ ଦୋକାନରୁ ଚୋରି ହୋଇଥିବାର ଜାଣିବାକୁ ପାଇଥିଲେ ।

### ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ

# ଛତୁ ଉତ୍ପାଦନ ଏବଂ ମୂଲ୍ୟବୃଦ୍ଧି ଉତ୍ପାଦ ପ୍ରସ୍ତୁତି ପ୍ରଶିକ୍ଷଣ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗ ପକ୍ଷରୁ "ଛତୁ ଉତ୍ପାଦନ ଏବଂ ମୂଲ୍ୟବୃଦ୍ଧି ଉତ୍ପାଦ' ପ୍ରସ୍ତୁତି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଭଳି ପାଳ ଛତୁ ଏବଂ ଧିଙ୍ଗିରି ଛତୁରୁ ବଡ଼ି, ଭୁଜିଆ ଏବଂ ଆଚାର ଭଳି ସ୍ୱାଦିଷ୍ଟ ତଥା ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରୁ ଯୋଗ ଦେଇଥିବା ଛତୁ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାଥପୁର-ବାଙ୍କି, ଭୁବନେଶ୍ୱର, କଟକ ଏବଂ ପୁରୀ ଭଳି ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୮୦ଜଣ ଛତୁ ଚାଷୀ ଯୋଗ ଦେଇଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ତରଫରୁ ସେମାନଙ୍କୁ ସହକାରୀ ଡିନ୍ ଡ. ଚିନ୍ମୟୀ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିବା ବେଳେ ପ୍ଲାଣ୍ଟ ପାଥୋଲଜି



ବିଭାଗ ମୁଖ୍ୟ ଡ. ଦେବାଞ୍ଜନା ଦେବନାଥ, ଏହି ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଆର୍ଯ୍ୟ ଗୌତମ ପଣ୍ଡା, ସହକାରୀ ପ୍ରାଧ୍ୟାପିକା ଡ. ବୁଲବୁଲ୍ ବବଲୀନା, ଏଗ୍ରିକଲଚର ଏକ୍ସଟେନସନ ସହକାରୀ ପ୍ରାଧ୍ୟାପକ ଡ. ଶୁଭ୍ରଜ୍ୟୋତି ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଅନ୍ତର୍ଗତ ଛତୁ ମଡେଲ୍ ଉପରେ କାର୍ଯ୍ୟ କରୁଥିବା ଚତୁର୍ଥ ବର୍ଷ ବିଦ୍ୟାର୍ଥୀମାନେ ସ୍ୱେଚ୍ଛାସେବୀ ଭାବରେ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସୁରୁଖୁରୁ ଭାବରେ ପରିଚାଳନା କରିଥିଲେ । କୃଷକମାନଙ୍କର ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବାକୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ମାନବସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ସମସ୍ତ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ ।

## ସାମପୁର ଲିଜ କମିଟିର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ) : ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସାମପୂର ଲିଜ କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ସରକାର ଭୂମିହୀନ ଓ ଜବାବ ମାନଙ୍କୁ ପୁରସ୍କାର ସ୍ୱରୂପ ଏକ ଏକରରୁ ପାଞ୍ଚ ଏକର ପର୍ଯ୍ୟନ୍ତ ଜମି ଦେଇଥିଲେ । ପରବର୍ତୀ ସମୟରେ ସେମାନଙ୍କର ଆବଶ୍ୟକତା ଦୃଷ୍ଟିରୁ ସରକାରଙ୍କ ଅନୁମତି ନେଇ ଲୋକମାନଙ୍କୁ ବିକ୍ରି କରିଥିଲେ । କିଣିଥିବା ଲୋକମାନେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ପଟ୍ଟା ପାଇ ନିୟମିତ ଭାବରେ ଖଜଣା ପୈଠ କରୁଥିଲେ । ଘର କରିବା ବିଡିଏର ଅନୁମତି ମଧ୍ୟ ପାଇଛନ୍ତି । ନିୟମିତ ଭାବେ ମୁନିସିପାଲିଟିର ହୋଲଡିଂ ଟାକ୍ସ ମଧ୍ୟ ପ୍ରଦାନ କରୁଛନ୍ତି । ୨୦୧୩ ରେ ସେଟେଲମେଣ୍ଟ ରେ ପର୍ଚ୍ଚା ଓ ନଟ. ଫାଇନାଲ ପଟ୍ଟା ମଧ୍ୟ ପ୍ରଦାନ କରାଯାଇ ଫାଇନାଲ ପଟା ଦେବାର ପ୍ରସ୍ତୁତି ଚାଲିଥିଲା ବେଳେ କୌଣସି ନୋଟିସ ନ କରି ସେଟଲମେଣ୍ଟର ଅତିରିକ୍ତ ସେଟଲମେଣ୍ଟ ଅଧିକାରୀ ସମସ୍ତ ଲିଜଧାରୀ ମାନଙ୍କର ଜମିକୁ ସରକାରୀ ଖାତାକୁ ନେଇଗଲେ. ତେଣୁ ଜମିମାଲିକମାନେ ହାଇକୋର୍ଟ ରେ କେଶ ଫାଇଲ କଲେ । ହାଇକୋର୍ଟ ନିର୍ଦ୍ଦେଶ ଦେଲେ ସେଟେଲମେଣ୍ଟର ଜମି ନାକଚ କରିବାର କୌଣସି ଅଧିକାର ନାହିଁ ତାକୁ ପୁନର୍ବାର ଜମିମାଲିକ ମାନଙ୍କ ନାମରେ କରିବାକୁ ଆଦେଶ ଦେଲେ ତାକୁ ମଧ୍ୟ ସରକାର ନ ମାନି ଦୁଇ ହେଲା ସାମପୁର ମୌଜାର ରେଜିଷ୍ଟ୍ରେସନ ବନ୍ଦ ରଖିଛନ୍ତି । ସରକାର ଯେତେଥର କେଶକୁ ଯାଇଛନ୍ତି ହାଇକୋର୍ଟ ଓ ସୁପ୍ରିମ କୋର୍ଟ ଉଭୟ ଜାଗାରେ ସରକାର ହାରିଛନ୍ତି । ପୂର୍ବରୁ ରାଜସ୍ୱମନ୍ତ୍ରୀ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ସାକ୍ଷାତ କରାଯାଇଥିଲା । ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇ କହିଛନ୍ତି ସାମପୂର ମୌଜାରେ ଯାହା ଅବ୍ୟବସ୍ଥା ହୋଇଛି ସେ ବିଷୟରେ ସରକାର ଅବଗତ ଅଛନ୍ତି ଆମକୁ କିଛିଦିନ ସମୟ ଦିଅନ୍ତୁ ଆମେ ମନ୍ତ୍ରୀସ୍ତରୀୟ ମିଟିଂ କରି ଏହାର ସମାଧାନର ରାସ୍ତା ବାହାରକରିବୁ । ଅଭିଯୋଗ ପ୍ରକୋଷ୍ଠରେ ରାଜସ୍ୱ ବିଭାଗ ସଚିବ ଅରବିନ୍ଦ ପାଢ଼ୀ ଉପସ୍ଥିତ ଥିଲେ। ଲିଜ୍ କମିଟି ପକ୍ଷରୁ ମାଧବ ଚନ୍ଦ୍ର ସାହୁ.,ଶରତ ଚନ୍ଦ୍ର ଜେନା ଓ ବିଜୟ କୁମାର ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ ।

# ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ଫେବୃଆରୀ ମାସ ଅପରାଧ ସମୀକ୍ଷା ବୈଠକ

ପୁରୀ, (ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଫେବୃଆରୀ ମାସିକ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏସପି ପ୍ରତୀକ ସିଂ ଏହି ବୈଠକରେ ଅଧ୍ୟକ୍ଷତା କରି ଥିଲେ। ବୈଠକରେ ୨୦୨୬ ବର୍ଷ ପାଇଁ ପୁରୀ ପୋଲିସର କାର୍ଯ୍ୟ ପରିକଳ୍ପନା, ଅପରାଧ ନିୟନ୍ତ୍ରଣ ନୀତି, ଜନସାଧାରଣ ସୁରକ୍ଷା ଓ ଆଧୁନିକ ପୋଲିସିଂ ପ୍ରଣାଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଏସପି ଶ୍ରୀ ସିଂ କହିଥିଲେ ଯେ ପୁରୀ ପୋଲିସର ପ୍ରଧାନ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା ଓ ଆଧୁନିକ ପ୍ରଣାଳୀରେ ଅପରାଧ ନିୟନ୍ତ୍ରଣ କରିବା। ସେ ସମସ୍ତ ଅଧିକାରୀଙ୍କୁ ସତ୍ୟନିଷ୍ଠା, ନିଷ୍ଠା ଓ ଜନସେବା ମନୋଭାବ ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ସହ ଭଲ ବ୍ୟବହାର ଉପରେ ଗୁରୁତ୍ୱ ପୋଲିସ ଓ ଜନସାଧାରଣ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କ ମଜବୁତ କରିବା ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କୁ ସମ୍ମାନପୂର୍ଣ୍ଣ ଓ ସହାନୁଭୂତିଶୀଳ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୬ ମସିହାରେ ପୋଲିସ କାର୍ଯ୍ୟକଳାପରେ ଆଧୁନିକ



ଟେକ୍ନୋଲୋଜିର ବ୍ୟବହାରକୁ ଆହୁରି ବୃଦ୍ଧି କରିବାକୁ କୁହାଯାଇଥିଲା । ସିସିଟିଭି ମନିଟରିଂ, ଡିଜିଟାଲ ତଦନ୍ତ, ସାଇବର ଟୁଲ, ଡାଟା ଆନାଲିସିସ ଓ ଅନ୍ୟାନ୍ୟ ଆଧୁନିକ ପ୍ରଣାଳୀ ମାଧ୍ୟମରେ ଅପରାଧ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅପରାଧ ଘଟିବା ପୂର୍ବରୁ ତାହାକୁ ରୋକିବା ପାଇଁ ପ୍ରୋ-ଆକ୍ଟିଭ ପୋଲିସିଂକୁ ଆହୁରି ସକ୍ରିୟ କରିବାକୁ କୁହାଯାଇଥିଲା । ସନ୍ଦେହଜନକ ବ୍ୟକ୍ତି ଓ ଅପରାଧ ପ୍ରବଣ ଅଞ୍ଚଳ ଉପରେ ନିୟମିତ ନଜରଦାରି, ଚେକିଂ ଓ ଇଣ୍ଟେଲିଜେନ୍ସ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଛି । କମ୍ୟୁନିଟି ପୋଲିସିଂକୁ ଶକ୍ତିଶାଳୀ କରିବା ସମାଜ ସହ ମିଶି କାମ କରିବା ପାଇଁ କମ୍ୟୁନିଟି ପୋଲିସିଂକୁ ଆହୁରି ମଜବୁତ କରିବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ କର୍ମଚାରୀମାନଙ୍କ କଲ୍ୟାଣ ପୁରୀ ପୋଲିସର ପ୍ରାଥମିକତା ଦେବା ପାଇଁ ଗୁରୁତ୍ୱାରୋପ କରାଯାଇଛି । ସମସ୍ତ ମାମଲାର ଦ୍ରୁତ ତଦନ୍ତ କରିବା। ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନ୍ତରୁ ଆରମ୍ଭ କରି କୋର୍ଟ ପ୍ରୋସିଡିଂ ପର୍ଯ୍ୟନ୍ତ ପ୍ରତ୍ୟେକ ମାମଲାର ନିୟମିତ ସମୀକ୍ଷା କରିବାକୁ କୁହାଯାଇଥିଲା । ସଠିକ୍ ତଦନ୍ତ, ଠିକ୍ ଡକ୍ୟୁମେଣ୍ଟେସନ୍, ସମୟରେ ଚାର୍ଜ ସିଟ ଦାଖଲ ଓ କୋର୍ଟରେ ସଠିକ୍ ପ୍ରସ୍ତୁତି ମାଧ୍ୟମରେ ଦୃଢ ଜଜମେଣ୍ଟ ନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଜରୁରୀ ସେବା ୧୧୨ କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ କୁହାଯାଇଥିଲା । ପୁରୀ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ହେବାରୁ ପର୍ଯ୍ୟଟକ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଗତ ମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାର ଅବସ୍ଥା, ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ପ୍ରଗତି, ଟ୍ରାଫିକ୍ ବ୍ୟବସ୍ଥାପନା, ସାଇବର ଅପରାଧ ନିୟନ୍ତ୍ରଣ ଓ ଆଗାମୀ ଦିନର କାର୍ଯ୍ୟ ପରିକଳ୍ପନା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଶେଷରେ ପୁରୀ ଜିଲ୍ଲା ଏସପି ସମସ୍ତ ଅଧିକାରୀଙ୍କୁ ଟିମ୍ ଭାବେ କାମ କରି ପୁରୀ ଜିଲ୍ଲାକୁ ସୁରକ୍ଷିତ, ଅପରାଧମୁକ୍ତ ପୋଲିସ ବ୍ୟବସ୍ଥା ଗଠନ ପାଇଁ ଆହ୍ୱାନ କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମିସ ଅନଖା ବିଜୟ, ଆଇପିଏସ୍, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସୁଶୀଲ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ ସହିତ ସମସ୍ତ ସବ୍-ଡିଭିଜନ୍‌ର ଅଧିକାରୀ, ସମସ୍ତ ଥାନା ଅଧିକାରୀ, ସମସ୍ତ କୌର୍ଟର ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଜାତୀୟ ସହରାଞ୍ଚଳ ଓ ରିଅଲ ଇଷ୍ଟେଟ ବିକାଶ ସମ୍ମିଳନୀରେ

## ଓଡ଼ିଶାର ରିଅଲ ଇଷ୍ଟେଟ କ୍ଷେତ୍ରରେ ସହରାଞ୍ଚଳ ବିକାଶର ପରବର୍ତ୍ତୀ ସ୍ତର ପାଇଁ ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ) : ଭିତ୍ତିଭୂମି ସମ୍ପ୍ରସାରଣ, ଶିଳ୍ପ ଅଭିବୃଦ୍ଧି ଏବଂ କେନ୍ଦ୍ରିତ ସହର ଯୋଜନା ଦ୍ୱାରା ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାର ସହରାଞ୍ଚଳ ଦୃଶ୍ୟପଟ୍ଟ କ୍ରମାଗତ ଭାବରେ ବିକଶିତ ହେବାରେ ଲାଗିଛି । ଗୃହ, ବାଣିଜ୍ୟିକ ବିକାଶ ଏବଂ ଶିଳ୍ପ ହବ୍ ଗୁଡ଼ିକରେ ବୃଦ୍ଧି ପାଉଥିବା କାର୍ଯ୍ୟକଳାପ ସହିତ ରାଜ୍ୟର ରିଅଲ୍ ଇଷ୍ଟେଟ୍ କ୍ଷେତ୍ର ବର୍ତ୍ତମାନ ଏହାର ଅଗ୍ରଗତି ଏବଂ ଭବିଷ୍ୟତ ଦିଗକୁ ଆଲୋକିତ କରିବାକୁ ପ୍ରସ୍ତୁତ ହେଉଛି କାରଣ ଜାତୀୟ ସହରାଞ୍ଚଳ ଏବଂ ରିଅଲ୍ ଇଷ୍ଟେଟ୍ ବିକାଶ ସମ୍ମିଳନୀ ୨୦୨୬ରେ ନାରେଡକୋ ଓଡ଼ିଶା ରାଜ୍ୟର ଅଂଶଗ୍ରହଣର ନେତୃତ୍ୱ ନେଉଛି । ୧୩-୧୪ ଫେବୃଆରୀ ୨୦୨୬ ରେ ନୂଆଦିଲ୍ଲୀର ଯଶୋଭୂମିରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ରାଜ୍ୟମାନଙ୍କୁ ସେମାନଙ୍କର ବିକାଶ ଅଭିଜ୍ଞତା ଏବଂ ଭବିଷ୍ୟତର ରୋଡମ୍ୟାପ୍ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ।ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ ଅନ୍ୟାନ୍ୟ ଉଦୀୟମାନ ସହରାଞ୍ଚଳ କେନ୍ଦ୍ରରେ ସହରାଞ୍ଚଳ ଭିତ୍ତିଭୂମିକୁ ମଜବୁତ କରିବା, ଗୃହ ଉପଲବ୍ଧତାରେ ଉନ୍ନତି ଆଣିବା ଏବଂ ଯୋଜନାବଦ୍ଧ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଓଡିଶାର ଅଂଶଗ୍ରହଣ ରାଜ୍ୟର ପ୍ରୟାସକୁ ରେଖାଙ୍କିତ କରିବ । ଓଡ଼ିଶାର ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରି ନାରେଡକୋ ଓଡ଼ିଶାର ସଭାପତି ମନୋଜ କେ ତ୍ରିପାଠୀ କହିଛନ୍ତି, ବୃହତ ଭିତ୍ତିଭୂମି ବିନିଯୋଗ, ବନ୍ଦର ଭିତ୍ତିକ ଶିଳ୍ପ ବିକାଶ



ଏବଂ ଭୁବନେଶ୍ୱର, କଟକ, ରାଉରକେଲା ଏବଂ ସମ୍ବଲପୁର ଭଳି ସହରର ନିରନ୍ତର ସମ୍ପ୍ରସାରଣ ଦ୍ୱାରା ଓଡ଼ିଶାର ସହରାଂଚଳ ଅଭିବୃଦ୍ଧି ଘଟୁଛି । ଉନ୍ନତ ସଂଯୋଗୀକରଣ, ଶିଳ୍ପ କାର୍ଯ୍ୟକଳାପ ଏବଂ ନୀତିଗତ ସମର୍ଥନ ରାଜ୍ୟର ରିଅଲ୍ ଇଷ୍ଟେଟ୍ ଇକୋସିଷ୍ଟମକୁ ମଜବୁତ କରିଛି । ଏହି ପ୍ଲାଟଫର୍ମ ମାଧ୍ୟମରେ, ନାରେଡକୋ ଓଡ଼ିଶାର ବିକାଶ ଅଭିଜ୍ଞତା ଏବଂ ସ୍ଥାୟୀ ଓ ସନ୍ତୁଳିତ ସହରୀ ବିକାଶ ଉପରେ ଆଲୋଚନାରେ ଯୋଗଦାନ କରିବାକୁ ଆଗ୍ରହୀ ।

## ପୀତବାସ ପଣ୍ଡା ହତ୍ୟା ମାମଲା

# ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ରାଜ୍ୟ ଆଇନଜୀବୀ ସଦସ୍ୟ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣାରେ ବ୍ରହ୍ମପୁର ଜେଲରେ ଥିବା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ମଙ୍ଗଳବାର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ତାଙ୍କୁ ଦୁଇଦିନ ପୂର୍ବରୁ ଏମକେସିଜି ଅଣାଯାଇଥିଲା। ଏଠାରେ ଦନ୍ତ ଚିକିତ୍ସା ବିଭାଗ ଏବଂ ସର୍ଜରୀ ବିଭାଗରେ ଚିକିତ୍ସା ପରେ ଅଲଟ୍ରାସାଉଣ୍ଡ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଅଲଟ୍ରାସାଉଣ୍ଡ ପରେ ପାଇଲସ୍, ଗଲ୍‌ବ୍ଲାଡର୍ ଷ୍ଟୋନ୍ ସହିତ ପ୍ରୋଷ୍ଟେଟୋମେଗାଲି ଭଳି ରୋଗ ଚିହ୍ନଟ ହୋଇଥିଲା। ଗତକାଲି ରାତିରୁ ତାଙ୍କ ପେଟରେ ଯନ୍ତ୍ରଣା ଥିବାବେଳେ ଆଜି ଏମକେସିଜିରେ ଭର୍ତ୍ତି କରାଯାଇଛି।



ଜେନେରାଲ୍ ସର୍ଜରୀ ବିଭାଗ ୟୁନିଟ୍-୨ ଶଯ୍ୟା ସଂଖ୍ୟା-୩୧୭ରେ ବିକ୍ରମଙ୍କୁ ରଖାଯାଇଛି। ପ୍ରଫେସର ମନୋଜ କୁମାର ସେଠୀ ଓ ସହଯୋଗୀ ଡାକ୍ତରମାନେ ଚିକିତ୍ସା କରୁଛନ୍ତି। ସେ କେତେଦିନ ଡାକ୍ତରଖାନାରେ ରହିବେ ସେନେଇ କିଛି ସୂଚନା ଦିଆଯାଇନାହିଁ। ବିକ୍ରମଙ୍କ ସହ ବିଜେଡି ନେତା ମଦନ ବଳେଇଙ୍କୁ ମଧ୍ୟ ଆଜି ଏମକେସିଜି ଅଣାଯାଇଥିଲା। ଅସ୍ଥିରୋଗ ବିଭାଗରେ ଚିକିତ୍ସା ପରେ ତାଙ୍କୁ ପୁଣି ଜେଲ୍ ନିଆଯାଇଛି। ବିକ୍ରମ ଓ ମଦନଙ୍କୁ ଆଜି କଡ଼ା ସୁରକ୍ଷା ଭିତରେ ଅଣାଯାଇଥିଲା। ଜଣେ ଡିଏସପିଙ୍କ ସହ ତିନିଜଣ ଇନ୍ସପେକ୍ଟର ଏବଂ ପୁଲିସ ବାହିନୀ ହସ୍ପିଟାଲରେ ଜଗି ରହିଥିଲେ। ସେପଟେ ବିକ୍ରମଙ୍କ ପରିବାର ଲୋକ ଏବଂ ତାଙ୍କ ସମର୍ଥକମାନେ ହସ୍ପିଟାଲକୁ ଯାଇଥିବାବେଳେ ପୁଲିସ କାହାକୁ ତାଙ୍କ ପାଖକୁ ଛାଡ଼ିନଥିଲା। ଜେଲ୍ ଅନୁମତି ପରେ ହିଁ ତାଙ୍କ ସ୍ତ୍ରୀଙ୍କୁ ପାଖରେ ରହିବାକୁ ଅନୁମତି ଦିଆଯିବ ବୋଲି ପୁଲିସ କହିଥିଲା। ପରିବାର ଲୋକ ଦୂରରୁ ବିକ୍ରମଙ୍କୁ ଦେଖି ଫେରିଥିଲେ। ଅନ୍ୟପକ୍ଷରେ ତାଙ୍କୁ ସ୍ୱତନ୍ତ୍ର କ୍ୟାବିନରେ ରଖିବାକୁ ଅନୁରୋଧ କରାଯାଇଥିବାବେଳେ ଜେଲ୍ ପକ୍ଷରୁ ମନା କରାଯାଇଥିଲା। ସାଧାରଣ ୱାର୍ଡରେ ବିକ୍ରମଙ୍କୁ ରଖାଯାଇଛି। ପାଇଲସ୍, ଗଲବ୍ଲାଡର ଷ୍ଟୋନ୍ କାରଣରୁ ଯନ୍ତ୍ରଣା ହେଉଥିବାବେଳେ ଚିକିତ୍ସା ପରେ ସେ ଜେଲ୍ ଫେରିବେ। ଅନ୍ୟପକ୍ଷରେ ଗତଦୁଇଦିନ ତଳେ ବିକ୍ରମ ପ୍ରଥମଥର ମୁହଁ ଖୋଲିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ହତ୍ୟା ମାମଲାରେ ଫସାଇ ଦିଆଯାଇଛି ବୋଲି କହିଥିଲେ। ଅନ୍ୟପକ୍ଷରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ହାଜର କରାଯାଇଥିବା ଏଡିଜେ-୩ କୋର୍ଟ ସ୍ଥାନାନ୍ତର ହୋଇସାରିଛି। ଆସନ୍ତା ୧୭ ତାରିଖରେ ପରବର୍ତ୍ତୀ ଶୁଣାଣି ଓ ଚାର୍ଜଫ୍ରେମ ପାଇଁ ଧାର୍ଯ୍ୟ ହୋଇଥିବା ଅଭିଯୁକ୍ତଙ୍କ ଓକିଲ ଚକ୍ରପାଣି ସୂଚନା ଦେଇଛନ୍ତି।

# ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ କର୍ମଶାଳା



ବାରିପଦା, (ସବ୍ୟୁ) : ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଅନୁପମା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମାଝୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସବିତା ମାଝୀ, ଆଡ୍‌ଭୋକେଟ ବିଜୁ ପ୍ରସାଦ ଦାସ ଏବଂ ମହିଳା ସଶକ୍ତିକରଣ କେନ୍ଦ୍ରର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ମାନେ ଡାହାଣୀ ପ୍ରଥାକୁ ଗୁରୁତର ଲିଙ୍ଗ ଭିତ୍ତିକ ହିଂସା ଓ ସାମାଜିକ ଅପରାଧ ଭାବେ ବ୍ୟାଖ୍ୟା କରି ଏହା ଅଧିକାଂଶ ସମୟରେ ମହିଳା ମାନଙ୍କୁ ଲକ୍ଷ କରି ସମାଜର ଅସୁବିଧା ଦୋଷୀ ସାବ୍ୟସ୍ତ କରିଦିଆଯାଉଥିବା ଏକ ଅମାନବୀୟ ପ୍ରଥା ବୋଲି କହିଥିଲେ। ଏହି ପ୍ରଥା ଯୋଗୁ ସାମାଜିକ ଓ ଆର୍ଥିକ କାରଣରୁ ଜନ୍ମ ନେଇଥିବା ଏକ ସାମାଜିକକୁ ପ୍ରଥା ବୋଲି ଜିଲ୍ଲାପାଳ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସିଡିପିଓ, ସରପଞ୍ଚ, କଲେଜ ଛାତ୍ରଛାତ୍ରୀ ଏବଂ ଓୱା ଗୁଣିଆ ମାଝୀ ହାଦମ ପ୍ରମୁଖ ଯୋଗ ଦେଇଥିଲେ। ଡାହାଣୀ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏହି ସାମାଜିକକୁ ପ୍ରଥା ନିବାରଣ ପାଇଁ ସମସ୍ତ ମହଲରେ ସମ୍ମାନିତ ପ୍ରୟାସ ଅବଶ୍ୟକତା ଉପରେ ଜୋର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୁରକ୍ଷା ଅଧିକାରୀଣୀ ସର୍ବ୍ଦିତା ମହାନ୍ତି ପରିଚାଳନା କରିଥିବାବେଳେ ସମାଜ ମଙ୍ଗଳ ଅଧିକାରୀଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟାନ କୃଷି କ୍ଷେତ୍ର ପରିଦର୍ଶନ କଲେ ଡ୍ରିମ୍‌ସ ଅଧ୍ୟକ୍ଷ



କଟକ, (ସ୍ୱପ୍ର): ଛାତ୍ରଛାତ୍ରୀଙ୍କ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ନିମନ୍ତେ ଡ୍ରିମ୍‌ସ ସ୍କୁଲ ଅଫ ଏଗ୍ରିକଲଚର ପକ୍ଷରୁ ଉଚ୍ଚପଦା ପଞ୍ଚାୟତର ଦମକା ଠାରେ ଥିବା ଫାର୍ମ ହାଉସ କ୍ଷେତ୍ର ପରିଦର୍ଶନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଅଧିକ ସଂପ୍ରସାରଣ ଓ ବିକଶିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଫାର୍ମ ହାଉସରେ ପତିତ ଜମିର ଉର୍ବରତା ବଢ଼ାଇ ଜୈବିକ ଖତସାର ପ୍ରୟୋଗ ଦ୍ୱାରା କିଭଳି ଉନ୍ନତମାନର ପନିପରିବା, ଫୁଲଫଳ ଏବଂ ଉତ୍କୃଷ୍ଟମାନର ଛତୁ ଚାଷ ହୋଇପାରୁଛି ସେ ସଂପର୍କରେ ଅଧ୍ୟକ୍ଷ ଡ. ରଥ ଓ ଅନ୍ୟମାନଙ୍କୁ ଉପସ୍ଥିତ ଥିବା ବିଭାଗୀୟ କୃଷି ବିଜ୍ଞାନୀ ଅବଗତ କରାଇଥିଲେ। ସେଠାରେ ଜଳସେଚନ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ସହିତ ଏହା ଯେଭଳି ଛାତ୍ରଛାତ୍ରୀଙ୍କ ଲାଗି ଅଧିକ ଉପଯୋଗୀ ହୋଇପାରିବ ସେ ନେଇ ଆବଶ୍ୟକ ପଦକ୍ଷେପ ହାତକୁ ନେବାକୁ ଡ. ରଥ କହିଥିଲେ। ପରିଦର୍ଶନରେ ସାମିଲ ଥିବା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ କୃଷି ବିଜ୍ଞାନୀ ଓ କର୍ମଚାରୀଙ୍କ ସହ ଫାର୍ମର ଉନ୍ନତି ସମ୍ବନ୍ଧରେ ଆଲୋଚନା କରିବା ଅବସରରେ ଏଠାରେ ଉତ୍ପାଦିତ ପନିପରିବାର ମାନ ଓ ଗୁଣବତ୍ତା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକ ତଥା କୃଷି ବିଜ୍ଞାନୀ ଡ. ମନୋରଂଜନ ମହାପାତ୍ର, ଡ. ପ୍ରତୀକ ରଂଜନ ବେହେରା, ସହକାରୀ ପ୍ରାଧ୍ୟାପକ ଅନୀଲ କୁମାର ଜେନା, ସ୍ୱାଗତ ଶୁଭଦର୍ଶନୀ, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ କ୍ୱାର୍ଟର୍ସ ଜବରଦଖଲ ଉଚ୍ଛେଦ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କୋଲନୀ ସରକାରୀ କ୍ୱାର୍ଟର ଗୁଡ଼ିକ ଦୀର୍ଘ ବର୍ଷ ଧରି ବେଆଇନ ଭାବରେ କବ୍ଜାରେ ରହିଥିବା ଓ ଅନ୍ୟ ସରକାରୀ ଘରକୁ ଭଡ଼ାରେ ଲଗାଇ ଭଡ଼ା ଆଦାୟ କରୁଥିଲେ ସରକାରୀ କର୍ମଚାରୀ। ଏନେଇ ମହାନଗର ନିଗମ ପକ୍ଷରୁ ଦୁଇ ଦୁଇ ଥର ନୋଟିସ ଜାରି କରିଥିଲେ ସେନେଇ ସେମାନେ ଭ୍ରୁକ୍ଷେପ କରି ନଥିଲେ। ଆଜି ବିଇଏମସି ପକ୍ଷରୁ ବୁଲଡୋଜର ଲଗାଇ ଘରକୁ ଭାଙ୍ଗି ଦିଆଯାଇଛି। ସରକାରୀ କର୍ମଚାରୀଙ୍କ ଅଧୀନରେ ୩୦ ଟି ଘରେ ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବହୁ ଅଧିକାରୀଙ୍କ ଉପସ୍ଥିତିରେ ବୁଲଡୋଜର ଲଗାଇ ମାଟିରେ ମିଶିଲା ୩୦ ସରକାରୀ ଘର। ବ୍ରହ୍ମପୁର ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କୋଲନୀରେ ଥିବା ସରକାରୀ ଘରେ ଦୀର୍ଘ ବର୍ଷ ଧରି ଜବରଦଖଲକାରୀ ମାନେ ରହୁଥିଲେ। ସରକାରୀ ଘରକୁ ଭଡ଼ାରେ ଲଗାଇଥିଲେ ସରକାରୀ କର୍ମଚାରୀ। ଦୁଇ ଦୁଇ ଥର ନୋଟିସ୍ ପରେ ଆଜି ବିଇଏମସି ପକ୍ଷରୁ ଘରକୁ ଭାଙ୍ଗି ଦିଆଯାଇଛି।

## ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ

# ଏପ୍ରିଲ ୧୬ ରୁ ମେ' ୧୫ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଗଣନା

ବାରିପଦା, (ସବ୍ୟୁ) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ୨୦୨୭ ଜନଗଣନା ପାଇଁ ଜିଲ୍ଲା ସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ପରିସଂଖ୍ୟାନ ଅନୁସନ୍ଧାନକାରି ମୋହନ ଚନ୍ଦ୍ର ପୁରୁଦ୍ଧୁଲ ଓ ତନ୍ମୟ ଗୁପ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସହକାରୀ ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ ଯେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ। ଶେଷଥର ପାଇଁ ଏହା ୨୦୧୧ ମସିହାରେ ଅନୁଷ୍ଠିତ ହୋଇଥିଲା। ମହାମାରୀ କୋଭିଡ ପାଇଁ ୨୦୨୧ ମସିହାରେ ଜନଗଣନା ହୋଇ ପାରିନଥିଲା। ଯାହାକି ୨୦୨୭ ମସିହାରେ ହେବାକୁ ଯାଉଛି। ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲ ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ୩୦ଦିନ ମଧ୍ୟରେ ହେବ ଏହି କ୍ରମରେ ଗୃହ ତାଲିକା ଓ ଗୃହ ଗଣନା ହେବ। ଜଣେ ନାଗରିକ ଚାହିଁଲେ ସେନସସ ପୋର୍ଟାଲରେ ଲଗଇନ କରି ନିଜ ତଥ୍ୟ ଅପଲୋଡ଼ କରି ଆତ୍ମ ଗଣନା କରିପାରିବେ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଆତ୍ମ ଗଣନା ସୁବିଧା ପୋର୍ଟାଲରେ ଚଳିତବର୍ଷ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ଅଣାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୦୨୭ ମସିହା ଫେବୃଆରୀ ୯ ତାରିଖ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ହେବ ଏବଂ ୧ ମାର୍ଚ୍ଚ ରୁ ୫ ମାର୍ଚ୍ଚ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ। ମାତ୍ର ବର୍ତ୍ତମାନ ପାଇଁ ଗୃହ ଗଣନା ପରିପ୍ରେକ୍ଷୀରେ ମୁଖ୍ୟ କାର୍ଯ୍ୟ ହେଉଛି ଗୃହତାଲିକା ବ୍ଲକ ପ୍ରସ୍ତୁତି। ଏହି କାର୍ଯ୍ୟ ପାଇଁ ୭୦୦ ରୁ ୮୦୦ ଜନସଂଖ୍ୟା ବିଶିଷ୍ଟ କିମ୍ବା ୧୫୦ ରୁ ୧୮୦ ଗୃହଥିବା ଗ୍ରାମକୁ ଗୋଟିଏ ଗୃହତାଲିକା ବ୍ଲକ ଭାବେ ନେଇ ପ୍ରତ୍ୟେକ ୬ଟି ଗୃହତାଲିକା ବ୍ଲକ କୁ ନେଇ ଗୋଟିଏ ସାର୍କଲ ପ୍ରସ୍ତୁତ ହେବ। ଜଣେ ସୁପରଭାଇଜର ଅଧୀନରେ ୬ ଜଣ ଗଣନାକାରି ରହିବେ। ଗୃହଗଣନା କାର୍ଯ୍ୟରେ ଯଦି କିଛି ପ୍ରତିବନ୍ଧକ ଦେଖାଦେବ ତେବେ ଚାର୍ଜ ଅଫିସର ସ୍ଥାନୀୟ ଅଂଚଳରେ ଆରଆଇ, ଅମିନ, କାଉନସିଲର ମାନଙ୍କ ସହାୟତା ନେଇ ଏହାର ସମାଧାନ କରିବେ। ଗୃହ ତାଲିକା ବ୍ଲକ ପ୍ରସ୍ତୁତ ସମୟରେ ଅପହଞ୍ଚ ଓ ଦୁର୍ଗମ ଅଂଚଳ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ। ଏହାର ସୁପରିଚାଳନ ପାଇଁ ପିରାମିଡ଼ ଆଧାରରେ ଜାତୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିୟୋଜିତ କରାଯିବା ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ମାଷ୍ଟର ଟ୍ରେନରମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲ୍ଲା ସ୍ତରୀୟ ନିୟୋଜିତ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହାର ସମସ୍ତ ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ରେଖା ଏବଂ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏଥର ଦେଶରେ ପ୍ରଥମ କରି ଡିଜିଟାଲ ଗଣନା ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ ଉପଜିଲ୍ଲାପାଳ, ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନଗଣନା କାର୍ଯ୍ୟରେ ସଂଶ୍ଳିଷ୍ଟ ସହକାରୀ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କେବୁଲ ତାର ନଷ୍ଟ କଲେ ଦୁର୍ବୃତ୍ତ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକର ବିପୁଲଙ୍ଗି ପଞ୍ଚାୟତର କଡୁରୁ ଗ୍ରାମରୁ ୭ କିଲୋମିଟର ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ସିଟି କେବୁଲକୁ ଦୁର୍ବୃତ୍ତ ମାନେ କାଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଗତକାଲି ବିଳମ୍ବିତ ରାତ୍ରୀରେ କିଛି ଦୁର୍ବୃତ୍ତ କଡୁରୁ ଗ୍ରାମରୁ ଯାଇଥିବା ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସିଟି କେବୁଲ ତାର କାଟି ନଷ୍ଟ କରିଦେଇଛନ୍ତି। ଫଳରେ ବିପୁଲିଙ୍ଗି, ମାଧପୁର, ପୋଟଲାମପୁର, ବଉଳଗାଁ ଓ ମହାନାଦପୁର ପଞ୍ଚାୟତର ପ୍ରାୟ ୮ / ୧୦ଟି ଗ୍ରାମର ୫ ହଜାର ଗ୍ରାହକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ ପଞ୍ଚାୟତ ମାନଙ୍କୁ ଟେଲିଭିଜନ ସେବା ଯୋଗାଇ ଦେବା ପାଇଁ ସିଟି କେବୁଲ ତାର ସଂଯୋଗ କରାଯାଇଥିଲା। ବର୍ତ୍ତମାନ କିଛି ଦୁର୍ବୃତ୍ତ ତାକୁ କାଟି ନଷ୍ଟ କରିଦେବା ଫଳରେ ଲୋକେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି ବୋଲି ସିଟି କେବୁଲ ଅପରେଟର ମାନେ ଅଭିଯୋଗ କରିଛନ୍ତି। ଏହା ପୁରୁଷୋତ୍ତମପୁର ଅଂଚଳର ଜୈନକ ବ୍ୟକ୍ତିଙ୍କ ପରୋଚନାରେ ଦୁର୍ବୃତ୍ତ ମାନେ ଏପରି କାଣ୍ଡ କରିଥିବେ ବୋଲି ଅପରେଟର ମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଣୁ ଦୋଷୀଙ୍କୁ ଗିରଫ କରି ଉପଯୁକ୍ତ ଦଣ୍ଡବିଧାନ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଛତ୍ରପୁର ଥାନାରେ ସେମାନେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।


AXIS BANK

ଆକ୍ସିସ୍ ବ୍ୟାଙ୍କ ଲିଃ., ଲୋନ୍ ସେଣ୍ଟର (ଆଇନ ବିଭାଗ)
ପ୍ଲଟ୍ ନଂ.: ୦୩, ରାଧା ମାଳତୀ, ୩ୟ ମହଲା, ଆକ୍ସିସ୍ ବ୍ୟାଙ୍କ ବାପୁଜୀ ନଗର ଶାଖା ନିକଟ, ବାପୁଜୀ ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୯

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୧) ଅନୁଯାୟୀ)

ନିମ୍ନ ସ୍ୱାକ୍ଷରକାରୀ **ଆକ୍ସିସ୍ ବ୍ୟାଙ୍କ ଲିଃ.** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ବ୍ୟାଙ୍କ ଋଣ ସହିତ ବୃଦ୍ଧି ହାରରେ ସୁଧ ସହିତ ଜୋରିମାନା ସୁଧ, ଦେୟ, ଆଇନଗତ ଖର୍ଚ୍ଚ ଇତ୍ୟାଦି ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ନୋଟିସ୍ ଦର୍ଶିତ ଅର୍ଥ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡ଼ିକକୁ ନିମ୍ନଦର୍ଶିତ ତାରିଖରେ **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନ ଦର୍ଶିତ ବକେୟା ରାଶି ସହିତ ସେବାବଦ ବୃଦ୍ଧି ହାରରେ ସୁଧ, ଜୋରିମାନା ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି ନିମନ୍ତେ **ଆକ୍ସିସ ବ୍ୟାଙ୍କ ଲିଃ.** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ମୁକ୍ତ କରିବାପାଇଁ ଉପଲବ୍ଧ ସମୟସୀମା ପ୍ରତି ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି।**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | କ) ନୋଟିସ୍ ତାରିଖ ଅନୁଯାୟୀ ବକେୟା ପରିମାଣ<br>ଖ) ଡିମାଣ୍ଡ ନୋଟିସ୍ ତାରିଖ<br>ଗ) ଦଖଲ ତାରିଖ |
|---|---|---|
| ୧. ଶ୍ରୀ ସତ୍ୟ ମାଝୀ, ପିତା: ପ୍ରହଲ୍ଲାଦ ମାଝୀ, ଠିକଣା- ଭୁଡ଼ିଆପାଲି, ଥାନା: ସୋହେଲା, ଜିଲ୍ଲା: ବରଗଡ଼, ଓଡ଼ିଶା-୭୬୮୦୩୩<br>୨. ଶ୍ରୀ ଅନୁକୂଳ ମାଝୀ, ପିତା: ପ୍ରହଲ୍ଲାଦ ମାଝୀ, ଠିକଣା- ଭୁଡ଼ିଆପାଲି, ଥାନା: ସୋହେଲା, ଜିଲ୍ଲା: ବରଗଡ଼, ଓଡ଼ିଶା-୭୬୮୦୩୩<br>୩. ଶ୍ରୀମତୀ ତ୍ରିପୁରା ମାଝୀ ମାଝୀ, ଠିକଣା- ଭୁଡ଼ିଆପାଲି, ଥାନା: ସୋହେଲା, ଜିଲ୍ଲା: ବରଗଡ଼, ଓଡ଼ିଶା-୭୬୮୦୩୩ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ଅନୁକୂଳ ମାଝୀ ଏବଂ ଶ୍ରୀ ସତ୍ୟ ମାଝୀ, ପିତା: ପ୍ରହଲ୍ଲାଦ ମାଝୀଙ୍କ ନାମରେ ପଞ୍ଜୀକୃତ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ସମୁଦାୟ କ୍ଷେତ୍ର: ଏକର୦.୧୨୦ ଡିସିମିଲି, ଖାତା ନଂ.: ୧୨୩/୧୯୭, ପ୍ଲଟ୍ ନଂ.: ୫୧୦/୨୩୭୫, ମୌଜା: ଭୁଡ଼ିଆପାଲି, ତହସିଲ: ସୋହେଲା, ତହସିଲ ନଂ.: ୫୪୬, ଥାନା: ସୋହେଲା, ଥାନା ନଂ.: ୨୮, ଜିଲ୍ଲା: ବରଗଡ଼, (ଆରଓଆର ଅନୁଯାୟୀ) କିସମ: ଘରବାରି ସହିତ ଉକ୍ତ ଜମିରେ ନିର୍ମିତ ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୩୯୩୮ର ବକେୟା ପରିମାଣ ଟ.୧୩,୦୩,୬୨୫.୮୨ (ତେର ଲକ୍ଷ ତିନି ହଜାର ଛଅ ଶହ ପଚିଶ ଟଙ୍କା ଏବଂ ବୟାଅଶୀ ପଇସା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୩୯୬୭ର ବକେୟା ପରିମାଣ ଟ.୩୧,୭୬୦.୨୨ (ଏକତିରିଶ ହଜାର ସାତ ଶହ ଷାଠିଏ ଟଙ୍କା ଏବଂ ବାଇଶି ପଇସା ମାତ୍ର) (ସମୁଦାୟ ବକେୟା ପରିମାଣ ଟ.୧୩,୩୫,୩୮୬.୦୪) ସହିତ ଚୁକ୍ତିନାମା ବାତିଲ ହେବା ପରେ, ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ପରବର୍ତ୍ତୀ ସୁଧ<br>ଖ) ୦୩.୦୯.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ପ୍ରଶାନ୍ତ କୁମାର ନନ୍ଦ (ପ୍ରାଥମିକ ଆବେଦନକାରୀ), ପିତା: ଜାନର୍ଦ୍ଦନ ନନ୍ଦ, ସତ୍ୟମ ଆଇଟିଆଇ ନିକଟ, ଖଲିଆପାଲି, ବରଡୋଳ (ସି.ଟି.), ନିର ବରଗଡ଼, ସଦର ବରଗଡ଼, ଓଡ଼ିଶା-୭୬୮୦୩୮<br>୨. ଶ୍ରୀମତୀ ଭୂମିସୁତା ନନ୍ଦ (ସହ-ଆବେଦନକାରୀ), ପିତା: ରଘୁନାଥ ମିଶ୍ର ଏବଂ ସ୍ୱାମୀ: ଜାନର୍ଦ୍ଦନ ନନ୍ଦ, ସତ୍ୟମ ଆଇଟିଆଇ ନିକଟ, ଖଲିଆପାଲି, ବରଡୋଳ (ସି.ଟି.), ନିର ବରଗଡ଼, ସଦର ବରଗଡ଼, ଓଡ଼ିଶା-୭୬୮୦୩୮<br>୩. ଶ୍ରୀ ହେମନ୍ତ ନନ୍ଦ (ସହ-ଆବେଦନକାରୀ), ପିତା: ଜାନର୍ଦ୍ଦନ ନନ୍ଦ, ଗୋଠଗୁଡା, ବରଗଡ଼, ଓଡ଼ିଶା-୭୬୮୦୪୨ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ପ୍ରଶାନ୍ତ କୁମାର ନନ୍ଦଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୫ ଡିସିମିଲି, ଖାତା ନଂ.: ୨୦୩/୯୮୦, ପ୍ଲଟ୍ ନଂ.: ୬୩୮, ମୌଜା: ଖଲିଆପାଲି, ଥାନା/ତହସିଲ: ବରଗଡ଼, ଜିଲ୍ଲା: ବରଗଡ଼, ସହିତ ସେଠାରେ ନିର୍ମିତ ଥିବା ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୫୧୩୭ର ବକେୟା ପରିମାଣ ଟ.୫୩,୯୫,୧୩୯.୦୦ ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୫୧୬୮ର ବକେୟା ପରିମାଣ ଟ.୫୪,୪୯୭.୦୦ ସହିତ ଚୁକ୍ତିନାମା ବାତିଲ ହେବା ପରେ, ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ଲାଗୁ ହୋଇନଥିବା ସୁଧ<br>ଖ) ୧୯.୦୮.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ମେସର୍ସ ଡ୍ରେସ ହାଉସ୍ (ପ୍ରାଥମିକ ଆବେଦନକାରୀ), ଶ୍ରୀମତୀ ସସ୍ମିତା ମହାପାତ୍ର (ସ୍ୱତ୍ୱାଧିକାରୀ), ଠିକଣା- ବିନୋଦପଡ଼ା, ନରେନ୍ଦ୍ରପୁର, ରଣପୁର, ନୟାଗଡ଼, ଓଡ଼ିଶା-୭୫୨୦୬୫<br>୨. ଶ୍ରୀମତୀ ସସ୍ମିତା ମହାପାତ୍ର (ସ୍ୱତ୍ୱାଧିକାରୀ), ସ୍ୱାମୀ: ହେମନ୍ତ ମହାପାତ୍ର@ ହେମନ୍ତ କୁମାର ମହାପାତ୍ର, ବିନୋଦପଡ଼ା, ନରେନ୍ଦ୍ରପୁର, ନୟାଗଡ଼, ଓଡ଼ିଶା-୭୫୨୦୬୫<br>୩. ଶ୍ରୀ ହିମାଂଶୁ ଶେଖର ମହାପାତ୍ର (ଜାମିନ୍‌ଦାର), ପିତା: ହେମନ୍ତ କୁମାର ମହାପାତ୍ର, ବିନୋଦପଡ଼ା, ନରେନ୍ଦ୍ରପୁର, ନୟାଗଡ଼, ଓଡ଼ିଶା-୭୫୨୦୬୫ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀମତୀ ସସ୍ମିତା ମହାପାତ୍ର, ସ୍ୱାମୀ: ହେମନ୍ତ ମହାପାତ୍ର@ ହେମନ୍ତ କୁମାର ମହାପାତ୍ରଙ୍କ ନାମରେ ପଞ୍ଜୀକୃତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ନୟାଗଡ଼, ମୌଜା: ବିନୋଦପଡ଼ା, ତହସିଲ: ରଣପୁର, ତହସିଲ ନଂ.: ୨୮, ଥାନା: ରଣପୁର, ଥାନା ନଂ.: ୨୮, ଖାତା ନଂ.: ୨୫୭/୪୭, ପ୍ଲଟ୍ ନଂ.: ୨୦୦, ସମୁଦାୟ ପରିମିତ କ୍ଷେତ୍ର: ଏକର୦.୦୭ ଡିସିମିଲି, କିସମ: ଘରବାରି | କ) ଏନ୍‌ପିଏ ତାରିଖ (୧୪.୦୫.୨୦୨୫) ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୩୫୧୫ର ବକେୟା ପରିମାଣ ଟ.୧୩,୮୧,୩୯୩.୧୫ (ତେର ଲକ୍ଷ ଏକାଅଶୀ ହଜାର ତିନି ଶହ ତେୟାନବେ ଟଙ୍କା ଏବଂ ପନ୍ଦର ପଇସା ମାତ୍ର) ସହିତ ଚୁକ୍ତିନାମା ବାତିଲ ହେବା ପରେ, ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ଲାଗୁ ହୋଇନଥିବା ସୁଧ<br>ଖ) ୧୭.୦୭.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ଭୁବନମାଧବ ଡାକୁଆ (ଋଣଗ୍ରହୀତା/ପ୍ରାଥମିକ ଆବେଦନକାରୀ), ପିତା: ତ୍ରିନାଥ ଡାକୁଆ, ଠିକଣା- ଜାମୁ ସାହି, ରଙ୍ଗଣୀପାଟଣା, ଓଡ଼ଗାଁ, ନୟାଗଡ଼, ପେଟ୍ରୋଲ ପମ୍ପ ନିକଟ, ରଙ୍ଗଣୀପାଟଣା, ନୟାଗଡ଼, ଓଡ଼ିଶା-୭୫୨୦୮୧<br>୨. ଶ୍ରୀ ତ୍ରିନାଥ ଡାକୁଆ, ପିତା: ଆନନ୍ଦ ଡାକୁଆ, ଠିକଣା- ଜାମୁ ସାହି, ରଙ୍ଗଣୀପାଟଣା, ଓଡ଼ଗାଁ, ନୟାଗଡ଼, ପେଟ୍ରୋଲ ପମ୍ପ ନିକଟ, ରଙ୍ଗଣୀପାଟଣା, ନୟାଗଡ଼, ଓଡ଼ିଶା-୭୫୨୦୮୧ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ତ୍ରିନାଥ ଡାକୁଆ, ପିତା: ଆନନ୍ଦ ଡାକୁଆଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୨୦ ଡିସିମିଲି, ଖାତା ନଂ.: ୧୯୧/୩୨୫, ପ୍ଲଟ୍ ନଂ.: ୨୬୭, ମୌଜା: ଜାମୁସାହି, ତହସିଲ: ଓଡ଼ଗାଁ, ତହସିଲ ନଂ.: ୨୪୨, ଥାନା: ଓଡ଼ଗାଁ, ଥାନା ନଂ.: ୧୯୪ ଏବଂ ଜିଲ୍ଲା: ନୟାଗଡ଼ ସହିତ ସେଠାରେ ନିର୍ମିତ ଥିବା ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୦୪୦୪ର ବକେୟା ପରିମାଣ ଟ.୧୧,୪୫,୬୩୭.୦୦ (ଏଗାର ଲକ୍ଷ ପଇଁତାଳିଶ ହଜାର ଛଅ ଶହ ସଇଁତିରିଶ ଟଙ୍କା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୦୪୨୦ର ବକେୟା ପରିମାଣ ଟ.୩୧,୦୯୪.୦୦ (ଏକତିରିଶ ହଜାର ଚଉରାନବେ ଟଙ୍କା ମାତ୍ର) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ<br>ଖ) ୧୬.୦୯.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ଯୁବରାଜ ବିଶି (ଋଣଗ୍ରହୀତା), ମାର୍ଫତ: ଲକ୍ଷ୍ମଣ ବିଶି, ଭୁଡ଼ିଆପାଲି, ମୁଞ୍ଚବାହାଲ, ବରଗଡ଼, ଓଡ଼ିଶା-୭୬୮୦୩୩<br>୨. ଶ୍ରୀ ବିଜୟ ବନଛୋର (ସହ-ଋଣଗ୍ରହୀତା), ପିତା: ବେଣୁଧର ବନଛୋର, ମୁଞ୍ଚବାହାଲ, ଭୁଡ଼ିଆପାଲି, ବରଗଡ଼, ଓଡ଼ିଶା-୭୬୮୦୩୩<br>୩. ଶ୍ରୀମତୀ ସୁମିତ୍ରା ବିଶି, ମାର୍ଫତ: ବିଶିକେଶନ ବନଛୋରି, ମୁଞ୍ଚବାହାଲ, ଭୁଡ଼ିଆପାଲି, ବରଗଡ଼, ଓଡ଼ିଶା-୭୬୮୦୩୩ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ଯୁବରାଜ ବିଶି, ପିତା: ଲକ୍ଷ୍ମଣ ବିଶିଙ୍କ ନାମରେ ପଞ୍ଜୀକୃତ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଖାତା ନଂ.: ୪୦/୬୨, ପ୍ଲଟ୍ ନଂ.: ୨୦୭/୬୬୫ ଏବଂ ଜମିର କ୍ଷେତ୍ର: ଏକର୦.୧୨୦ ଡିସିମିଲି, ପ୍ଲଟ୍ ନଂ.: ୨୩୪/୬୬୬, ମୌଜା: ମୁଞ୍ଚବାହାଲ, ତହସିଲ: ସୋହେଲା, ତହସିଲ ନଂ.: ୫୧୭, ଥାନା: ସୋହେଲା, ଥନା ନଂ.: ୨୫, ଜିଲ୍ଲା: ବରଗଡ଼, ଓଡ଼ିଶା, ରେକର୍ଡ ଅଫ୍ ରାଇଟ୍ (ଆରଓଆର ଅନୁଯାୟୀ) ଜମିର କିସମ: ଘରବାରି ସହିତ ସେଠାରେ ନିର୍ମିତ ଥିବା ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୬୯୧୨ର ବକେୟା ପରିମାଣ ଟ.୧୫,୯୬,୧୯୫.୭୩ (ପନ୍ଦର ଲକ୍ଷ ଛୟାନବେ ହଜାର ଏକ ଶହ ପଞ୍ଚାନବେ ଟଙ୍କା ଏବଂ ତେସ୍ତରି ପଇସା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୬୯୨୫ର ବକେୟା ପରିମାଣ ଟ.୨୮,୬୨୮.୦୦ (ଅଠେଇଶ ହଜାର ଛଅ ଶହ ଅଠେଇଶ ଟଙ୍କା ମାତ୍ର) ସହିତ ଚୁକ୍ତିନାମା ବାତିଲ ହେବା ପରେ, ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ପରବର୍ତ୍ତୀ ସୁଧ<br>ଖ) ୧୦.୦୭.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ପ୍ରାଣନାଥ ନାୟକ, ଗୁଣ୍ଡୁରିଆ, ଖଇରାପାଲି, ରଣପୁର, ନୟାଗଡ଼, ଓଡ଼ିଶା-୭୫୨୦୨୬<br>୨. ଶ୍ରୀ ପ୍ରାଣନାଥ ନାୟକ, ମାର୍ଫତ: ପଦନ ନାୟକ, ଗୁଣ୍ଡୁରିଆ, ଖଇରାପାଲି, ରଣପୁର, ନୟାଗଡ଼, ଓଡ଼ିଶା-୭୫୨୦୨୬ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ପ୍ରାଣନାଥ ନାୟକଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୪୦ ଡିସିମିଲି, ଖାତା ନଂ.: ୧୬୯/୭୦, ପ୍ଲଟ୍ ନଂ.: ୫୧୨/୮୧୩/୮୨୬, ମୌଜା: ଗୁଣ୍ଡୁରିଆ, ତହସିଲ: ରଣପୁର, ତହସିଲ ନଂ.: ୪୭, ଥାନା: ରଣପୁର, ଥାନା ନଂ.: ୪୭ ଏବଂ ଜିଲ୍ଲା: ନୟାଗଡ଼ ସହିତ ସେଠାରେ ନିର୍ମିତ ଥିବା ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୧୫୧୦ର ବକେୟା ପରିମାଣ ଟ.୬୫,୪୨,୬୦୦.୨୦ (ପଞ୍ଚଷଠି ଲକ୍ଷ ବୟାଳିଶ ହଜାର ଛଅ ଶହ ଟଙ୍କା ଏବଂ କୋଡ଼ିଏ ପଇସା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୧୫୨୩ର ବକେୟା ପରିମାଣ ଟ.୨୯,୧୪୮.୦୦ (ଅଣତିରିଶ ହଜାର ଏକ ଶହ ଅଠଚାଳିଶି ଟଙ୍କା ମାତ୍ର) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ<br>ଖ) ୧୯.୦୨.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ବୀରେନ୍ଦ୍ର ସାହୁ (ଋଣଗ୍ରହୀତା), ମାର୍ଫତ: ଆନନ୍ଦ ସାହୁ, ସା: ବଡ଼ସାହି, ରଙ୍ଗଣୀ ପାଟଣା, ସହର: ଓଡ଼ଗାଁ, ପୋ: ଓଡ଼ଗାଁ, ଥାନା: ଓଡ଼ଗାଁ, ରାଧାକୃଷ୍ଣ ମନ୍ଦିର ନିକଟ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୮୧<br>୨. ଶ୍ରୀମତୀ ଲକ୍ଷ୍ମୀ ସାହୁ (ସହ-ଋଣଗ୍ରହୀତା), ପିତା: ଦଣ୍ଡପାଣି ସାହୁ, ସା: ବଡ଼ସାହି, ରଙ୍ଗଣୀ ପାଟଣା, ସହର: ଓଡ଼ଗାଁ, ପୋ: ଓଡ଼ଗାଁ, ଥାନା: ଓଡ଼ଗାଁ, ରାଧାକୃଷ୍ଣ ମନ୍ଦିର ନିକଟ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୮୧<br>୩. ଶ୍ରୀ ରାଜକିଶୋର ସାହୁ (ସହ-ଋଣଗ୍ରହୀତା), ପିତା: ଆନନ୍ଦ ସାହୁ, ସା: ବଡ଼ସାହି, ରଙ୍ଗଣୀ ପାଟଣା, ସହର: ଓଡ଼ଗାଁ, ପୋ: ଓଡ଼ଗାଁ, ଥାନା: ଓଡ଼ଗାଁ, ରାଧାକୃଷ୍ଣ ମନ୍ଦିର ନିକଟ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୮୧<br>୪. ଶ୍ରୀ ଦଣ୍ଡପାଣି ସାହୁ (ସହ-ଋଣଗ୍ରହୀତା), ପିତା: ବଳ ସାହୁ, ସା: ବଡ଼ସାହି, ରଙ୍ଗଣୀ ପାଟଣା, ସହର: ଓଡ଼ଗାଁ, ପୋ: ଓଡ଼ଗାଁ, ଥାନା: ଓଡ଼ଗାଁ, ରାଧାକୃଷ୍ଣ ମନ୍ଦିର ନିକଟ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୮୧ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ରାଜକିଶୋର ସାହୁ ଏବଂ ଶ୍ରୀ ବୀରେନ୍ଦ୍ର ସାହୁ, ପିତା: ଆନନ୍ଦ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୫ ଡିସିମିଲି, ଖାତା ନଂ.: ୪୦୭/୨୨୯, ପ୍ଲଟ୍ ନଂ.: ୧୮୧, ମୌଜା: ରଙ୍ଗଣୀ ପାଟଣା, ତହସିଲ: ଓଡ଼ଗାଁ, ତହସିଲ ନଂ.: ୨୪୩, ଥାନା: ଓଡ଼ଗାଁ, ଥାନା ନଂ.: ୧୯୩ ଏବଂ ଜିଲ୍ଲା: ନୟାଗଡ଼ ସହିତ ସେଠାରେ ନିର୍ମିତ ଥିବା ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୨୫୫୫ର ବକେୟା ପରିମାଣ ଟ.୨୫,୩୪,୨୭୫.୦୦ (ପଚିଶ ଲକ୍ଷ ଚଉତିରିଶ ହଜାର ଦୁଇ ଶହ ପଞ୍ଚସ୍ତରି ଟଙ୍କା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୨୫୬୮ର ବକେୟା ପରିମାଣ ଟ.୬,୨୧୯.୦୦ (ଛଅ ହଜାର ଦୁଇ ଶହ ଉଣେଇଶ ଟଙ୍କା ମାତ୍ର) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ<br>ଖ) ୨୫.୦୮.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ରାମଚନ୍ଦ୍ର ତାଣ୍ଡି (ଋଣଗ୍ରହୀତା/ପ୍ରାଥମିକ ଆବେଦନକାରୀ), ପିତା: ସଲମାନ ତାଣ୍ଡି, ଜୁଆଳିଭଦର, ପୋ: ଦମନିପାଲି, ଥାନା: ପାଟଣାଗଡ଼, ବଲାଙ୍ଗୀର, ପିନ୍-୭୬୭୦୨୫<br>୨. ଶ୍ରୀମତୀ ଅଞ୍ଜଳି ତାଣ୍ଡି (ସହ-ଆବେଦନକାରୀ), ସ୍ୱାମୀ: ରାମଚନ୍ଦ୍ର ତାଣ୍ଡି, ଜୁଆଳିଭଦର, ପୋ: ଦମନିପାଲି, ଥାନା: ପାଟଣାଗଡ଼, ବଲାଙ୍ଗୀର, ପିନ୍-୭୬୭୦୨୫ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ରାମଚନ୍ଦ୍ର ତାଣ୍ଡି, ପିତା: ସଲମାନ ତାଣ୍ଡିଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୧ ଡିସିମିଲି, ପ୍ଲଟ୍ ନଂ.: ୧୫୫୫/୧୬୬୭, ଖାତା ନଂ.: ୧୫୦/୧୭୯, ମୌଜା: ଜାଙ୍ଗବାହାଲ, ତହସିଲ: ପାଟଣାଗଡ଼, ତହସିଲ ନଂ.: ୩୧୫, ଥାନା: ପାଟଣାଗଡ଼, ଥାନା ନଂ.: ୬୧ ଏବଂ ଜିଲ୍ଲା: ବଲାଙ୍ଗୀର, ଆରଓଆର ଅନୁଯାୟୀ କିସମ: ଘରବାରି ସହିତ ଉକ୍ତ ଜମିରେ ନିର୍ମିତ ଥିବା ଗୃହ | କ) ତା୦୧.୦୫.୨୦୨୪ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୧୪୮୧ର ବକେୟା ପରିମାଣ ଟ.୨୪,୭୯,୩୯୮.୫୦ (ଏଥିରେ ୦୧.୦୫.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଏବଂ ତା୦୧.୦୫.୨୦୨୪ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୧୫୦୪ର ବକେୟା ପରିମାଣ ଟ.୩୪,୩୧୨.୯୦ (ଏଥିରେ ୦୧.୦୫.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ<br>ଖ) ୦୪.୦୩.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ସର୍ବେଶ୍ୱର ରଣ୍ଡିଆ (ଋଣଗ୍ରହୀତା), ପିତା: ମାୟାଧର ରଣ୍ଡିଆ, ସା: ବିଜିପୁର, ନୂଆ ସାହି, ଥାନା: ଫତେଗଡ଼, ପୋ: ବିଜିପୁର, ମନ୍ଦିର ନିକଟ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୬୩<br>୨. ଶ୍ରୀ ଶୁଭେନ୍ଦୁ ରଣ୍ଡିଆ (ସହ-ଋଣଗ୍ରହୀତା), ପିତା: ମାୟାଧର ରଣ୍ଡିଆ, ସା: ବିଜିପୁର, ନୂଆ ସାହି, ଥାନା: ଫତେଗଡ଼, ପୋ: ବିଜିପୁର, ମନ୍ଦିର ନିକଟ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୬୩<br>୩. ଶ୍ରୀ ମାୟାଧର ରଣ୍ଡିଆ (ସହ-ଋଣଗ୍ରହୀତା), ପିତା: ମୁଣ୍ଡା ରଣ୍ଡିଆ, ସା: ବିଜିପୁର, ନୂଆ ସାହି, ଥାନା: ଫତେଗଡ଼, ପୋ: ବିଜିପୁର, ମନ୍ଦିର ନିକଟ, ଜିଲ୍ଲା: ନୟାଗଡ଼, ଓଡ଼ିଶା-୭୫୨୦୬୩ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ମାୟାଧର ରଣ୍ଡିଆ, ପିତା: ମୁଣ୍ଡା ରଣ୍ଡିଆଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୭ ଡିସିମିଲି, ଖାତା ନଂ.: ୨୮୧/୧୧୬, ପ୍ଲଟ୍ ନଂ.: ୨୨୭, ମୌଜା: ବିଜିପୁର, ତହସିଲ: ଭାପୁର, ତହସିଲ ନଂ. ୨୮୨, ଥାନା: ଫତେଗଡ଼, ଥାନା ନଂ. ୩୫ ଏବଂ ଜିଲ୍ଲା: ନୟାଗଡ଼ ସହିତ ସେଠାରେ ନିର୍ମିତ ଥିବା ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୭୨୬୧ର ବକେୟା ପରିମାଣ ଟ.୩୦,୦୪,୧୦୬.୦୦ (ତିରିଶ ଲକ୍ଷ ଚାରି ହଜାର ଏକ ଶହ ଛଅ ଟଙ୍କା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୭୨୭୪ର ବକେୟା ପରିମାଣ ଟ.୩୦,୦୦୦.୦୦ (ତିରିଶ ହଜାର ଟଙ୍କା ମାତ୍ର) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ<br>ଖ) ୨୯.୦୭.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ଦିଗଜଲ ବାଗ (ପ୍ରାଥମିକ ଆବେଦନକାରୀ), ପିତା: କୃଷ୍ଣ ବାଗ, ଭିଟିସି: ବଡକାନି, ପୋ: ଖୁଜେନବାହାଲି, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା-୭୬୭୦୩୯<br>୨. ଶ୍ରୀ ରାମନାଥ ବାଗ (ସହ-ଆବେଦନକାରୀ), ପିତା: କୃଷ୍ଣ ବାଗ, ସା: ବଡକାନି, ପୋ: ଖୁଜେନବାହାଲି, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା-୭୬୭୦୩୯ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ରାମନାଥ ବାଗ ଏବଂ ଶ୍ରୀ ଦିଗଦଲ ବାଗ @ ଦିଗଜଲ ବାଗ, ପିତା: କୃଷ୍ଣ ବାଗଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୨ ଡିସିମିଲି (ଏକର୧୫.୫୩ ରୁ), ଖାତା ନଂ.: ୮୩/୪୧, ପ୍ଲଟ୍ ନଂ.: ୨୨୭, ମୌଜା: ବଡକାନି, ତହସିଲ: ବଙ୍ଗୋମୁଣ୍ଡା, ତହସିଲ ନଂ. ୮୦, ଥାନା: କଣ୍ଟାବାଞ୍ଜି, ଥାନା ନଂ. ୨୭, କିସମ: ଘରବାରି ଏବଂ ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା ସହିତ ଉକ୍ତ ଜମିରେ ନିର୍ମିତ ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୭୯୦୭ର ବକେୟା ପରିମାଣ ଟ.୪,୩୪,୮୧୬.୦୦ (ଚାରି ଲକ୍ଷ ଚଉତିରିଶ ହଜାର ଆଠ ଶହ ଷୋହଳ ଟଙ୍କା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୭୮୯୭ର ବକେୟା ପରିମାଣ ଟ.୩,୯୨,୬୬୪.୬୩ (ତିନି ଲକ୍ଷ ବୟାନବେ ହଜାର ଛଅ ଶହ ଚଉଷଠି ଟଙ୍କା ଏବଂ ତେଷଠି ପଇସା ମାତ୍ର) (ସମୁଦାୟ ବକେୟା ପରିମାଣ ଟ.୮,୨୭,୪୮୦.୬୩) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ<br>ଖ) ୦୬.୦୮.୨୦୨୫<br>ଗ) ୦୬.୦୨.୨୦୨୬ |
| ୧. ଶ୍ରୀ ରମେଶ କୁମାର ମେହେର (ଋଣଗ୍ରହୀତା/ପ୍ରାଥମିକ ଆବେଦନକାରୀ), ପିତା: ଟଙ୍କ ମେହେର, ସର୍ଗିଗୁଡା ୱାର୍ଡ ନ. ୨, ଟିଟିଲାଗଡ, ବଲାଙ୍ଗୀର, ଟିଟିଲାଗଡ (ଏନ୍.ଏ.ସି.), ବଲାଙ୍ଗୀର, ଓଡ଼ିଶା-୭୬୭୦୩୩<br>୨. ଶ୍ରୀମତୀ ଅହଲ୍ୟା ମେହେର (ସହ-ଆବେଦନକାରୀ), ମାର୍ଫତ: ରମେଶ କୁମାର ମେହେର, ସର୍ଗିଗୁଡା ୱାର୍ଡ ନ. ୨, ଟିଟିଲାଗଡ, ବଲାଙ୍ଗୀର, ଟିଟିଲାଗଡ (ଏନ୍.ଏ.ସି.), ବଲାଙ୍ଗୀର, ଓଡ଼ିଶା-୭୬୭୦୩୩ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀମତୀ ଅହଲ୍ୟା ମେହେର, ସ୍ୱାମୀ: ରମେଶ କୁମାର ମେହେରଙ୍କ ନାମରେ ପଞ୍ଜୀକୃତ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୩୪୦ ଡିସିମିଲି, ଖାତା ନଂ.: ୮୫୨/୩୧୩୨, ପ୍ଲଟ୍ ନଂ.: ୩୦୧୩/୨୨୧୭, ମୌଜା: ଟିଟିଲାଗଡ (କ), ତହସିଲ: ଟିଟିଲାଗଡ, ତହସିଲ ନଂ. ୪୨୨, ଥାନା: ଟିଟିଲାଗଡ, ଥାନା ନଂ. ୨୫ ଏବଂ ଜିଲ୍ଲା: ବଲାଙ୍ଗୀର, (ଆରଓଆର୍ ଅନୁଯାୟୀ) କିସମ: ଘରବାରି-ଏକ, ସହିତ ଉକ୍ତ ଜମିରେ ନିର୍ମିତ ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୮୧୧୦ର ବକେୟା ପରିମାଣ ଟ.୧୬,୦୬,୨୩୩.୪୭ ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୮୧୫୨ର ବକେୟା ପରିମାଣ ଟ.୩୩,୩୬୩.୩୦ (ସମୁଦାୟ ବକେୟା ପରିମାଣ ଟ.୧୬,୩୯,୫୯୬.୭୭) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ସୁଧ<br>ଖ) ୨୫.୦୮.୨୦୨୫<br>ଗ) ୦୭.୦୨.୨୦୨୬ |
| ୧. ଶ୍ରୀମତୀ ସନ୍ଧ୍ୟାରାଣୀ ପଟ୍ଟନାୟକ (ପ୍ରାଥମିକ ଆବେଦନକାରୀ), ମାର୍ଫତ: ଶ୍ରୀ ଅଜୟ ପଟ୍ଟନାୟକ, ସା: ଖୁଡିଗୁଡା, ପୋ: ବୋରିଗୁମା, ଏନ୍‌ଏଚ୍ ୨୬ ନିକଟ, ଜିଲ୍ଲା: କୋରାପୁଟ, ଓଡ଼ିଶା-୭୬୪୦୫୬<br>୨. ଶ୍ରୀ ଅଜୟ ପଟ୍ଟନାୟକ (ସହ-ଆବେଦନକାରୀ), ପିତା: ସୀମାଦ୍ରି ପଟ୍ଟନାୟକ, ସା: ଖୁଡିଗୁଡା, ପୋ: ବୋରିଗୁମା, ଏନ୍‌ଏଚ୍ ୨୬ ନିକଟ, ଜିଲ୍ଲା: କୋରାପୁଟ, ଓଡ଼ିଶା-୭୬୪୦୫୬ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ଅଜୟ ପଟ୍ଟନାୟକ, ପିତା: ସୀମାଦ୍ରି ପଟ୍ଟନାୟକଙ୍କ ନାମରେ ପଞ୍ଜୀକୃତ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୪୦୦ ଡିସିମିଲି, ମୌଜା: ଖୁଡିଗୁଡା, ତହସିଲ: ବୋରିଗୁମା, ତହସିଲ ନଂ. ....., ଥାନା: ବୋରିଗୁମା, ଥାନା ନଂ.: ୭୦, ଖାତା ନଂ.: ୪୯/୩୫୯, ପ୍ଲଟ୍ ନଂ.: ୬୩/୪୯୧, ଜିଲ୍ଲା: କୋରାପୁଟ, (ଆରଓଆର ଅନୁଯାୟୀ) କିସମ: ଘରବାରି, ସହିତ ଉକ୍ତ ଜମିରେ ନିର୍ମିତ ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୬୧୬୮ର ବକେୟା ପରିମାଣ ଟ.୪୦,୫୧,୨୧୬.୦୦ (ଚାଳିଶି ଲକ୍ଷ ଏକାବନ ହଜାର ଦୁଇ ଶହ ଷୋହଳ ଟଙ୍କା ମାତ୍ର) ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୬୧୯୭ର ବକେୟା ପରିମାଣ ଟ.୩୦,୧୨୨.୦୦ (ତିରିଶି ହଜାର ଏକ ଶହ ବାଇଶି ଟଙ୍କା ମାତ୍ର) (ସମୁଦାୟ ବକେୟା ପରିମାଣ ଟ.୪୦,୮୧,୩୩୮.୦୦) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ଲାଗୁ ହୋଇନଥିବା ସୁଧ<br>ଖ) ୨୯.୦୭.୨୦୨୫<br>ଗ) ୦୯.୦୨.୨୦୨୬ |
| ୧. ଶ୍ରୀ ପୃଥ୍ୱୀରାଜ ମାଝୀ (ଋଣଗ୍ରହୀତା), ପିତା: କୈଳାଶ ଚନ୍ଦ୍ର ମାଝୀ @ କୈଳାଶ ମାଝୀ, ସା: ଡକରା, ଥାନା: ଧମା, ସମ୍ବଲପୁର, ପୋ: ଡକରା, ହନୁମାନ ମନ୍ଦିର ନିକଟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୧୧୩ | କୋଲାଟେରାଲ ସିକ୍ୟୁରିଟି:<br>ଶ୍ରୀ ପୃଥ୍ୱୀରାଜ ମାଝୀ, ପିତା: କୈଳାଶ ଚନ୍ଦ୍ର ମାଝୀଙ୍କ ନାମରେ ପଞ୍ଜୀକୃତ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଖାତା ନଂ.: ୯୩/୯୧, ପ୍ଲଟ୍ ନଂ.: ୫୪୭/୧୪୦୧, ମୌଜା: ଡକରା, ତହସିଲ: ମାନେଶ୍ୱର, ତହସିଲ ନଂ.: ୩୧୧, ଥାନା: ଧମା, ଥାନା ନଂ.: ୫୧ ଏବଂ ଜିଲ୍ଲା: ସମ୍ବଲପୁର, (ଆରଓଆର ଅନୁଯାୟୀ) କିସମ: ଘରବାରି, ସହିତ ଉକ୍ତ ଜମିରେ ନିର୍ମିତ ଗୃହ | କ) ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୧୨୭୭ର ବକେୟା ପରିମାଣ ଟ.୩୬,୨୭,୧୮୩.୦୦ ଏବଂ ଏନ୍‌ପିଏ ତାରିଖ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ************୧୨୯୧ର ବକେୟା ପରିମାଣ ଟ.୩୦,୫୫୪.୦୦ (ଏଥିରେ ଏନ୍‌ପିଏ ତାରିଖ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ) ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ଲାଗୁ ହୋଇନଥିବା ସୁଧ<br>ଖ) ୧୯.୦୮.୨୦୨୫<br>ଗ) ୦୯.୦୨.୨୦୨୬ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୧.୦୨.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଆକ୍ସିସ୍ ବ୍ୟାଙ୍କ ଲିଃ.

# ଇଣ୍ଟରନ୍ୟାସନାଲ ବୁକ୍‌ରେ ରେକର୍ଡ କଲେ ସୌମିକ



ଠାକୁରଗଡ/ବଇଣ୍ଡା, (ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ଠାରେ ରହୁଥିବା ବାଲିପଟା ଅଞ୍ଚଳର ସୌମିକ ସାଇ ପ୍ରଧାନ ଇଣ୍ଟରନ୍ୟାସନାଲ ବୁକ ରେକର୍ଡରେ ସ୍ଥାନ ପାଇଛନ୍ତି । ମାତ୍ର ଅଢେଇ ବର୍ଷରେ ମାତ୍ର ୨ ମିନିଟ ୪ ସେକେଣ୍ଡ ରେ ୧୦୦ ଟି ଦେଶ ରାଜଧାନୀ ର ଉତ୍ତର ଦେଇ ଇଣ୍ଟରନ୍ୟାସନାଲ ବୁକ ରେକର୍ଡ ରେ ସ୍ଥାନ ପାଇଛନ୍ତି । ସେ ପୂର୍ବରୁ ଇଣ୍ଡିଆ ବୁକ ରେକର୍ଡ ରେ ମଧ୍ୟ ସ୍ଥାନ ପାଇଥିଲେ । କମ ବୟସରେ ସଠିକ ଭାବରେ କଥା କହି ପାରୁନଥିବା ବେଳେ ତାଙ୍କର ଏହି ସଫଳତା କୁ ନେଇ ବୋଇଣ୍ଡ ଓ ବାଲିପଟା ଅଞ୍ଚଳ ରେ ଖୁସରି ଲହରୀ ଖେଳି ଯାଇଛି । ଏଥିସହ ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜଣା ଯାଇଛି ।

## ପ୍ରସ୍ତାବିତ ମାଙ୍କଡ଼ା ନଦୀ ଜଳସେଚନ ପ୍ରକଳ୍ପକୁ ସମର୍ଥନ

# କୃଷକ ସଙ୍ଗଠନର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପାଲଲହଡ଼ା, (ସବ୍ୟୁ) : ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ଶିଳ୍ପ ବିହୀନ ପାଲଲହଡା ବ୍ଲକ ଏକ କୃଷିବହୁଳ ଅଞ୍ଚଳ ଭାବେ ପରିଚିତ। ବିଭିନ୍ନ ପ୍ରକାର କୃଷି ହିଁ ଏ ଅଞ୍ଚଳର ଏକମାତ୍ର ଆୟପନ୍ଥା ଅଟେ । ମାଙ୍କଡା ଓ କଖାରୁଆ ଚିରସ୍ରୋତା ନଦୀ ଉପରେ ବାଙ୍କଦର ଠାରେ ୧୯୬୬ ମସିହାରେ ନିର୍ମିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ର ଦୁଇଟି କେନାଲ (ଡାହାଣ ଓ ବାମ) ଦ୍ୱାରା ମାତ୍ର ଦୁଇ ତିନୋଟି ପଞ୍ଚାୟତ ନିଜିଗଡ, ଶିଗଡ ଓ ବାଲିପଶି ପଞ୍ଚାୟତର ମାତ୍ର ୨୪୭୬ ହେକ୍ଟର ଚାଷ ଜମିକୁ ଖରିଫ ଧାନଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରୁଛି । ଯାହାକି ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ଜମିକୁ ସଠିକ ଭାବେ ଜଳସେଚନ ହୋଇପାରୁନାହିଁ । କିନ୍ତୁ କିଛି ଦିନ ପୂର୍ବରୁ ସରକାର ମାଙ୍କଡା ନଦୀ ଉପରେ ବାଙ୍କଦର ଠାରେ ଏକ ନୂତନ ପ୍ରକଳ୍ପ କରି ପାଲଲହଡା ବ୍ଲକର ୮ ଟି ପଞ୍ଚାୟତକୁ ସବୁଦିନିଆ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଏକ ପ୍ରକଳ୍ପ କୁ ଅନୁମୋଦନ କରିଛନ୍ତି।ଏହି ନୂତନ ମାଙ୍କଡା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଲଲହଡ଼ା ଅଞ୍ଚଳରେ ଦୁଇଫସଲି ଧାନ ସହିତ ବିଭିନ୍ନ ପ୍ରକାର ପନିପରିବା ଓ ଡାଲିଜାତୀୟ ଚାଷ କରି ଚାଷୀ ଭାଇ ନିଜର ଆର୍ଥିକ ଅଭିବୃଦ୍ଧି କୁ ସମୃଦ୍ଧ କରିପାରିବେ । କିନ୍ତୁ ଉକ୍ତ ପ୍ରକଳ୍ପକୁ କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରିବାକୁ ପଡୋଶୀ ନିର୍ବାଚନ ମଣ୍ଡଳୀର ଅଞ୍ଚଳବାସୀଙ୍କୁ ଏକାଠି କରି ଆନ୍ଦୋଳନ କରି ବିଭିନ୍ନ ବାଧା ସୃଷ୍ଟି କରୁଛନ୍ତି। ପୂର୍ବରୁ ବାଙ୍କଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ମଧ୍ୟମ ଜଳସେଚନ ପ୍ରକଳ୍ପରେ ପରିଣତ କରି ସବୁଦିନିଆ ଜଳସେଚନ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ସଂଗଠନ ତରଫରୁ ବାରମ୍ବାର ଦାବି ହେଉଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ରକ୍ଷଣାବେକ୍ଷଣ ଓ ମରାମତି କାମ ମଧ୍ୟ ହୋଇନାହିଁ, ଯାହାକି କେବଳ ଧାନଚାଷ ପାଇଂ ଆସୁଥିବା ପାଣି ରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଦିଏ। ଯାହା ହେଉ ସରକାରଙ୍କ ଅନୁମୋଦିତ ନୂତନ ମାଙ୍କଡା ଜଳସେଚନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପାଲଲହଡା ଉପଖଣ୍ଡ ସ୍ତରୀୟ କୃଷକ ସଂଗଠନ ପକ୍ଷରୁ ଦାବୀ କରାଯାଉଛି । ଏଥି ସହିତ ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷୀଭାଇମାନଙ୍କୁ ଉଚିତ କ୍ଷତିପୂରଣ ପାଇଁ ସଂଗଠନ ପ୍ରତ୍ୟେକ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ ସହଯୋଗ କରିବ ବୋଲି ଦାବି କରିଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ପାଲଲହଡ଼ା ପରି କୃଷି ଭିତ୍ତିକ ଅଞ୍ଚଳ କୁ ଉନ୍ନତି ପଥରେ ଆଗେଇ ନେବାକୁ ନିବେଦନ କରିଛନ୍ତି।ସଂଗଠନର ସଭାପତି ବିଷ୍ଣୁ ପ୍ରସାଦ ବେହେରା ଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଉପଜିଲ୍ଲାପାଳ ଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏହି ଦାବି ପ୍ରଦାନ କରିଥିଲେ।

# ବାଲୁଙ୍କେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ କମରେଇ ଗ୍ରାମ ପଞ୍ଚାୟତର ଦଣ୍ଡସିଂହା ଗ୍ରାମରେ ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ପ୍ରଥମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିସରରେ ପୁଜାଅର୍ଚ୍ଚନା ପରେ ନାମ ଯଜ୍ଞ କରାଯାଇଥିଲା । ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦାନ କରି ବରାଳ ବାଲୁଙ୍କେଶ୍ୱର ମହାଦେବଙ୍କ କୃପା ଲାଭ କରିବା ସହ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ । ମନ୍ଦିର ପରିସରରେ ନୂତନ ଭୋଗ ମଣ୍ଡପ ନିର୍ମାଣ ପାଇଁ ବିଧାୟକ ଭୂମି ପୂଜନ କରିଥିଲେ । ଏହି ପବିତ୍ର ଅବସରରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ୯ନଂ ଜୋନ ଜିଲ୍ଲା ପରିଷଦ ରଞ୍ଜନ ସାହୁ, କମରେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଭାସିନି ବେହେରା, ଅନୁଗୋଳ ଜିଲ୍ଲା ବିଜେଡ଼ି ଉପ ସଭାପତି ସୁନିଲ ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମ ବାସୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ଜଳଧର ମହାନ୍ତି ଓ କର୍ମକର୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା

ବଇଣ୍ଡା, (ସବ୍ୟୁ) : ବଇଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି ।ଦୁଇ ଦିନ ଧରି ଖେଳର ପ୍ରଥମ ଦିନ ପରିଚାଳନା କମିଟି ସଭାପତି କୃପାସିନ୍ଧୁ ନାୟକ ଆଧ୍ୟାତ୍ମିକ ପତାକା ଉତୋଳନ କରି ଉଦଘାଟନ କରିଥିଲେ। ସନମାନିତ ଅତିଥି ପରିଚାଳନା କମିଟି ଉପ ସଭାପତି ଜୟନନ୍ଦ ସାହୁ, ସମ୍ପାଦକ ଶରତ ଚନ୍ଦ୍ର ସାହୁ, ସଭ୍ୟ ରଜନୀକାନ୍ତ ଦେହୁରୀ, କୋଷାଧ୍ୟକ୍ଷ ବସନ୍ତ କୁମାର ଗଡ଼ନାୟକ ଉପସ୍ଥିତ ଥିଲେ।ଶରୀର ଚେତନାର ବିକାଶ ପାଇଁ କ୍ରୀଡା ର ଆବଶ୍ୟକ ବୋଲି ଅତିଥି କହିଥିଲେ। ନର୍ସରୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ ଛାତ୍ର ଛାତ୍ରୀ ପଢୁଛନ୍ତି। ୧୦୦ ମି ଦୌଡ଼, ୨୦୦ମି ଦୌଡ଼, ବାସ୍କେଟ ବଲ, ପୁଚି, ଲମ୍ଫ ଡ଼ିଆ, ମ୍ୟୁଜିକ ଚେୟାର ଆଦି ଖେଳ ହୋଇଥିଲା।ଅଧକ୍ଷ ପ୍ରଦୀପ କୁମାର ଦାସ, ଯେମଝମଣି ନନ୍ଦ, ବିନୋଦିନୀ ମାଝୀ, ସରିତା ମଞ୍ଜରୀ ଦାସ, ସନ୍ଧ୍ୟାରାଣୀ ପ୍ରଧାନ, ସସ୍ମିତା ପ୍ରଧାନ, ଜୟନ୍ତୀ ସାହୁ, ସନ୍ତୋଷ ସାହୁ ସହଯୋଗ କରିଥିଲେ।

## ହିନ୍ଦୋଳ ଏନ୍‌ଏସି ୱାର୍ଡ ନଂ ୧୩ , ପାନୀୟ ଜଳ ପ୍ରକଳ୍ପ

# ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ହେବ ପରିତ୍ୟକ୍ତ ଅବସ୍ଥାରେ ବନ୍ଦ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ ଏ ସି ୧୩ ନଂ ୱାର୍ଡ ରାଜ ମହୋନପୁର ଗ୍ରାମ ସ୍ଥିତ ରାଶପାଳ ଉଚ୍ଚ ବିଦ୍ୟାଳୟ ଓ ରାଜ ମହୋନପୁର ଉପ୍ରା ବିଦ୍ୟାଳୟ ସମ୍ମୁଖ ଭାଗରେ ମୁଖ୍ୟ ରାସ୍ତା ପାର୍ଶ୍ୱକୁ ଥିବା ପାନୀୟ ଜଳ ପ୍ରକଳ୍ପଟି ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ହେବ ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ହୋଇ ପଡ଼ି ରହି ଥିବାରୁ ଏହା କେଉଁ କାମକୁ ବୋଲି ଏବେ ୱାର୍ଡ ବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଚି। ଉଲ୍ଲେଯୋଗ୍ୟ ଯେ ବିଗତ ତା ୯-୭-୨୦୧୮ ମସିହାରେ ପ୍ରକଳ୍ପଟି ଜନହିତରେ ଉତ୍ସଗ ହୋଇଥିଲା। ପ୍ରକଳ୍ପ ମଧ୍ୟରେ ଫିଜର ବ୍ୟବସ୍ଥା ଥିବାରୁ ଉଭୟ ପାଇପ ଯୋଗେ ଥଣ୍ଡା ଓ ସାଧାରଣ ବିଶୁଧ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ପ୍ରଥମେ ଏନ୍ ଏ ସି ପକ୍ଷରୁ ଏହାକୁ ଠିକ୍ ଭାବେ ପରିଚାଳନା ଓ ଦେଖାଶୁଣା କରା ଯିବାରେ ଏହା ଜଳ ଯୋଗାଣ ସେବା ଯୋଗାଇ ପାରି ଥିଲା। ପ୍ରାୟ ୨୦୨୦ ମସିହା ଠାରୁ ପରିଚାଳନା ଗତ ତୃଟି ଯୋଗୁଁ ସମୟେ ସମୟେ ଏହା ଜଳ ଯୋଗାଣ ସେବା ଦେଇ ପାରି ନଥିଲା। ତା ପରଠାରୁ ଏନ୍ ଏ ସି କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ଏହା ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ଅବସ୍ଥାରେ ବନ୍ଦ ହୋଇ ପଡ଼ି ରହିଛି। ଏବେ ଏହାକୁ କିଏ ମରାମତି କରି ସଚଳ କରିବ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ସରକାରୀ ଅର୍ଥରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏଭଳି ଜନ ହିତକର ପ୍ରକଳ୍ପ ବନ୍ଦ ହୋଇ ପଡ଼ି ରହିବାକୁ ସାଧାରଣରେ ନିନ୍ଦା କରା ଯାଇଛି। ଏନ୍ ଏ ସି କର୍ତ୍ତୃପକ୍ଷ ଏଥି ପ୍ରତି ଯତ୍ନ୍‌ବାନ ହେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ନୂତନ ଶ୍ରମ ଆଇନକୁ ସମର୍ଥନ କରି ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ ପକ୍ଷରୁ ସଚେତନ ଶିବିର

ତାଳଚେର, (ସବ୍ୟୁ) : ସାରା ଦେଶରେ ନୂତନ ଶ୍ରମ କାର୍ଯ୍ୟ କାରିତା ପ୍ରତିକ୍ରିୟାରେ ମହାନଦୀ କୋଇଲା ଖଣିର ଅନନ୍ତ ଅପନକାଷ୍ଟ, ବଳରାମ ଓସିପି ଏବଂ ଭୁବନେଶ୍ୱରୀ ଓସିପିରେ ଡ଼ିଜିଏମଏସ୍‌ଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉପନିର୍ଦ୍ଦେଶକ ଏକେ ମିଶ୍ର, ମହାପ୍ରବନ୍ଧକ ଭୁବନେଶ୍ୱରୀ ଓସିପି ସହିତ ଅଂଚଳର ଅଧିକାରୀ, ପଦାଧିକାରୀ, କର୍ମଚାରୀ ୟୁନୁୟନ ପ୍ରତିନିଧି ଏବଂ ଆଉଟସୋର୍ସିଂ ପ୍ରତିନିଧି ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ସୁରକ୍ଷା ନିର୍ଦ୍ଦେଶକ ଏକେ ମିଶ୍ର, ଉପନିର୍ଦ୍ଦେଶକ ହରିପ୍ରସାଦ, ଭୁବନେଶ୍ୱରୀ ପ୍ରକଳ୍ପ ଅଧିକାରୀ ଏକେ ସିଂହ, ପ୍ରକଳ୍ପ ଅଧିକାରୀ ଆର ଶ୍ରୀରାମ, କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଏହି ଶ୍ରମ ଆଇନ ଶ୍ରମିକଙ୍କ ସ୍ୱାର୍ଥ ବୋଲି ପ୍ରକାଶ କରିଥିଲେ । ସେ ମଧ୍ୟ କହିଥିଲେ ଯେ, ପୂର୍ବ ୨୯ଟି ଧାରା ରୁ କେବଳ ୪ଟିକୁ ସରଳିକୃତ କରାଯାଇଛି । ତେଣୁ ୨୧ନଭେମ୍ବର ୨୦୨୫ରେ ୪ଟି ଶ୍ରମ ସହିତା କାର୍ଯ୍ୟକାରି ହୋଇଥିଲା । ଏଥିରେ ମଜୁରୀ ସଂହିତା ୨୦୧୯ ସାମାଜିକ ସୁରକ୍ଷା ସଂହିତା ୨୦୨୦, ଶିଳ୍ପସମ୍ପର୍କ ସଂହିତା ୨୦୨୦ ଏବଂ ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରସ୍ଥିତି ସଂହିତା ୨୦୨୦ ଅନ୍ତର୍ଭୂକ୍ତ । ଏହି ସଂହିତା ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସମାନ ଦିନ ଏବଂ ରାତିକାମ ପ୍ରଦାନ କରେ । ଏହା ବ୍ୟତୀତ ନୂତନ ଶ୍ରମ ଆଇନରେ ୫ବର୍ଷ ବଦଳରେ ଶ୍ରମିକଙ୍କ ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ଯାଂଚ ବାଧ୍ୟତା ମୂଳକ । ସ୍ନାତକତୋର ସମ୍ପର୍କରେ ସେ କହିଥିଲେ ଯେ, ପୂର୍ବରୁ କର୍ମଚାରୀମାନେ ୫ବର୍ଷ ଚାକିରୀ ପରେ ଗ୍ରାଚ୍ୟୁଟି ପାଇଁ ଯୋଗ୍ୟ ଥିଲେ କିନ୍ତୁ ନୂତନ ଆଇନରେ ବର୍ତମାନ ସେମାନେ ଗୋଟିଏ ବର୍ଷ ମଧ୍ୟରେ ଗ୍ରାଚ୍ୟୁଟି ପାଇବାକୁ ହକଦାର । ନୂତନ ଶ୍ରମ ଆଇନରେ ଚୁକ୍ତି ଭିତିକ ଶ୍ରମିକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବାର ବ୍ୟବସ୍ଥା ଅଛି । ଏହି ଅବସରରେ ଆଇନ ସମ୍ପର୍କରେ ଅନ୍ୟାନ୍ୟ ସୂଚନା ପ୍ରଦାନ କରାଯାଇଥିଲା । ଭୁବନେଶ୍ୱରୀ ଓସିପିରେ କାର୍ଯ୍ୟରତ ପ୍ରାୟ ୧୮୦ଜଣ ଠିକା କର୍ମଚାରୀ, ଅନନ୍ତ ଓସିପିର ପ୍ରାୟ ୬୦ଜଣ ଏବଂ ବଳରାମ ଓସିପିର ପ୍ରାୟ ୫୦ଜଣ ଲେଖାଏଁ ଠିକାକର୍ମଚାରୀ ଉପସ୍ଥିତ ଥିଲେ ଏବଂ ସୂଚନା ଗ୍ରହଣ କରିଥିଲେ ।

## ବଙ୍ଗଳା ନିର୍ମାଣକୁ ନେଇ ତେଜୁଛି ବିବାଦ

# ଅଞ୍ଚଳବାସୀଙ୍କ ବିରୋଧ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳ ରେ ହେବାକୁ ଥିବା ପୂର୍ତ୍ତ ବିଭାଗ ପକ୍ଷରୁ ଡାକ ବଙ୍ଗଳା କୁ ନେଇ ବିବାଦ ଦେଖା ଦେଇଛି । ଉକ୍ତ ବଙ୍ଗଳାକୁ ବଇଣ୍ଡା ଅଞ୍ଚଳକୁ ଜିଲ୍ଲା ପ୍ରଶାସନ କୁସବଣିଆସାହି ରେ ନିର୍ମାଣ କରିବା ପାଇଁ ଜମି ଚିହ୍ନଟ କରିଥିବା ବେଳେ ସୋମବାର ଦିନ ଏହାକୁ ନେଇ ବିବାଦ ଦେଖା ଦେଇଛି । ଉକ୍ତ ସାହିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ଜମି ଉପରେ ବଙ୍ଗଳା ନିର୍ମାଣ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଅଞ୍ଚଳବାସୀ ମହିଳା, ପୁରୁଷ ବିରୋଧ କରିଥିଲେ । ସୋମବାର ଦିନ ଉକ୍ତ ଜମି ରେ ବଙ୍ଗଳାନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ର ଏସଡିଓ , କନିଷ୍ଠ ଯନ୍ତ୍ରି, ସହ ଠିକାସଂସ୍ଥା କର୍ମଚାରୀ ମାନେ ଯାଇ ଲେ ଆଉଟ ଦେଉଥିବା ବେଳେ ଅଞ୍ଚଳବାସୀ ଆସି ବିରୋଧ କରିଥିଲେ । ପରେ ଠିକା ସଂସ୍ଥା ପକ୍ଷରୁ ଲେ ଆଉଟ ଦିଆଯାଇଥିବା ଖୁଣ୍ଟ କୁ ଘିଞ୍ଚି ଫିଙ୍ଗି ଦେଇଥିଲେ । ଏ ପରିକି ସେଠାରେ ଏକ ଅପ୍ରୀତିକ ପରିସ୍ଥିତ ଦେଖା ଦେବା ପରେ ଘଟନା ସ୍ଥଳ ରୁ ଅଧିକାରୀ ମାନେ ପଳାଇ ଆସିଥିଲେ । ଅଞ୍ଚଳବାସୀ କହିଥିଲେ ପୂର୍ତ୍ତ ବିଭାଗ ର ବଙ୍ଗଳା ର୍ନିମାଣ ପାଇଁ ବଇଣ୍ଡା ଠାରେ ପୂର୍ତ୍ତ ବିଭାଗ ର ସରକାରୀ ଜମି ରହିଛି । ହେଲେ ଉକ୍ତ ଜମି ରେ ବଙ୍ଗଳା ନ କରି ଅଞ୍ଚଳବାସୀଙ୍କର କଲ୍ୟାଣ ମଣ୍ଡପ ପାଇଁ ଥିବା ଜମି ଉପରେ ତହସିଲ ପ୍ରଶାସନ ପକ୍ଷରୁ ତରବାରିଆ ଭାବରେ ବଙ୍ଗଳା ନିର୍ମାଣ କରିବା ପାଇଁ ଉଦ୍ୟମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟ ପଟରେ ପ୍ରଶାସନିକ ଅଧିକାରୀ ମାନେ ରାତି ଅଧିଆ ବଙ୍ଗଳା ନିର୍ମାଣ କରିବା ପାଇଁ ଉଦ୍ୟମ କରୁଥିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ବଙ୍ଗଳା ର୍ନିମାଣ ହେଲେ ବଇଣ୍ଡା କଲେଜ ସମୁଖରେ ରାସ୍ତା ରୋକ କରି ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଏ ନେଇ ପୂର୍ତ୍ତ ବିଭାଗ ର ଏସଡିଓ ସହରାଇ ସିଂ କୁହନ୍ତି ଆମେ ଲେଆଉଟ ଦେଇଛୁ । ପରେ ଅଞ୍ଚଳବାସୀ ବିରୋଧ କରିଥିବା ଆମେ ଶୁଣୁଛୁ ବୋଲି କହିଥିଲେ ।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗ ଦମ୍ପତି

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରୁ ୭୭ ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନଗା (ଓ.ପ୍ର.ସେ) ପୋଷ୍ୟ ସନ୍ତାନ ଭାବେ ପଶ୍ଚିମବଙ୍ଗ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତ ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟା ଠାରେ ରଖାଯାଇଥିଲା। ପରବର୍ତ୍ତୀ ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ । ପରେ ଶିଶୁଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା । ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ। ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବା ପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯାଞ୍ଚ କରିବା ପରେ ଆଜି ଶିଶୁଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଙ୍କର ବୟସ ୪ ମାସ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାଡ ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳ ର ଅବସର ପ୍ରାପ୍ତ ଦିବ୍ୟାଙ୍ଗ ଶିକ୍ଷକ ପଞ୍ଚାନନ ବିଶ୍ୱାଳଙ୍କୁ ଲୁହାମୁଣ୍ଡା ଅଞ୍ଚଳ ର ଜେନ ମହିଳା ଓ ଉକ୍ତ ମହିଳାଙ୍କର ଝିଅ ମାଡ ମାରିବା ସହ ତାଙ୍କ ମୋବାଇଲ ନେଇଯାଇଥିବା ପଞ୍ଚାନନ ସୋମବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭୀତିକରି ପୋଲିସ ନମ୍ବର ୫୧/୨୬ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ପଞ୍ଚାନନ ତାଙ୍କ ଲୁହାମୁଣ୍ଡା ଠାରେ ଥିବା ଜମି ରେ ଲାଗିଥିବା କିଛି ଶାଗୁଆନ ଗଛ ଯାଞ୍ଚ କରିବା ପାଇଁ ଯାଇଥିଲେ । ହେଲେ ତାଙ୍କର କିଛି ଶାଗୁଆନ ଗଛ କଟାଯାଇଥିବା ଦେଖିବାକୁ ପାଇଥିଲେ । ପରେ ଏ ନେଇ ସେ ରେଞ୍ଜ କାର୍ଯ୍ୟାଳୟ ଅଭିଯୋଗ କରିଥିଲେ । ପରେ ଉକ୍ତ ଗଛକୁ ସେ ଭିଡିଓ କରୁଥିବା ବେଳେ ଜଣେ ମହିଳା ଓ ଉକ୍ତ ମହିଳାଙ୍କର ଝିଅ ଆସି ତାଙ୍କୁ ମାଡ ମାରିବା ସହ ତାଙ୍କ ମୋବାଇଲ ଛଡାଇ ନେଇଥିବା ସେ ଅଭିଯୋଗ କରିଛନ୍ତି ।

# ଅନୁଗୁଳ ଜିଲ୍ଲା କ୍ରିକେଟ ଆସୋସିଏସନର ନିର୍ବାଚନ



ଅନୁଗୁଳ, (ସବ୍ୟୁ) : ଅନୁଗୁଳ ଜିଲ୍ଲା କ୍ରିକେଟ ଆସୋସିଏସନର ନିର୍ବାଚନ ଆପାତତଃ ଆଜି ସରି ଯାଇଛି । ନିର୍ବାଚନ ଅଧିକାରିଙ୍କ ରୁଲିଂ ଅନୁସାରେ ଆଜି ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । କିନ୍ତୁ ସମସ୍ତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିବା ଘୋଷଣା ହେଲା । ଚଳିତ ବର୍ଷ ପ୍ରଥମ ଥର ପାଇଁ ଚାରି ବର୍ଷିଆ ନିର୍ବାଚନ ହେଉଥିବାରୁ କିଛି ପ୍ରତିଦ୍ୱନ୍ଦିତା ହେବ ବୋଲି ଆଶା କରାଯାଉଥିଲା । ହେଲେ ଦୁଇ ତିନିଟି ସମାଧାନ ବୈଠକ ପରେ ସମସ୍ତ କଳ୍ପନାଜଳ୍ପନା ହଟି ଯାଇଥିଲା। ଏବଂ ଯେଉଁମାନେ ଥିଲେ ସେମାନେ ପୁଣି ଚାରି ବର୍ଷ ପାଇଁ ଦାୟିତ୍ୱ ପାଇଲେ। ସଭାପତି ଭାବେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଭାତ କୁମାର ସିହ୍ନା, ଅରୁଣ କୁମାର ପୁଷ୍ପାଳକ, ସମ୍ପାଦକ ଭାବେ ସାଗର ନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ରଞ୍ଜନ ଧିର ସାମନ୍ତ ନିର୍ବାଚିତ ହୋଇଥିଲେ। ବରିଷ୍ଠ ଆଇନଜୀବି ଭୂପେଶ ଚନ୍ଦ୍ର ପ୍ରଧାନ ଏବଂ ପ୍ରଶାନ୍ତ ରଥ ନିର୍ବାଚନ ପରିଚାଳନା କରିଥିଲେ।

## ତାଳଚେର କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବର

ତାଳଚେର, (ସବ୍ୟୁ) : ତାଳଚେର କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବର ଅନୁଷ୍ଠିତ ହୋଇଯାଇଛି । କଲେଜର ସଭାଗୃହ ଠାରେ ୮ଦିନ ଧରି ଆୟୋଜିତ ହେଉଥିବା ଏହି ଆତ୍ମ ରକ୍ଷା ଶିବିରରେ ମୁଖ୍ୟଅତିଥିଭାବେ କଲେଜ ଅଧକ୍ଷ ମେଜର ସୁବ୍ରତ କୁମାର ଦାସ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ପ୍ରତ୍ୟେକ ଛାତ୍ରୀ ଆତ୍ମରକ୍ଷା ତାଲିମ ନେବାପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତାଭାବେ ରସାୟନ ବିଭାଗର ଡ଼. ସତ୍ୟନାରାୟଣ ଦାସ ଆତ୍ମରକ୍ଷା କୌଶଳ ଉପରେ ଆଲୋକପାତ କରିଥିଲେ । ରସାୟନ ବିଭାଗର ଅଧାପିକା ଲୋପାମୁଦ୍ରା ଷଡ଼ଙ୍ଗୀ ସ୍ୱାଗତଭାଷଣ ଦେଇଥିବା ବେଳେ ଭୂତତ୍ତ୍ୱ ବିଭାଗର ଅଧାପିକା ବିନକା ଜେନା ଆତ୍ମରକ୍ଷା ଶିବୀର ଲକ୍ଷ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ମାଷ୍ଟର ଟ୍ରେନର୍ ରୀମା କୁମାରୀ ଓ ଶୁଭଶ୍ରୀ ଭୁତିଆ ଯୋଗଦେଇ ଆତ୍ମରକ୍ଷା ବିଭିନ୍ନ କୌଶଲ ଉପରେ ପ୍ରଦର୍ଶନ କରିଥିଲେ । ଶେଷରେ ଶ୍ରୀମତୀ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପତାକା ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁହାସିଙ୍ଗା ପଞ୍ଚାୟତ ପତାକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ନରେନ୍ଦ୍ର ମିଦ୍ଧା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଲୁହାସିଙ୍ଗା ଗ୍ରାମପଞ୍ଚାୟତ ସରପଞ୍ଚ ସୁଦର୍ଶନ ଗାଇଗରିଆ, ମୁଖ୍ୟବକ୍ତା ଭାବରେ ଏ ବି ଇ ଓ ଧରଣୀଧର ସେଠୀ, ସଂମ୍ମାନିତ ଅତିଥି ଭାବରେ ଶିକ୍ଷକ ସଂଘ ସଭାପତି ନିରାକାର ମେହେର, ଗ୍ରାମସଭାପତି ପ୍ରଦୀପ୍ତ ପ୍ରଧାନ, ପରିଚାଳନା କମିଟି ସଭାପତି ବିବେକା ସାହୁ, ସି ଆର ସି ସି ସୁମନ୍ତ ମେହେର, ଶିକ୍ଷକ ଶ୍ରୀକାନ୍ତ ମେହେର ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ଭାବରେ ପାଠ ପଢ଼ିବାକୁ ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଗୋପାଳ ନାୟକ, ଚୈତନ୍ୟ ମୁଖି ଓ ପରିଚାଳନା କମିଟି ର ସଭ୍ୟ ସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ । ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା ।ଶିକ୍ଷକ ବିଜୟ କୁମାର ଦଳେଇ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷକ ବୁଦ୍ଧିମାନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା ।

# ଜେଏମ୍‌ପି ମଡେଲ ସ୍କୁଲରେ ପିଙ୍କ ଏଣ୍ଡ ବ୍ଲୁ ଡେ ପାଳିତ



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସ୍ଥିତ ଜେଏମ୍‌ପି ମଡେଲ ସ୍କୁଲ ରେ ପିଙ୍କ ଆଣ୍ଡ ବ୍ଲ୍ୟୁ ଡେ ପାଳିତ ହୋଇଯାଇଛି। ନର୍ସରୀ ଓ ଏଲ୍‌କେଜି ଶ୍ରେଣୀରେ ପଢୁଥିବା କୁନିକୁନି ଛାତ୍ର, ଛାତ୍ରୀଙ୍କୁ ବିଭିନ୍ନ ରଙ୍ଗର ବିଶେଷତ୍ୱ ଜଣାଇବା ଉଦେଶ୍ୟରେ ଜେଏମ୍‌ପି ମଡେଲ ସ୍କୁଲରେ ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜେଏମ୍‌ପି ମଡେଲ ସ୍କୁଲର ଅଧକ୍ଷ ଦୀନେଶ କୁମାର ସେନାପତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଙ୍କ କଲର ଓ ବ୍ଲ୍ୟୁ କଲର ସମ୍ପର୍କରେ ପିଲାମାନଙ୍କୁ ଅଧିକରୁ ଅଧିକ ନିକଟତର ହେବାପାଇଁ ପ୍ରୟାସ କରାଯାଇଛି ।ପିଙ୍କ ଏକ ଆକର୍ଷକ ରଙ୍ଗ ଭାବେ ପରିଗଣିତ ହେଉଥିବା ବେଳେ ବ୍ଲ୍ୟୁ ରଙ୍ଗର ସ୍ୱତନ୍ତ୍ରତା ରହିଛି ।ପ୍ରତ୍ୟେକ ଦିନ ସମସ୍ତେ ବିଭିନ୍ନ ସମୟରେ ଏହି ଦୁଇ ରଙ୍ଗ ର ଖାଦ୍ୟ ପଦାର୍ଥ, ଫୁଲ, ଫଳ, ଘରକରଣା ସାମଗ୍ରୀ ବ୍ୟବହାର କରୁଥିବା ବେଳେ କୁନି କୁନି ପିଲାମାନେ କିପରି ମନୋରଞ୍ଜନ ମାଧ୍ୟମରେ ଏହି ଦୁଇ ରଙ୍ଗର ବୈଶିଷ୍ଟ୍ୟ ସମ୍ପର୍କ ରେ ଜାଣି ପାରିବେ ତାହାକୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଶତାଧିକ କୁନି ଛାତ୍ର, ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ପିଙ୍କ ଓ ବ୍ଲ୍ୟୁ ରଙ୍ଗକୁ ନେଇ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ମିସ୍ ସୁପ୍ରିୟା, ସୁଚିସ୍ମିତା ତ୍ରିପାଠୀ, ଦେବାଶିଷ ମହାପାତ୍ର, ମିସ ରୁଚି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜେଏମପି ମଡେଲ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଲୋଗୋ ଉନ୍ମୋଚନ



ଢେଙ୍କାନାଳ, (ସବ୍ୟୁ) : ସ୍ଥାନୀୟ ହାଟରୋଡସ୍ଥିତ ଥିବା ଢେଙ୍କାନାଳ ସାଂଧ୍ୟ ସ୍ନାତକ ମହାବିଦ୍ୟାଳୟ ବହୁବର୍ଷର ଅପେକ୍ଷା ପରେ ଢେଙ୍କାନାଳର ବରିଷ୍ଠ ଚିତ୍ରଶିଳ୍ପୀ, ନାଟ୍ୟକାର ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଲୋଗର ଉନ୍ମୋଚନ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ଏ ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ସମୀର କୁମାର ସାହୁଙ୍କ ଅଧକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ପ୍ରତିଷ୍ଠାତା ସଦସ୍ୟ ଭାରତୀ ପଟ୍ଟନାୟକ, କୁନିଲତା ଭଞ୍ଜ, ହାଇଦର ମହମ୍ମଦ, ପ୍ରଦ୍ୟୁମ୍ନ କିଶୋରୀ ପାଣି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ତଥା ସଭାସଦ ବ୍ୟକ୍ତିମାନଙ୍କୁ ସୁଚିନ୍ତିତ ମତାମତମାନ ପ୍ରଦାନ କରିଥିଲେ । ଏଥିସହ ଲୋଗୋ ଉନ୍ମୋଚନ ସହ ପ୍ରତିଷ୍ଠାତା ସଭାପତି ପ୍ରଫୁଲ୍ଲ କୁମାର ଭଞ୍ଜ, ପୂର୍ବତନ ସଭାପତି ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପୂର୍ବତନ ସଂପାଦକ ବିକ୍ରମ କେଶରୀ ପାଣି, ସଂପାଦକ ହାମିମ୍ ମହମ୍ମଦ, ଭାରତୀ ପଟ୍ଟନାୟକ, କନକଲତା ପାଣି ଏବଂ ପ୍ରତିଷ୍ଠାତା ଅଧକ୍ଷ ତଥା ଆଜିର ଅଧକ୍ଷ ଓ ସମୀର କୁମାର ସାହୁଙ୍କ ଫଟୋଚିତ୍ରମାନ ମଧ୍ୟ ଉନ୍ମୋଚିତ କରାଯାଇଅଛି । ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ତାଙ୍କର ଅନେକ ସାଂସ୍କୃତିକ ନୃତ୍ୟମାନ ପ୍ରଦର୍ଶନ କରିଥିଲେ । ଜାଗୃତି ଡ୍ୟାନ୍ସ ଏକାଡେମୀର ଗୁରୁ ରୁନା ଦାସଙ୍କ ମହାବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ପରେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧାପିକା ସ୍ୱର୍ଣ୍ଣଲତା ମହାଳିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଅଧାପକ ନିହାର ରଞ୍ଜନ ନନ୍ଦ, ସମୀର କୁମାର ମଲ୍ଲିକ ପ୍ରଭୃତି ସମସ୍ତ କାର୍ଯ୍ୟକୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ ।

# ପ୍ରେମ ବିବାହକୁ ବିରୋଧ : ଯୁବତୀଙ୍କ ମା'-ମାଉସୀ ଖାଇଲେ ମାଡ଼, ୪ ଆହତ

ଭଦ୍ରକ,(ସବ୍ୟୁ)ପ୍ରେମ ବିବାହକୁ ବିରୋଧ କରିବାରୁ ଶାଶୁଘର ଲୋକଙ୍କଠାରୁ ମାଡ଼ ଖାଇଲେ ଯୁବତୀଙ୍କ ମା' ଓ ମାଉସୀ। ଆକ୍ରମଣରେ ମା', ମାଉସୀଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନ ଗୋପାଳବିନ୍ଧା ଗ୍ରାମରେ ଏଭଳି ଘଟଣା ଘଟିଛି। ଆହତମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, କେଶପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ୨୨ ବର୍ଷିୟା ଝିଅ ପରିବାରର ବିରୋଧ ସତ୍ତ୍ୱେ ସେହି ଗ୍ରାମର ଜଣେ ଯୁବକଙ୍କୁ କିଛିଦିନ ତଳେ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ବିରୋଧ କରି ଯୁବତୀଙ୍କ ମାଆ ଓ ମାଉସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଝିଅକୁ ଫେରାଇ ଆଣିବା ପାଇଁ ସେମାନେ ବାରମ୍ବାର ଥାନାକୁ ଯାଇ ଯୋଗାଯୋଗ କରୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଯୁବତୀଙ୍କ ମାଉସୀ ଗ୍ରୁପ ଟଙ୍କା ଆଦାୟ କରିବାକୁ ସେହି ଗାଁ ଦେଇ ଯାଉଥିବା ବେଳେ ଯୁବତୀଙ୍କ ଶାଶୁଘର ଲୋକେ ତାଙ୍କୁ ଗାଁ ଦାଣ୍ଡରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଯୁବତୀଙ୍କ ମାଆ ଜଣେ ସମ୍ପର୍କୀୟଙ୍କ ସହ ବାଇକରେ ଥାନାକୁ ଯାଉଥିଲେ। ଯିବା ବାଟରେ ସେମାନଙ୍କୁ ମଧ ଆକ୍ରମଣ କରାଯାଇଥିବା ଯୁବତୀଙ୍କ ମାଆ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୪୩/୨୬) ରୁଜୁ ହୋଇଛି। ଅପରପକ୍ଷେ ଯୁବତୀଙ୍କ ଶାଶୁଘର ଲୋକେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା (ନଂ.୪୫/୨୬) ରୁଜୁ ହୋଇଛି। ପ୍ରେମ ବିବାହକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୬ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ପରୀକ୍ଷା ସମୟରେ ଯାତ୍ରାଭିନୟ ଓ ଯଜ୍ଞ କାର୍ଯ୍ୟକ୍ରମ ଘୁଞ୍ଚାଇବାକୁ ନିବେଦନ

ଭଦ୍ରକ,(ସବ୍ୟୁ):ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ (ମ୍ୟାଟ୍ରିକ୍) ପରୀକ୍ଷା ସମୟରେ କୌଣସି ଯାତ୍ରାଭିନୟ ଓ ମାଇକ୍ ଦ୍ୱାରା ପୂଜାପାର୍ବଣର ଉତ୍କଟ ଶବ୍ଦ ନକରିବାକୁ ସରକାରଙ୍କ ପକ୍ଷରୁ କଡା କଟକଣା ଜାରି ହୋଇଥିବା ସତ୍ତ୍ୱେ ଏହି ଜିଲାର ଧାମନଗର ଥାନା ଅଧୀନସ୍ଥ ହରିପୁରବିନ୍ଧା ଗ୍ରାମରେ ବେଆଇନ୍ ଭାବେ ଯଜ୍ଞ ଓ ଯାତ୍ରାଭିନୟ ହେବାକୁ ଯାଉଛି। ତେବେ ଏହା ବିରୁଦ୍ଧରେ ଗ୍ରାମର କେତେକ ଅଭିଭାବକ ଏହା ଉପରେ ଅଂକୁଶ ଜାରି କରିବାକୁ ମଙ୍ଗଳବାର ଦିନ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଅଭିଯୋଗ ପତ୍ରର ନକଲ ଥାନାଧିକାରୀ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପତ୍ରରେ ଉକ୍ତ ଗ୍ରାମର ସମାଜସେବୀ ରମାକାନ୍ତ ସାମଲ, ବାବାଜୀ ଚରଣ ପରିଡା, ଅଭିଭାବକ ଇନ୍ଦ୍ରମଣି ପାତ୍ର, ତାପସ ରଂଜନ ଜେନା, ଗଣେଶ ଚନ୍ଦ୍ର ସାମଲଙ୍କ ସମେତ ପ୍ରଫୁଲ୍ଲ କୁମାର ସାହୁ ଓ ଶ୍ରୀଧର ପାତ୍ର ଭଳି ଅଭିଭାବକମାନେ ଦର୍ଶାଇଥିବା ତଥ୍ୟମୂଳେ ଆସନ୍ତା ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ଯଜ୍ଞ ହେବାକୁ ଥିବାବେଳେ ୧୯ - ୨୦ ତାରିଖ ପର୍ଯ୍ୟନ୍ତ ଯାତ୍ରା କରିବାର ପ୍ରସ୍ତାବ ଗୃହିତ ହୋଇଛି। ତେବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୧୦ମ ଶ୍ରେଣୀ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଚାଲିବ। ସେହିଭଳି ପ୍ରସ୍ତାବିତ ଯାତ୍ରାଭିନୟ ୧୯ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ କରିବା ପାଇଁ କେତେକ ସ୍ଥାନୀୟ ଲୋକଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯାଇ ପ୍ରଚାର ପ୍ରସାର କରାଯାଇଛି। ଏହା କରିବାକୁ ସ୍ଥାନୀୟ ପୁଲିସ୍ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଅନୁମତି ନିଆଯାଇନାହିଁ। ଆସନ୍ତା ୧୫ ତାରିଖ ଶିବରାତ୍ରି ଠାରୁ ଯଜ୍ଞର ଆୟୋଜନ କରିବା ପାଇଁ ପ୍ରସ୍ତାବ ରହିଛି। ଏଣୁ ଏହି ପ୍ରସ୍ତାବିତ ଯଜ୍ଞ ଓ ଯାତ୍ରାଭିନୟର ତାରିଖ ଗୁଡିକ ଘୁଂଚାଇବା ପାଇଁ ଅଭିଭାବକମାନେ ଅନୁରୋଧ କରିଥିଲେ ବି ସେମାନଙ୍କ ପ୍ରସ୍ତାବ ଗ୍ରାମରେ ହୋଇଥିବା ବୈଠକରେ ଗ୍ରହଣ କରାଗଲାନାହିଁ। ଏ ସଂପର୍କରେ ଉକ୍ତ ବୈଠକରେ କାର୍ଯ୍ୟକର୍ତାମାନେ ବହୁ ଆଗରୁ ଯାତ୍ରା କଳିଙ୍ଗ ସମ୍ରାଟ ପ୍ରଯୋଜକଙ୍କୁ ବିପିନ ବିହାରୀ ସାମଲ ଅଗ୍ରୀମ ଟଙ୍କା ଦେଇ ରସିଦ୍ ଓ ଚୁକ୍ତିନାମା କରିଛନ୍ତି ବୋଲି କୁହାଯାଇଥିଲା। ଏବେ ଗ୍ରାମର ବହୁ ଲୋକଙ୍କୁ ମୋଟା ଅଙ୍କର ଚାନ୍ଦା ପାଇଁ ମଧ ବାଧ କରାଯାଉଛି। ଏଣୁ ପ୍ରସ୍ତାବିତ ଯଜ୍ଞ ଓ ଯାତ୍ରାଭିନୟର ତାରିଖ ଘୁଂଚା ନଗଲେ ପରୀକ୍ଷାର୍ଥୀମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏଣୁ ଉକ୍ତ କାର୍ଯ୍ୟକ୍ରମ ଗୁଡିକୁ ପରୀକ୍ଷା ସମୟରେ ଘୁଂଚାଇ ଦେବାକୁ ଅଭିଯୋଗକାରୀମାନେ ଜିଲାପାଳ ଦିଲ୍ଲୀପ ରାଉତରାଏ ଓ ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଅକ୍ଷୟ ଓ ଶୁଭସ୍ମିତାଙ୍କୁ ଆଦରମଣି ସ୍ମୃତି ସମ୍ମାନ



ଅସୁରାଳି,(ସବ୍ୟୁ): ଭଦ୍ରକ ନିକଟସ୍ଥ ଆନନ୍ଦବଜାର ହାଇସ୍କୁଲରେ ଆଦରମଣି ସ୍ମୃତି ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦରମଣି ସ୍ମୃତି ସଂସଦର ସଭାପତି ପ୍ରଫୁଲ୍ଲଚନ୍ଦ୍ର ବୈକୁଣ୍ଠ ବିଶ୍ୱାଳ ପୌରହିତ୍ୟ କରିଥିଲେ। ଏହି ସ୍ମୃତି ଉତ୍ସବରେ ଧାମନଗର ବ୍ଲକ ଅଧୀନ ସନ୍ଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତିଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଆଦରମଣି ସ୍ମୃତି ଶିକ୍ଷା ସମ୍ମାନ ଏବଂ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଗତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଆନନ୍ଦ ବଜାର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଶୁଭସ୍ମିତା ପଣ୍ଡାଙ୍କୁ ଆଦରମଣି ସ୍ମୃତି ମେଧା ପୁରସ୍କାର ପ୍ରଦାନ କରାଯାଇଛି। ଭଦ୍ରକ ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାହୁ,ରାଜ୍ୟ ସମ୍ମାନପ୍ରାପ୍ତ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ରାଉତ,ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ବିଶ୍ୱାଳ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଉମାମଣି ସାହୁ,ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ସାମଲ,ଯୁବନେତା ଦୁଷ୍ମନ୍ତ ମିଶ୍ର,ଓକିଲା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ରାଉତରାୟ,ମଙ୍ଗଳପଦା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଜଲଶ୍ରୀ ରଶ୍ମିରେଖା ଜେନା,ପ୍ରାକ୍ତନ ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରା ଅତିଥି ରୂପେ ଯୋଗଦେଇ ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଶିକ୍ଷାବିତ୍,ବୁଦ୍ଧିଜୀବୀ,କଳାକାର,ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।।

# ଆଉ କାମ ଦେବନି ୫ ଟଙ୍କା ବଢ଼ିଲା ମୁଖ୍ୟମନ୍ତ୍ରୀ ବସ୍‌ଭଡା

ପାଟଣା,(ସବ୍ୟୁ): ବିଜେପି ଆସିବା ପରେ ଲକ୍ଷ୍ମୀ ବସକୁ ମୁଖ୍ୟମନ୍ତ୍ରୀ ବସ ସେବାରେ ନାମ ପରିବର୍ତ୍ତନ କରିବା ପରେ ମଧ୍ୟ ପୁରୁଣା ନିୟମ ଅନୁସାରେ ଲୋକମାନଙ୍କୁ ସେବା ଯୋଗାଉ ଥିଲେ। ଯେବେ ଠାରୁ ଜିଲ୍ଲା ମହକୁମା କୁ ମୁଖ୍ୟମନ୍ତ୍ରୀ ବସ ଗଡିବା ଆରମ୍ଭ କଲା ସେବେ ଠାରୁ ଘରୋଇ ବସ ମାଲିକ ମାନେ ମୁଖ୍ୟମନ୍ତ୍ରୀ ବସ ସେବାକୁ ବିରୋଧ କରିଥିଲେ।କିନ୍ତୁ ଏବେ ମୁଖ୍ୟମନ୍ତ୍ରୀ ବସର ଭଡା ବଢିଯାଇଛି। ନିଜ ନିଜର ବ୍ଲକ ଭିତରେ ପଞ୍ଚାୟତରୁ ଗାଁ କୁ ଯାଉଥିବା ନନ ଏସି ବସ ଭଡା ୦.୮୮ ପ୍ରତି କିଲୋମିଟର ଏସି ବସ ୧.୫୫ ପ୍ରତି କିଲୋମିଟର ଭଡା ଦେବାକୁ ପଡିବ ବୋଲି ଧାର୍ଯ୍ୟ କରାଯାଇଛି।ସ୍କୁଲ ଛାତ୍ର ଛାତ୍ରୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବ ପରି ମାଗଣା ସେବା ଯୋଗାଇ ଦିଆଯିବ ସହ ମହିଳା ବିଦ୍ୟାଙ୍ଗ ବରିଷ୍ଠ ନାଗରିକ ମାନଙ୍କ ପାଇଁ ମୂଳ ଭଡା ଠାରୁ ୫୦ଂ ରିହାତି ଦରରେ ଯାତ୍ରା କରିପାରିବେ ବୋଲି ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଏବେ ଏହି ବସ ଭଡ଼ା ୫ଟଙ୍କା ରହିଛି।

# ଗୋଲକମଣି ମହିଳା କଲେଜର ବାର୍ଷିକ ଉତ୍ସବ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ସଦରବ୍ଲକ ଅନ୍ତର୍ଗତ ଉଇଟିକୀରି ଠାରେ ଥିବା ଗୋଲକମଣି ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଗୀତାରାଣୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବରେ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ସ୍ନେହଲତା ଦାସ ,ମୁଖ୍ୟବକ୍ତାଭାବରେ ଫୁଲମଣୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଭୂୟାଁ ଯୋଗଦେଇ ଛାତ୍ରଛାତ୍ରୀମାନ କଠିନ ପରିଶ୍ରମକଲେ ସଫଳତା ନିଶ୍ଚିତଭାବେ ପାଇବେ ବୋଲି କହିଥିଲେ । ଅର୍ଥଶାସ୍ତ୍ର ବିଭାଗ ଅଧାପକ ତନୁଜ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଅଜୟ କୁମାର ସାମଲ ମଂଚ ଆହ୍ୱାନ କରିଥିଲେ । ବରିଷ୍ଠ ଓଡ଼ିଆ ଅଧାପକ ଦେବେନ୍ଦ୍ରନାଥ ପୃଷ୍ଟି ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗୀତାରେ ଭାଗନେଇ ସଫଳତା ପାଇଥିବା ଛାତ୍ରୀମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପାଇଁ ମଂଚଆହ୍ୱାନ କରିଥିଲେ । କୃତୀଛାତ୍ରୀମାନେ ମୁଖ୍ୟଅତିଥି ଓ ମୁଖଯବକ୍ତାଙ୍କ ଠାରୁ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ । ସଭାଶେଷରେ ଅଧ୍ୟାପକ ଦେବେନ୍ଦ୍ର ନାଥ ପୃଷ୍ଟିଙ୍କ ସହଯୋଗରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯଯକ୍ରମ ଅନୁଷ୍ଠିତ ହୋଇଥିଲା ।

# ବାବା ବାଲୁକେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଖଇରା,(ସବ୍ୟୁ)ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମରେ ୩ୟ ବାବା ବାଲୁକେଶ୍ୱର ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସଂଧ୍ୟାରେ ବାବା ବାଲୁକେଶ୍ୱର ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି , ଜିଲ୍ଲା ପରିଷଦ ସଭ୍ୟମାନସ କୁମାର ଦାଶ ,ମୁଖ୍ୟବକ୍ତା,ସ୍ଥାନୀୟ ସରପଞ୍ଚ ରଘୁନାଥ ଜେନା, ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରଷ୍ଟର ଅଧ୍ୟକ୍ଷ ଶରତ କୁମାର ଜେନା,ମହୋତ୍ସବ କମିଟିର ସମ୍ପାଦିକା ମିତା ସେଠୀ,ସଭାପତି ବିଭୁତି ଭୁଷଣ ମାହାନା ପ୍ରମୁଖ ଉପସ୍ଥିତ ଥିଲେ । ଗୟାଧାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଥିଲା

# ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଦୁଇ ପରିବାର ସର୍ବସ୍ୱାନ୍ତ

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ମୁଣିଦା ଓ ମଛଦା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ପରିବାର ସର୍ବସ୍ୱାନ୍ତ ହୋଇ ଯାଇଛନ୍ତି । ମୁଣିଦାରେ ମନୁଷ୍ୟକୃତ ବୋଲି ଅଭିଯୋଗ ହୋଇଥିବା ବେଳେ ମଛଦାରେ ଆକସ୍ମିକ ବୋଲି କୁହାଯାଉଛି । ଅଚ୍ୟୁତପୁର ପଞ୍ଚାୟତର ଅଧୀନ ମୁଣିଦା ଗ୍ରାମରେ ଘର ପୋଡିର ଶିକାର ହୋଇଥିବା ନିରଞ୍ଜନ ପାଢୀଙ୍କ ଅଭିଯୋଗ ଅନୁଯାୟୀ ସୋମବାର ରାତି ପାଖାପାଖି ୧୦ଟା ରେ ପ୍ରଥମେ ନିଆଁ ଲାଗିଥିବା ବେଳେ ଏହାକୁ ଆୟତ୍ତ କରାଯାଇଥିଲା । ପୁନଶ୍ଚ ରାତି ପ୍ରାୟ ୨ଟା ସମୟରେ ପୁଣି ଘରେ ଧୂଆଁ ଭର୍ତ୍ତି ହୋଇଯିବା ବେଳେ ଘର ଲୋକ ଦୌଡି ବାହାରକୁ ପଳାଇ ଆସୁଥିବା ବେଳେ ଜଣେ ପଡୋଶୀ ଦୌଡି ପଳାଇ ଯାଉଥିବା ନେଇ ପରିବାର ଲୋକଙ୍କ ନଜରକୁ ଆସିଥିଲା । ସକାଳେ ଖଇରା ଥାନାରେ ଅଭିଯୋଗ ପରେ ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ମୁଣିଦା ଗ୍ରାମକୁ ଯିବା ରାସ୍ତାରେ ପୋଲପାଇଁ ଗାଡ ଖୋଳାଯାଇଥିବାରୁ ଅଗ୍ନିଶମ ବାହିନୀ ବହୁ ବିଳମ୍ବରେ ପହଞ୍ଚିଥିଲା । ସେହିଭଳି ଗଗନଧୂଳି ପଞ୍ଚାୟତ ମଛଦା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ହରିହର ମଲ୍ଲିକଙ୍କର ୪ବଖରା ବାସଗୃହ ପୋଡି ନଷ୍ଟ ହୋଇ ଯାଇଛି । ଏଥିରେ ଧାନ,ଚାଉଳ,ଆସବାବ ପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଛି

# ମଦ କାରଖାନାରେ ଚଢାଉ
# ମହୁଲପୋଚ ସହ ଦେଶୀ ମଦ ଜବତ

ବେତନଟୀ,(ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ କମଳାଶୋଳ ଏବଂ ମାଙ୍କଡାପାଳ ଠାରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ମିଳିତ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଓ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଜବତ ପୂର୍ବକ ନଷ୍ଟ କରାଯାଇଛି । ସୂଚନା ମୁତାବକ କମଳାଶୋଳ ଏବଂ ମାଙ୍କଡାପାଳ ଅଞ୍ଚଳରେ ଚାଲିଥିବା ଚୋରା ଦେଶିମଦ କାରଖାନା ବାବଦରେ ଖବରପାଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଉଦଳା, ଖୁଣ୍ଟା ଅବକାରୀ ଟିମ ସମେତ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ମଙ୍ଗଳବାର ପୃଥକ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ମଦମାଫିଆ ମାନେ ଲଟାବୁଦା ଭିତରେ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ । ଚଢ଼ାଉ ସମୟରେ ୧୧୦୦ କିଲୋଗ୍ରାମ ଓଜନର ମହୁପୋଚ ଏବଂ ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ୧୦୩୦ ଲିଟର ରନ୍ଧାମଦ ଜବତକରି ନଷ୍ଟ କରାଯାଇଥିଲା । ଉଭୟ ସ୍ଥାନରେ ଚୋରାମଦ ପ୍ରସ୍ତୁତିରେ ବ୍ୟବହୃତ ବିପୁଳ ସରଞ୍ଜାମ ଗୁଡିକୁମଧ୍ୟ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥିସହିତ ଘଟଣାସ୍ଥଳରୁ ପ୍ଲାଷ୍ଟିକଡ୍ରମ ଓ ଆଲୁମିନିୟମ ଡେ଼କଚି ସମେତ ଅନ୍ୟାନ୍ୟ ସରଞ୍ଜାମ ଗୁଡିକୁ ମଧ୍ୟ ଜବତକରି ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଛି । ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖାଯାଇଛି ।

# ବ୍ରାଉନସୁଗର ଜବତ : ଅଭିଯୁକ୍ତ ଗିରଫ

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର-୨ ଅବକାରୀ ଥାନା ପକ୍ଷରୁ ୧୬ନମ୍ବର ଜାତୀୟ ରାଜପଥର ସେରଗଡ଼ ଛକ ନିକଟରୁ ବିଶୁଆ ଓରଫ କୈଳାଶ ମୁଖୀ (୪୦)କୁ ଧରାଯାଇ ତାଙ୍କ ନିକଟରୁ ୧୨୦ ଗ୍ରାମ୍ ବ୍ରାଉନସୁଗାର ଜବଦ କରାଯାଇଛି । ଜବଦ ବ୍ରାଉନସୁଗର ମୁଲ୍ୟ ୧୨ଲକ୍ଷ ଟଙ୍କା ହୋଇଥିବା ବେଳେ ଅବକାରୀ ବିଭାଗ ବିଶୁଆ ବ୍ୟବହାର କରୁଥିବା ଓଡ଼ି୦୧- ବିସି-୨୨୬୪ ନମ୍ବର ଟିଭିଏସ୍ ଜୁପିଟର ଗାଡ଼ିଟିକୁ ମଧ୍ୟ ଜବଦ କରିଛନ୍ତି । ଗିରଫ କୈଳାସ ମୁଖିଙ୍କ ଘର ଖନ୍ତାପଡ଼ା ଥାନା ଅନ୍ତର୍ଗତ ସେରଗଡ଼ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କର ପିତାଙ୍କ ନାମ ସ୍ୱର୍ଗତଃ ରବିନ୍ଦ୍ର ମୁଖି ବୋଲି ଜଣାପଡ଼ିଛି । ଏହି ଚଢାଉରେ ଡିଏସ୍ଇ ସ୍ୱପ୍ନାରାଣୀ ସାହୁ, ଇନ୍ସପେକ୍ଟର ହରିହର ସିଂ, ଏସ୍ଆଇ ଭବେଶ ଦାସ, ଏଏସ୍ଆଇ ଲମ୍ବୋଦର ମହାନ୍ତ, କନେଷ୍ଟବଳ ସୁନାରାମ ସରେନ, ସୁବିରକାନ୍ତ ବେହେରା, ନାହନ ମୁର୍ମୁ, ରଶ୍ମିରେଖା ପାତ୍ର ପ୍ରମୁଖ ସାମିଲ ଥିଲେ ।

# ଆସନ୍ତା ୧୨ ଧର୍ମଘଟକୁ ସଫଳ କରିବାକୁ ପ୍ରଚାର ଅଭିଯାନ

ବାଲେଶ୍ୱର-,(ସବ୍ୟୁ):-ାସନ୍ତା ୧୨ ତାରିଖ ଗୁରୁବାର ଦିନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ଆହ୍ୱାନରେ ୪ଟି ଶ୍ରମକୋଡ୍ ବାତିଲ୍ ଓ ଅନ୍ୟାନ୍ୟ ଜନଦାବି ନେଇ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବାକୁ ବ୍ୟାପକ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି। ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ବାଲେଶ୍ୱର ସହର ସମେତ ବିଭିନ୍ନ ଅଞ୍ଚଳରେ ମାଇକ୍ ପ୍ରଚାର ଜରିଆରେ ଜନଗଣଙ୍କୁ ଦାବିଗୁଡ଼ିକ ସଂପର୍କରେ ଅବଗତ କରାଇ ଶାନ୍ତିପୂର୍ଣ୍ଣ ଭାବରେ ସାଧାରଣ ଧର୍ମଘଟ ବା ଭାରତବନ୍ଦକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ନିବେଦନ କରାଯାଉଛି। ବାଲେଶ୍ୱର ସହରର ବିଚାରଗଞ୍ଜ ଛକ, ଗାନ୍ଧିସ୍ମୃତି ଭବନ ସମ୍ମୁଖ ଓ ରେଳ ଷ୍ଟେସନରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଭାଗବତ ପ୍ରତିହାରୀ, ଉମାକାନ୍ତ ଦାସ, ରବୀନ୍ଦ୍ର ବେହେରା, ଶ୍ୟାମସୁନ୍ଦର ଜେନା, ଜତିନ୍ ପାତ୍ର, ଶରତ ଦଳାଇ, ଭରତ ସେଠୀ, ପ୍ରଶାନ୍ତ ଦାସ ଓ ମିଳିତ ମଞ୍ଚର ଆବାହକ ତଥା ଟିୟୁଏସିସିର ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ଦୃଢ଼ ବିରୋଧ କରିଥିଲେ। ରେମୁଣା ଗୋଲେଇରେ ମଧ ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ବିଧାୟକ ତଥା ଶ୍ରମିକନେତା ପ୍ରଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି।

# ସହପାଠୀଙ୍କ ସଂଘବଦ୍ଧ ଆକ୍ରମଣରେ ନବମ ଶ୍ରେଣୀ ଛାତ୍ର ଗୁରୁତର

ନୀଳଗିରି , (ସବ୍ୟୁ): ଫୁଟବଲ ଖେଳରୁ ମହାଭାରତ ହୋଇଛି ।ଖେଳରେ କିକ ମରାକୁ କେନ୍ଦ୍ର କରି ସହପାଠୀଙ୍କ ସଂଘବଦ୍ଧ ଆକ୍ରମଣରେ ନବମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ସନ୍ତରାଗଡିଆ ଉଚ୍ଚ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଶୁକ୍ରବାର ମଧାହ୍ନ ସମୟରେ ସନ୍ତରାଗଡିଆ ଉଚ୍ଚବିଦ୍ୟାଳୟ ପରିସରରେ ନବମ ଶ୍ରେଣୀର ଛାତ୍ରମାନେ ୩ ଦିନ ତଳେ ଫୁଟବଲ ଖେଳରେ ହୋଇଥିବା ଫାଉଲ ପାଇଁ ବାରୁଦଖାନା ଗ୍ରାମର ଜୟଦେବ ଦାସଙ୍କ ପୁଅ ଅଭିରାମ ଦାସଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।ନବମ ଶ୍ରେଣୀ ବି ସେକ୍ସନର ୪-୫ ଜଣ ଛାତ୍ର ମିଶି ଅଭିରାମଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ସନ୍ତରାଗଡିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରିବା ପରେ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଛାତ୍ରମାନେ ଅଭିରାମକୁ ଜୀବନରୁ ମାରିଦେବା ପାଇଁ ବ୍ୟାଗରେ ମାରଣାସ୍ତ୍ର ଆଣିଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ପ୍ରଧାନଶିକ୍ଷକଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଲଠାଇ ନଥିଲେ । ଫଳରେ ଏବେ ସ୍କୁଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି।

# ୧୮ନମ୍ବର ଜାତୀୟ ରାଜପଥ ଉପରେ ଓଲଟିଲା ପିକ୍‌ଅପ୍

ବେତନଟୀ , (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଉପକଣ୍ଠ ୧୮ନଂ ଜାତୀୟ ରାଜପଥର ବ୍ରିଜ ନିକଟରେ ମଙ୍ଗଳବାର ସକାଳେ ଏକ ପିକଅପ ଓଲଟି ପଡ଼ିଥିବା ବେଳେ ପୁଲିସର ତଦନ୍ତ ଜାରି । ଘଟଣାରୁ ପ୍ରକାଶ ମଙ୍ଗଳବାର ସକାଳ ସମୟରେ ଓଡି-୦୧ଏଲ-୪୨୯୭ ବିଶିଷ୍ଟ ଏକ ଜାଲ ବୋଝେଇ ପିକଅପ ଗାଡ଼ି ବାଲେଶରରୁ ବାଙ୍ଗିରିପୋଷି ଅଭିମୂଖେ ଯାଉଥିଲା । ଏହି ସମୟରେ ବୈଶିଙ୍ଗା ସ୍ଥିତ ୧୮ନଂ ଜାତୀୟ ରାଜପଥ ଉପରେ ହଠାତ ଗାଡ଼ିର ପଛ ଚକ ଫାଟି ଯିବା ଯୋଗୁଁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଦୀର୍ଘ ସମୟ ଧରି ପଡିରହିଥିଲା । ଦୁର୍ଘଟଣା ପରେ ମଧ ଡ୍ରାଇଭର ସୁସ୍ଥ ଥିଲେ । ସେ ଜାଲ ଗୁଡିକୁ ଅନ୍ୟ ଏକ ପିକଅପ ଗାଡ଼ି ଯୋଗେ ସ୍ଥାନାନ୍ତର କରିଥିଲେ । ରାଜପଥ ଉପରେ ଦୁର୍ଘଟଣାଗ୍ରସ୍ତ ପିକଅପ ଗାଡ଼ିଟି ପଡ଼ିରହିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ କ୍ରେନ ଯୋଗେ ଗାଡ଼ିଟିକୁ ଥାନାକୁ ନେଇ ଆସିଥିଲେ । ଏ ନେଇ ବୈଶିଙ୍ଗା ପୁଲିସ ତଦନ୍ତ ଜାରି ରଖିଛି ।

# ବକେୟା ଭତ୍ତା ପାଇବା ଦାବିରେ ଦିବ୍ୟାଙ୍ଗଙ୍କ ଆମରଣ ଅନଶନ

ବନ୍ତ,(ସବ୍ୟୁ):ବକେୟା ପ୍ରାପ୍ତଯ ଓ ୩ ହଜାର ୫ ଶହ ଟଙ୍କା ଭତ୍ତା ପାଇବା ଦାବୀରେ ବନ୍ତ ବ୍ଲକ ସିଡିପିଓ ଅଫିସ ଆଗରେ ବନ୍ତ ବ୍ଲକ ସେଣ୍ଟତୀରା ପଞ୍ଚାୟତ ଫୁଲଗଡିଆ ଗ୍ରାମର ଦିବ୍ୟାଙ୍ଗ କୈଳାସ ଚନ୍ଦ୍ର ମହାପାତ୍ର ଆମରଣ ଅନଶନରେ ବସିଥିବା ଜଣାଯାଇଛି । ପ୍ରକାଶ ଯେ, ଗତ ତା-୧୩-୧୨-୨୦୧୨ ରିଖରୁ ତା-୧୨-୨-୨୦୧୫ ରିଖ ପର୍ଯ୍ୟନ୍ତ କୈଳାସ ବନ୍ତ ବ୍ଲକ ସିଡିପିଓଙ୍କ ଗାଡି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ସମୟରେ ବକେୟା ବାବଦ ୫୨ ହଜାର ୧୬୬ ଟଙ୍କା ସେ ପାଇନଥିଲେ । ସେବେ ଠାରୁ ସେ ବକେୟା ପ୍ରାପ୍ତଯ ପାଇବା ନେଇ ଅଭିଯୋଗ କରିଆସୁଥିଲେ ମଧ ତାଙ୍କୁ ଏପର୍ଯ୍ୟନ୍ତ ବକେୟା ପ୍ରାପ୍ତ୍ୟ ମିଳି ପାରିନାହିଁ । ଗତ ୨ ବର୍ଷ ହେବ ସେ ପାରାଲିସିସ ରୋଗରେ ଆକ୍ରାନ୍ତ ଟ୍ରାଇ ସାଇକେଲରେ ଯିବା ଆସିବା କରୁଛନ୍ତି । ସେ ୮୦ ଭାଗ ଶାରିରୀକ ଅକ୍ଷମ ହୋଇଥିବା ବେଳେ ତାଙ୍କୁ ୧୨ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି । ବକେୟା ପ୍ରାପ୍ତଯ ନମିଳିବା, ୮୦ ଭାଗ ଦିବଯାଙ୍ଗଙ୍କ ପାଇଁ ଧାର୍ଯ୍ୟଯ ଭତ୍ତା ନମିଳିବା ଫଳରେ ସେ ଚିକିତ୍ସିତ ହୋଇନପାରିବା ଏବଂ ପରିବାର ଚଳାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିନେଇ ସେ ତା-୩୦-୧୨-୨୦୨୪ ଓ ତା-୮-୯-୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରିନାହିଁ । ଫଳରେ ସେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ସିଡିପିଓ ଅଫିସରେ ଚାକିରୀ କରିବା ସମୟର ବକେୟା ପ୍ରାପ୍ତ୍ୟ ଏବଂ ୮୦ ଭାଗ ଶାରିରୀକ ଅକ୍ଷମଙ୍କ ପାଇଁ ଧାର୍ଯ୍ୟଯ ହୋଇଥିବା ୩ ହଜାର ୫ ଶହ ଟଙ୍କା ଭତ୍ତା ପାଇବା ଦାବୀରେ ସେ ସିଡିପିଓ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଜଣାଯାଇଛି । ଅନଶନରେ ବସିବା ନେଇ ସେ ଫେବୃଆରୀ ୪ରେ ଜିଲାପାଳ, ଜିଲା ପରିଷଦ ମୁଖ୍ୟଉନ୍ନୟନ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ବିଡିଓ, ସିଡିପିଓ, ବନ୍ତ ଥାନାଧିକାରୀ ଓ ଆଗରପଡା ଗେଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଲିଖିତ ଅବଗତ କରିଥିଲେ ।

# ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, (ସବ୍ୟୁ) :ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ--୨୦୨୬ ଏସହର ନିକଟସ୍ଥ ପଦ୍ମାବତୀ ଏମ୍ୟୁଜମେଣ୍ଟ ପାର୍କରେ ଉଦ୍ଘାଟିତ ହୋଇଯାଇଛି। ଏହି ଉତ୍ସବ ଆସନ୍ତର କାଲି ୧୧ତାରିଖରେ ଶେଷ ହେବ । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ବାଲେଶ୍ୱର ଡ଼ା. ବସନ୍ତ କୁମାର ନାୟକଙ୍କ ଆବାହାନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ମୁଖ୍ୟବକ୍ତା ଓ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ ଓ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଏମ୍ ଶ୍ରୀ ବିଦ୍ୟାଳୟର ଲକ୍ଷ୍ୟ, ଦୃଷ୍ଟିକୋଣ ଓ ଶିକ୍ଷାରେ ତାହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଜିଲ୍ଲାର ୧୮ଟି ପିଏମ୍ ଶ୍ରୀ ବିଦ୍ୟାଳୟରୁ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ୧୫୦ରୁ ଅଧିକ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ।

# କାନ୍ଥ ଭାଙ୍ଗି ନେଇଗଲେ ୨୦ ଲକ୍ଷରୁ ଅଧିକ ଟଙ୍କାର ଗହଣା

ସୋର,(ସବ୍ୟୁ) : ସୋର ଥାନା କେଶରୀପୁର ପଞ୍ଚାୟତ ଫଟାଅର୍ଜ୍ଜୁନ ଛକ ନିକଟରେ ଥିବା ଏକ ଗହଣା ଦୋକାନରୁ ଲୁଟେରାମାନେ ଦୋକାନର କାନ୍ଥ ଭାଙ୍ଗି ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। କେଶରୀପୁର ଗ୍ରାମର ରାଜେନ୍ଦ୍ର ସାହୁ ଫଟାଅର୍ଜ୍ଜୁନ ଛକରେ ନୀଳମଣି ଜୁଏଲାରୀ ନାମରେ ଏକ ଗହଣା ଦୋକାନ କରିଛନ୍ତି।ପ୍ରତିଦିନ ଭଳି ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ ମଙ୍ଗଳବାର ସକାଳେ ତାଙ୍କ ଦୋକାନ କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିବା ଖବର ପାଇ ଦୋକାନ ଖୋଲିଥିଲେ।ପରେ ଦୋକାନ ଲକରରୁ ୫ଶହ ଗ୍ରାମ ସୁନା ଓ ୫ କେଜିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ସମେତ ନଗଦ ୧୨ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଟୋକନ ଲାପ୍ସ ଆଶଙ୍କାରେ ଚାଷୀ

ଆଗରପଡ଼ା,(ସବ୍ୟୁ):ନିର୍ଦ୍ଧାରିତ ତାରିଖ ଆରମ୍ଭରୁ ମଣ୍ଡିରୁ ଧାନ ନ ଉଠି ଥିବାରୁ ଟୋକନ ଲାପ୍ସ ହୋଇପାରେ, ଏହି ଆଶଙ୍କାରେ ଅଛନ୍ତି ଚାଷୀ। ଆଗରପଡ଼ାସ୍ଥିତ ପୁରୁଷଣ୍ଡ ସେବା ସମବାୟ ସମିତି ମଣ୍ଡିରୁ ୪୦ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ କରିବାର ଆକଳନ କରାଯାଇ ସ୍ଥିର ହୋଇଛି। ମିଲର ଓ ପ୍ରଶାସନିକସ୍ତରରେ ଚୂଡ଼ାନ୍ତ ନିଷ୍ପତ୍ତି ହେବା ପରେ ବିଳମ୍ବରେ ଧାନ କ୍ରୟ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେଣୁ ଶେଷ ଆଡ଼କୁ ଯେଉଁ ସବୁ ଟୋକନ ମିଳିଛି, ସେହି ଚାଷୀମାନଙ୍କ ଟୋକନରେ ଧାନ ଉଠିପାରିବ ତ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ସୁଦ୍ଧା ୧୩ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ ୩ଟି ମିଲର ସହ ଏହି ସମିତି ଅନୁବନ୍ଧିତ କରିଥିଲା। ଓ ଏତିକି ପରିମାଣରେ ଧାନ କ୍ରୟ ପରେ ଅବଶିଷ୍ଟ ଚାଷୀଙ୍କ ଧାନ କେଉଁ ମିଲର ନେବ ତାହା ଖବର ଲେଖା ହେବା ବେଳକୁ ସ୍ଥିର ହୋଇପାରି ନ ଥିବାର ଜଣାପଡ଼ିଛି। ତେଣୁ ଚାଷୀମାନେ ଧାନ ବିକ୍ରୟକୁ ନେଇ ଆଶା,ଆଶଙ୍କା ମଧ୍ୟରେ ରହିଛନ୍ତି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ 'ମହିଳା' ପ୍ରତିଯୋଗିତା ଉଦ୍‌ଘାଟିତ



ବାଲେଶ୍ୱର,(ସବ୍ୟୁ):ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧୀନରେ ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ମଙ୍ଗଳବାର ଦିନ ବିଶ୍ୱବିଦ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଚାରି ଦିନିଆ ଏହି ପ୍ରତିଯୋଗିତା ୧୦ ରୁ ୧୩ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ସମାରୋହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ତଥା କୁଳପତି ମୁଖ୍ୟ ଅତିଥି ଭାବେ ସମାରୋହକୁ ଉଦବୋଧନ ଦେଇଥିଲେ। ଏଥିସହିତ ସେ ପ୍ରତିଯୋଗିତାର ଆଧିକାରିକ ଆରମ୍ଭ ସୂଚକ ଭାବେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପତାକା ଉତ୍ତୋଳନ କରିଥିଲେ। ଆୟୋଜକ ବିଶ୍ୱବିଦ୍ୟାଳୟର ପତାକା ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ସମ୍ମାନୀତ ଅତିଥି ଭାବେ, ଉତ୍ତୋଳନ କରିଥିଲେ। ଏହାପରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ଦ୍ୱାରା ଶୃଙ୍ଖଳାବଦ୍ଧ ଓ ବର୍ଣ୍ଣାଢ୍ୟ ପଦଯାତ୍ରା ଉଦଘାଟନୀ ସମାରୋହର ଆକର୍ଷଣ ବଢ଼ାଇଥିଲା। ଏଥିସହ ଆନୁଷ୍ଠାନିକ ଭାବେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତାର ଆରମ୍ଭ ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇ ପ୍ରତିଯୋଗିତା ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।ଏହା ପରେ ଖେଳାଳିମାନେ ସାମୂହିକ ଭାବେ କ୍ରୀଡ଼ା ଆତ୍ମା ରକ୍ଷାର ଶପଥ ଗ୍ରହଣ କରିଥିଲେ। କ୍ରୀଡ଼ା ପରିଷଦର ସହ-ନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମର ସମନ୍ୱୟ ସହାୟକ ଅଧ୍ୟାପିକା ଜୀନା ପ୍ରିୟଙ୍କା ଜେଠୀ କରିଥିଲେ। ପଦଯାତ୍ରା ସମାପନ ପରେ ପ୍ରତିଯୋଗିତାର ଦଳଗତ ମ୍ୟାଚ ଗୁଡିକ ଆରମ୍ଭ ହୋଇଥିଲା। ଏହି ଆଞ୍ଚଳିକ ଚାମ୍ପିୟନସିପ୍‌ରେ ଓଡ଼ିଶା, ବିହାର, ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଓ ମଣିପୁରର ୩୪ଟି ବିଶ୍ୱବିଦ୍ୟାଳୟର ପକ୍ଷରୁ ଉତ୍ସାହଭରା ଅଂଶଗ୍ରହଣ ଦେଖିବାକୁ ମିଳିଛି। ପ୍ରାୟ ୫୦୦ରୁ ଅଧିକ ଖେଳାଳି, ପ୍ରଶିକ୍ଷକ ଓ ଦଳ ପରିଚାଳକ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଅଂଶ ନେଇଥିବାରୁ ଏହା ପୂର୍ବାଞ୍ଚଳର ଏକ ପ୍ରମୁଖ ମହିଳା କ୍ରୀଡ଼ା ଆୟୋଜନ ଭାବେ ପରିଗଣିତ ହୋଇପାରିବାର ଆଶା ପ୍ରକାଶ କରାଯାଇଛି।

# ଆନ୍ତର୍ଜାତୀୟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେବେ ଜ୍ୟୋତିରଞ୍ଜନ



କେନ୍ଦୁଝର,(ସବ୍ୟୁ) : ସୁଇଜରଲ୍ୟାଣ୍ଡର ଲାଉସେନ ସହରରେ ଅବସ୍ଥିତ ଆନ୍ତର୍ଜାତିକ ଅଲିମ୍ପିକ କମିଟିର ମୁଖ୍ୟ କାର୍ଯ୍ୟାଳୟରେ ଆସନ୍ତା ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ସ୍ତରୀୟ ଅଲିମ୍ପିକ ମୂଲ୍ୟବୋଧ ଭିତ୍ତିକ କ୍ଷେତ୍ର ପରିଦର୍ଶନରେ ଓଡ଼ିଶାରୁ ୪ ଜଣ ଛାତ୍ରଛାତ୍ରୀ ସାମିଲ ହେବାକୁ ଥିବାବେଳେ କେନ୍ଦୁଝର ଜିଲ୍ଲାରୁ ଏନ.ଏସ.ପୋଲିସ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଜ୍ୟୋତିରଞ୍ଜନ ମହାନ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି।ଆନ୍ତର୍ଜାତୀୟ ସ୍ତରରେ କେନ୍ଦୁଝର ଜିଲ୍ଲାର ପ୍ରତିନିଧି କରିବାକୁ ଯାଉଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜ୍ୟୋତିରଞ୍ଜନ ମହାନ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏନ.ଏସ. ପୋଲିସ ହାଇସ୍କୁଲର ଓଭିଇପି ଗାଇଡ ଶିକ୍ଷକ ବିଜୟ କୁମାର ବେହେରାଙ୍କ ମାର୍ଗଦର୍ଶନରେ ଜ୍ୟୋତିରଞ୍ଜନ ଏହି ଆନ୍ତର୍ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଳା ରାଉତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସିବ୍ୟକ୍ତ କରିବା ସହ ସଫଳ ଯାତ୍ରା କାମନା କରିଛନ୍ତି।

**(ଶ୍ରୀମଭଗବଦ୍ ଗୀତା ୨/୩୩)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଅଥ ଚେଦ୍ ତ୍ୱମିମଂ ଧର୍ମ୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି ।**
**ତତଃ ସ୍ୱଧର୍ମ୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ॥ ୩୩ ॥**

(ଯୁଦ୍ଧ ନ କରିବାରେ ଦୋଷ କରୁଛନ୍ତି)– ଆଉ ଯଦି ତୁମେ ଏହି ଧର୍ମ୍ମଯୁଦ୍ଧ ନ କରିବ, ତେବେ ଆପଣାର ଧର୍ମ ଓ ଯଶ ନାଶ କରି ପାପକୁ ପ୍ରାପ୍ତ ହେବ । ୩୩ ॥

# ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପର ବିକାଶ

ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ଏକ ସ୍ୱତନ୍ତ୍ର ଅର୍ଥନୀତିକ ଅଞ୍ଚଳ କରାଯିବ ଏବଂ ପୂର୍ବ ଭାରତରେ ବିଶ୍ୱର ତାହା ଅନ୍ୟତମ ବନ୍ଦର ଓ ଶିଳ୍ପର ଦ୍ୱାର ଭାବେ ପରିଚିତ ହେବ ବୋଲି ନିତି ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି ଯେ ଚଳିତ କେନ୍ଦ୍ରୀୟ ବଜେଟ (୨୦୨୬–୨୭)ରେ କେନ୍ଦ୍ର ସରକାର ରାଜ୍ୟର ଏହି ଚାରୋଟି ସହର ସମେତ ଏହି ଅର୍ଥନୀତିକ ଅଞ୍ଚଳ ନିର୍ମାଣ ପାଇଁ ୫,୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ପ୍ରାୟ ୧୧,୮୯୨ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଅର୍ଥନୀତିକ ଅଞ୍ଚଳ ମୁମ୍ବାଇ ମହାନଗରର ଆକାରଠାରୁ ଦ୍ୱିଗୁଣିତ ହେବ ଏବଂ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ବିକାଶ ହେବା ସହିତ ଓଡ଼ିଶାର ଆର୍ôଥିକ କାରବାରର ପେଣ୍ଠସ୍ଥଳୀ ଭାବେ ଏହି ଅର୍ଥନୀତିକ ଅଞ୍ଚଳ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ରାଜ୍ୟର ଅନ୍ୟ କେତେକ ମନ୍ତ୍ରୀ ଓ ଅଧିକାରୀଙ୍କ ଗହଣରେ, ନିତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ ଏହି ଭବିଷ୍ୟତ ଯୋଜନାର ରୂପରେଖ ସମ୍ପର୍କରେ କହିଥିଲେ ଯେ ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରର ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ମୁମ୍ବାଇ, ବିଶାଖାପାଟଣା, ବାରାଣସୀ ଓ ସୁରତ ପରେ ନିତି ଆୟୋଗ ପକ୍ଷରୁ ଏହି ନୂତନ ଯୋଜନା ଓଡ଼ିଶା ପାଇଁ ପ୍ରସ୍ତୁତ କରାଯାଇଛି । ନିତି ଆୟୋଗର ଉପସ୍ଥିତ ସଦସ୍ୟ ରାଜୀବ ଗୌଡ଼ା ମଧ୍ୟ ଏହି ଯୋଜନା ଉପରେ ଗୁରୁତ୍ୱାରୋପ କରି ଉପରୋକ୍ତ ଚାରିଗୋଟି ସହରର ଯୋଜନା ପରେ ଓଡ଼ିଶାର ଏହି ଯୋଜନା ବିକଶିତ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ ।

> **ଇଂରେଜମାନେ ବିଳମ୍ବରେ ଓଡ଼ିଶା ଦଖଲ କରିବାରୁ ଆମେମାନେ ହୁଏତ ଓଡ଼ିଶାରେ କୋଲ୍‌କାତା, ବମ୍ବେ, ମାଡ୍ରାସ (ଚେନ୍ନାଇ) ବା ଦିଲ୍ଲୀ ପରି ଏକ ମହାନଗର ଗଢ଼ି ପାରି ନଥିଲୁ । ମାତ୍ର ଭବିଷ୍ୟତରେ ଓଡ଼ିଶାରେ ଯେଉଁ ଅର୍ଥନୀତିକ ଅଞ୍ଚଳ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ବିକାଶ କରାଯାଉଛି, ତାହା ଯେ ଭାରତର ଅନ୍ୟାନ୍ୟ ସମୃଦ୍ଧ ମହାନଗରଠାରୁ ଅଧିକ ସମୃଦ୍ଧ ହେବ, ଏଥିରେ ସନ୍ଦେହ ନାହିଁ ।**

ଗତ ଫେବୃଆରୀ ୭ (୨୦୨୬)ତାରିଖରେ ଭୁବନେଶ୍ୱର ଲୋକସେବା ଭବନରେ ଏ ସଂକ୍ରାନ୍ତୀୟ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନୂତନ ସହର ଯୋଜନା ପ୍ରକୃତରେ ଓଡ଼ିଶାର ଭାଗ୍ୟୋଦୟ ବୋଲି କୁହାଯାଇ ପାରିବ । ନିତି ଆୟୋଗର ଅଧ୍ୟକ୍ଷ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ଓଡ଼ିଶା ଉପରେ ରହିଛି । ଭବିଷ୍ୟତରେ ଓଡ଼ିଶାର ବିକାଶ ନିଶ୍ଚିତ ଭାବେ ହେବ, ଏଥିରେ ସନ୍ଦେହ ନାହିଁ ।

ଅତୀତର କଥାକୁ ସ୍ମରଣ କଲେ ଦୁଃଖ ହୁଏ । ଓଡ଼ିଶା ଅବହେଳିତ ଅବସ୍ଥାରେ ଥିଲା । ତତ୍କାଳୀନ ଇଂରେଜମାନଙ୍କର ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶାକୁ ବିଳମ୍ବରେ ଆସିବାରୁ ହୁଏତ ଓଡ଼ିଶାର ପ୍ରଗତି ବାଧାପ୍ରାପ୍ତ ହୋଇଥିଲା ।

ପୁଣି ଓଡ଼ିଶାର ରାଜଧାନୀ କେଉଁ ସ୍ଥାନରେ ନିର୍ମିତ ହେବ, ସେ ନେଇ ମଧ୍ୟ ଓଡ଼ିଶାର ରାଜନେତାମାନଙ୍କ ମଧ୍ୟରେ ସେତେବେଳେ ମତଭେଦ ଉପୁଜି ଥିଲା । ସେ ଯାହା ହେଉ, ହରେକୃଷ୍ଣ ମହତାବଙ୍କ ଯୋଗୁଁ ଭୁବନେଶ୍ୱରରେ ରାଜଧାନୀ ହେବା ଲାଗି ରାଜ୍ୟ ମନ୍ତ୍ରିମଣ୍ଡଳର ବୈଠକରେ ନିଷ୍ପତ୍ତି ହୋଇ ୧୯୪୮ ଏପ୍ରିଲ ୧୩ ତାରିଖରେ ଭୁବନେଶ୍ୱରରେ ରାଜଧାନୀ ନିର୍ମିତ ହେବାକୁ ଶୁଭ ଦେଇଥିଲେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ । ଏହା ପରେ ଭୁବନେଶ୍ୱରରେ ନିର୍ମାଣ କାର୍ଯ୍ୟ ଚାଲିଲା । ମାତ୍ର ଅନେକ ଲୋକ ଭୁବନେଶ୍ୱର ପରି ଏକ ପାହାଡ଼ିଆ ଓ ନିଛାଟିଆ ସ୍ଥାନରେ ଆସି ରହିବାକୁ ରାଜି ହେଉ ନଥିଲେ । ଏପରିକି କଟକ ସଚିବାଳୟର କର୍ମଚାରୀମାନେ ଭୁବନେଶ୍ୱର ଆସିବାକୁ ରାଜି ନଥିଲେ । ୧୯୪୯ ଜୁନ୍ ୮ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବ ଏକ ଅଭିନବ ଉପାୟ କଥା ଚିନ୍ତା କରିଥିଲେ । ତତ୍କାଳୀନ ପୂର୍ତ୍ତମନ୍ତ୍ରୀଙ୍କ ନେତୃତ୍ୱରେ ଏକ କର୍ମଚାରୀ ଦଳ ନୂଆ ରାଜଧାନୀ ବା ନିଉ କ୍ୟାପିଟେଲ ଭୁବନେଶ୍ୱରକୁ ଏକ ଶୋଭାଯାତ୍ରାରେ ଆସିଲେ । ଧୀରେ ଧୀରେ ସେମାନେ ଭୁବନେଶ୍ୱର ମାଟି ସହିତ ଅଭ୍ୟସ୍ତ ହୋଇଗଲେ ଓ କାମ କରିବାକୁ ଲାଗିଲେ । ମହତାବ ବାବୁ ତେଣୁ କହିଲେ, 'ଓଡ଼ିଶା ଇତିହାସରେ ଜୁନ୍ ୮ ତାରିଖ ଏକ ସ୍ମରଣୀୟ ଦିବସ ହୋଇ ରହିବ । କାରଣ ଏହି ଦିନ ହଜାର ହଜାର ବର୍ଷ ଧରି ଚଳି ଆସୁଥିବା ଗୋଟିଏ ରାଜଧାନୀ ଅନ୍ୟ ଏକ ଅନୁରୂପ ଐତିହାସିକ ସ୍ଥଳକୁ ସ୍ଥାନାନ୍ତରିତ କରିବାକୁ ଆରମ୍ଭ କରିଛି '। (ଓଡ଼ିଶାରେ ନବଯୁଗର ପ୍ରବର୍ତ୍ତକ ଡକ୍ଟର ମହତାବ, ଉତ୍କଳ କେଶରୀ ମହତାବ ପୁସ୍ତକରୁ, ଲେଖକ– ମହେଶ୍ୱର ମୂଳିଆ)

ଇଂରେଜମାନେ ବିଳମ୍ବରେ ଓଡ଼ିଶା ଦଖଲ କରିବାରୁ ଆମେମାନେ ହୁଏତ ଓଡ଼ିଶାରେ କୋଲକାତା, ବମ୍ବେ, ମାଡ୍ରାସ (ଚେନ୍ନାଇ) ବା ଦିଲ୍ଲୀ ପରି ମହାନଗରମାନ ଗଢ଼ି ପାରି ନଥିଲୁ । ମାତ୍ର ଭବିଷ୍ୟତରେ ଓଡ଼ିଶାରେ ଯେଉଁ ଅର୍ଥନୀତିକ ଅଞ୍ଚଳ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ବିକାଶ କରାଯାଉଛି, ତାହା ଯେ ଭାରତର ଅନ୍ୟାନ୍ୟ ସମୃଦ୍ଧ ମହାନଗରଠାରୁ ଅଧିକ ସମୃଦ୍ଧ ହେବ, ଏଥିରେ ସନ୍ଦେହ ନାହିଁ ।

ଆମେ ନୁହେଁ, ଆମର ଭବିଷ୍ୟତ ବଂଶଧର ସେତେବେଳେ ହୁଏତ ଓଡ଼ିଶାକୁ ନେଇ ଗର୍ବ ଅନୁଭବ କରିବେ । କାନ୍ତକବିଙ୍କ ସଙ୍ଗୀତରୁ ସେଇ ପଦଟିଏ କେବଳ ଏଠାରେ ଉଲ୍ଲେଖ କରି ହେବ, 'ବନ୍ଦେ ଉତ୍କଳ ଜନନୀ' ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସହରାଞ୍ଚଳରେ ଛାତବଗିଚାର ଆବଶ୍ୟକତା



**ବିଦ୍ୟାଧର ମହାରଣା**

ଆଜିକାଲି ବହୁ ପରିବାର ଗ୍ରାମାଞ୍ଚଳରୁ ଆସି ସହରରେ ବସବାସ କରି ରହୁଛନ୍ତି । ହୁଏତ ନୂତନ ରୋଜଗାର ପନ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଓ ପିଲାମାନେ ଚାକିରି କରୁଥିବାରୁ ଅଥବା ବ୍ୟବସାୟ କରୁଥିବାରୁ ବହୁ ପରିବାର ସ୍ଥାୟୀ ଭାବରେ ସହରରେ ବାସ କରୁଛନ୍ତି । ସହରରେ ସୀମିତ ଜମି ଥିବାରୁ ଓ ଲୋକସଂଖ୍ୟା ଅଧିକ ଥିବାରୁ ବାଡ଼ି ବଗିଚା କରିବାର ସୁଯୋଗ କ୍ୱଚିତ ଥାଏ । ଏଣେ ସହରରେ ମିଳୁଥିବା ପନିପରିବା ଓ ଫଳ ମୂଳ ବିଭିନ୍ନ ପ୍ରକାରର ରଙ୍ଗ ଓ ରାସାୟନିକ ପଦାର୍ଥ ମିଶ୍ରିତ ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ନିରାପଦ ହୋଇ ନଥାଏ । ଏଥିପାଇଁ ଗ୍ରାମାଞ୍ଚଳ ଅପେକ୍ଷା ସହର ବାସିନ୍ଦା ଅଧିକ ରୋଗରେ ପଡ଼ନ୍ତି ଓ ଚିକିତ୍ସା ପାଇଁ ବହୁ ଅର୍ଥ ବ୍ୟୟ କରନ୍ତି । ଏହି ପରିବାରଗୁଡିକ ନିଜର ସୀମିତ ଜାଗାରେ କିମ୍ବା ଛାତ ଉପରେ କିଛି ପରିମାଣରେ ପନିପରିବା ଓ ଫଳମୂଳ ଉତ୍ପାଦନ କରିପାରିଲେ, ଏ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ ।

ସହରାଞ୍ଚଳରେ ଏକ ସୁସ୍ଥ ଜୀବନଶୈଳୀ ପାଇଁ ଛାତବଗିଚା ଏକ ଅପୂର୍ବ ମାଧ୍ୟମ । ଏହାଦ୍ୱାରା ମାନସିକ, ଶାରୀରିକ ଓ ଅର୍ଥନୈତିକ ବିକାଶ ସହିତ ଏକ ଆନନ୍ଦଦାୟକ ଜୀବନଯାପନ ସମ୍ଭବ ।

ଛାତ ଉପରେ ପ୍ରଚୁର ଖରା ପଡୁଥିବାରୁ, ଜଳ ସୁବିଧା ଥିବାରୁ ଏବଂ ବୁଲା ଗାଈ ଗୋରୁଙ୍କ ଉପଦ୍ରବ ନଥିବାରୁ ଆମେ ଆରାମରେ ଏକ ସୁନ୍ଦର ଛାତ ବଗିଚା ସୃଷ୍ଟି କରି ପାରିବା । ଛାତ ବଗିଚାରେ କୁଣ୍ଡରେ, କଣ୍ଟେନରରେ, ମାଟି ବାକ୍ସରେ , ପ୍ଲାଷ୍ଟିକ ପାତ୍ରରେ ଆମେ ବିଭିନ୍ନ ପ୍ରକାରର ପନିପରିବା, ଫଳ, ଫୁଲ, ଔଷଧ ବୃକ୍ଷ ଚାଷ କରିପାରିବା । ଆଜିକାଲି ହାଇଟେକ୍ ପଦ୍ଧତିରେ ହାଇଡ୍ରୋ ପୋନିକ, ଏରୋପୋନିକ, ଆକଓ୍ୱାପୋନିକ ପ୍ରଣାଳୀରେ ମଧ୍ୟ ମାଇକ୍ରୋଗ୍ରୀନ୍, ପନିପରିବା, ବିଭିନ୍ନ ଫୁଲ ଓ ଫଳ ଚାଷ କରାଯାଇ ପାରୁଛି । ନିଜର ସାମର୍ଥ୍ୟ ଓ ସୁଯୋଗ ଅନୁସାରେ ଏପରି ଛାତ ବଗିଚା ସ୍ଥାପନ କରିବା ଆବଶ୍ୟକ ।

ଛାତ ବଗିଚା କରିବା ଦ୍ୱାରା ଆମର ଘର ଥଣ୍ଡା ରହେ ଓ ଚାରିପାଖରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୁଏ । ଘରରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଆମେ ଉନ୍ନତ ଖତ ପ୍ରସ୍ତୁତ କରିପାରିବା ଯାହାକି ଛାତ ବଗିଚାରେ ପୋଷକ ହିସାବରେ ବ୍ୟବହାର କରିହେବ । ସବୁଠାରୁ ବଡ କଥା ହେଉଛି ଆମେ ଜୈବିକ ପ୍ରଣାଳୀରେ ଆମର ଆବଶ୍ୟକତା ମୁତାବକ ପନିପରିବା ଓ ଫଳମୂଳ ଉତ୍ପାଦନ କରିପାରିବା । ଏହି ଉଦ୍ଭିଦଗୁଡିକ ଅଙ୍ଗାରକାମ୍ଳ ବାଷ୍ପ ପୃଥକୀକରଣ କରି ବାୟୁମଣ୍ଡଳକୁ ସବୁଜ କୋଠାରୀ ବାଷ୍ପ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିବ । ଛାତ ବଗିଚାରେ କିଛି ପରିଶ୍ରମ କଲେ ଉଭୟ ଶରୀର ଓ ମନ ସୁସ୍ଥ ରହିବ । ଆଜିକାଲି ସହରାଞ୍ଚଳରେ ଅନ୍ତଃଦ୍ୱୀପ ଉତ୍ତପ୍ତିକରଣ ବା ଅର୍ବାନ୍ ହିଟ୍ ଆଇଲାଣ୍ଡର ପ୍ରଭାବ ଯୋଗୁଁ ଆମେ ଅଧିକ ଗରମ ଅନୁଭବ କରୁ । ଛାତ ବଗିଚା ଏପରି ସମସ୍ୟାର ସମାଧାନ କରିବାରେ ସମର୍ଥ ।

ଛାତ ବଗିଚା ବର୍ଷାଜଳ ସଂରକ୍ଷଣ କରିବାରେ ସାହାଯ୍ୟ କରୁଥିବାରୁ ପ୍ରଦୂଷଣ ନିରୋଧ ହୋଇଥାଏ । ଛାତବଗିଚା ଯୋଗୁଁ ବାୟୁର ଗୁଣାତ୍ମକ ମାନ ବୃଦ୍ଧିପାଏ । ପ୍ରତ୍ୟହ ଆମେ ଆମର ଆବଶ୍ୟକତା ଅନୁସାରେ ତଟକା ପନିପରିବା ଓ ଫଳଫୁଲ ଅମଳ କରିବା ଯୋଗୁଁ ପାରିବାରିକ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ହାସଲ ହୋଇଥାଏ । ଏଥିରେ ଉଭୟ ଶାରୀରିକ ଓ ମାନସିକ ଲାଭ ମିଳିବା ସହିତ ଆମେ ବଳକା ପନିପରିବା ବାହାରେ ବିକ୍ରୟ କରିପାରିବା । ଆମର ପିଲାମାନଙ୍କ ପାଇଁ ଏହା ଶିକ୍ଷଣୀୟ ହୋଇଥାଏ ।

> **ଛାତ ବଗିଚା କରିବା ଦ୍ୱାରା ଆମର ଘର ଥଣ୍ଡା ରହେ ଓ ଚାରିପାଖରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୁଏ । ଘରରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଆମେ ଉନ୍ନତ ଖତ ପ୍ରସ୍ତୁତ କରିପାରିବା ଯାହାକି ଛାତ ବଗିଚାରେ ପୋଷକ ହିସାବରେ ବ୍ୟବହାର କରିହେବ । ସବୁଠାରୁ ବଡ କଥା ହେଉଛି ଆମେ ଜୈବିକ ପ୍ରଣାଳୀରେ ଆମର ଆବଶ୍ୟକତା ମୁତାବକ ପନିପରିବା ଓ ଫଳମୂଳ ଉତ୍ପାଦନ କରିପାରିବା । ଏହି ଉଦ୍ଭିଦଗୁଡିକ ଅଙ୍ଗାରକାମ୍ଳ ବାଷ୍ପ ପୃଥକୀକରଣ କରି ବାୟୁମଣ୍ଡଳକୁ ସବୁଜ କୋଠାରୀ ବାଷ୍ପ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିବ ।**

ଛାତବଗିଚା କରିବା ପୂର୍ବରୁ ଆମକୁ କେତେକ ଆବଶ୍ୟକ ବ୍ୟବସ୍ଥା ପ୍ରତି ଦୃଷ୍ଟିଦେବାକୁ ହେବ । ପ୍ରଥମେ କୌଣସି ଯନ୍ତ୍ରୀଙ୍କ ସହିତ ପରାମର୍ଶ କରି ଛାତର ନିରାପତ୍ତା ପ୍ରତି ଦୃଷ୍ଟିଦେବାକୁ ହେବ । କୁଣ୍ଡଗୁଡିକରୁ ପାଣି ଝରି ଯେପରି ଛାତକୁ ନଷ୍ଟ ନକରେ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ହୁଏତ ଆମକୁ ପଲିଥିନ୍ ଚାଦର କିମ୍ବା ଟାଇଲ୍ ବ୍ୟବହାର କରିବାକୁ ପଡିପାରେ । ଛାତ ବଗିଚାରୁ ସର୍ବାଧିକ ଲାଭ ପାଇଁ ଉର୍ଦ୍ଧ୍ୱୋଧର ପ୍ରଣାଳୀ ବା ଭର୍ଟିକାଲ ପ୍ରଣାଳୀରେ ଚାଷ କରିବାକୁ ପଡିପାରେ । ଅଧିକ ସମ୍ବଳ ଥିଲେ ହାଇଡ୍ରୋପୋନିକ , ଏରୋପୋନିକ ଓ ଆକଓ୍ୱାପୋନିକ ପ୍ରଣାଳୀ ଅନୁସରଣ କରାଯାଇପାରେ । ସାଧାରଣତଃ କେତେକ ନୂତନ ପ୍ରକାରର ମାଧ୍ୟମ ବ୍ୟବହାର କରାଗଲେ, ଉତ୍ପାଦନ ଅଧିକ ହେବ । ଆମେ ମାଟି କୁଣ୍ଡ ବା ପ୍ଲାଷ୍ଟିକ କୁଣ୍ଡରେ ଏହି ମାଧ୍ୟମ ବ୍ୟବହାର କରିପାରିବା । ଉପର ମାଟି ସହିତ ଖତ ଓ ପେରଲାଇଟ୍ ସମାନ ଅନୁପାତରେ ମିଶାଇ କୁଣ୍ଡ ପୂରଣ କରାଯାଏ । କୋକୋପିଟ, କମ୍ପୋଷ୍ଟ ଓ ପେରଲାଇଟ ୨:୧:୧ ଅନୁପାତରେ ମିଶାଇ ମଧ୍ୟ ବ୍ୟବହାର କରାଯିବା ଉଚିତ । ଭର୍ମିକୁଲାଇଟ, କମ୍ପୋଷ୍ଟ ଓ ବାଲି ୨:୧:୧ ଅନୁପାତରେ ମିଶାଇ କୁଣ୍ଡରେ ବ୍ୟବହାର କରାଯାଇ ପାରେ । ପୁମିକା, କମ୍ପୋଷ୍ଟ ଓ ବାଲି ମଧ୍ୟ ୨:୧:୧ ଅନୁପାତରେ ମିଶ୍ରଣ କରି ବ୍ୟବହାର କରାଯାଇଥାଏ । ଏପରି ମିଶ୍ରଣ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ହେଉଛି ଏଗୁଡିକ ଉଦ୍ଭିଦକୁ ଉପଯୁକ୍ତ ପୋଷକ ଯୋଗାଇବ ଓ ଜଳ ନିଷ୍କାସନ ସୁବିଧାରେ ହୋଇପାରିବ । ଏହି ସବୁ ମିଶ୍ରଣ ସମ୍ଭବ ନହେଲେ ବଗିଚା ମାଟି ଦୁଇଭାଗ, ବାଲି ଏକଭାଗ ଓ କମ୍ପୋଷ୍ଟ ଏକଭାଗ ମିଶାଇ ମାଧ୍ୟମ ପ୍ରସ୍ତୁତ କରାଯାଇ ପାରିବ ।

ଜଣେ ପ୍ରାପ୍ତ ବୟସ୍କ ଦିନକୁ ଶାଗ ୧୦୦ ଗ୍ରାମ, କନ୍ଦପରିବା ୧୦୦ ଗ୍ରାମ ଓ ଫୁଲ ଫଳ ପରିବା ୧୦୦ ଗ୍ରାମ ଖାଇବା ଆବଶ୍ୟକ । ପନିପରିବାରୁ ଭିଟାମିନ୍ ଓ ଖଣିଜ ପଦାର୍ଥ ପ୍ରଚୁର ପରିମାଣରେ ମିଳେ । ଶାଗ ମଧ୍ୟରେ ପାଳଙ୍ଗ, କୋଶଳା, ଖଡା,ଲେଉଟିଆ, ପୋଇ, ଲେଟ୍ୟୁସ, ମେଥି ଇତ୍ୟାଦି ପ୍ରଧାନ । କନ୍ଦ ପରିବା ମଧ୍ୟରେ ଆଳୁ, କନ୍ଦମୂଳ, ମୂଳା, ସାରୁ, ଖମ୍ବ ଆଳୁ, ଗାଜର, ବିଟ୍ ଇତ୍ୟାଦି ପ୍ରଧାନ । ସେହିପରି ଫୁଲ ଫଳ ପରିବା ମଧ୍ୟରେ କୋବି, ମଟର, ବାଇଗଣ, ଟମାଟୋ, କାକୁଡି, କଲରା, ସଜନା, କଖାରୁ, ଲାଉ, ଛଚିନ୍ଦ୍ରା, କୁନ୍ଦୁରି, ବିନ, ବରଗୁଡି ଇତ୍ୟାଦି ମୁଖ୍ୟ । ବର୍ଷର ବର୍ଷା, ଶୀତ ଓ ଗ୍ରୀଷ୍ମ ଋତୁରେ ଏହିସବୁ ପନିପରିବା ସହିତ ଫଳ ହିସାବରେ କଦଳୀ ଓ ଅମୃତଭଣ୍ଡା ଆମେ ଛାତ ଉପରେ ଚାଷ କରି ପାରିବା । ବର୍ଷାଋତୁ ଜୁଲାଇ ଠାରୁ ଅକ୍ଟୋବର, ଶୀତଋତୁ ନଭେମ୍ବର ଠାରୁ ଫେବୃଆରୀ ଓ ଗ୍ରୀଷ୍ମଋତୁ ମାର୍ଚ୍ଚ ଠାରୁ ଜୁନ ମାସ ପର୍ଯ୍ୟନ୍ତ ହୁଏ । ପନିପରିବା ଚାଷପାଇଁ ଏକ ଫସଲ ପଞ୍ଜିକା ପ୍ରସ୍ତୁତ କରିବାକୁ ହେବ । ଜାନୁଆରୀ ମାସରେ ବାଇଗଣ, କାକୁଡି, ଭେଣ୍ଡି , ଟମାଟୋ, ମଟର ବୁଣା ସହିତ ପିଆଜ ଚାରା ରୋପଣ କରାଯାଏ । ଫେବୃଆରୀ ମାସରେ ବାଇଗଣ, କାକୁଡି, ବିନ୍, କଲରା, ଭେଣ୍ଡି ଚାଷ ହୁଏ । ସେହିପରି ମାର୍ଚ୍ଚ ମାସରେ ବାଇଗଣ, କାକୁଡି, ଶିମ୍ବ, କଲରା, ଲାଉ ଓ ଭେଣ୍ଡି ଚାଷ କରାଯାଏ । ଏପ୍ରିଲ ମାସରେ ଶିମ୍ବ, ଟମାଟୋ, ପିଆଜ ଓ ଶାଗ ବୁଣା ଯାଇପାରିବ । ମେ' ମାସରେ ବାଇଗଣ, କାକୁଡି, କଖାରୁ, ଭେଣ୍ଡି, ଟମାଟୋ ଓ ବରଗୁଡି ଚାଷହୁଏ । ଜୁନ୍ ମାସରେ ବାଇଗଣ, କାକୁଡି, କଖାରୁ, ଭେଣ୍ଡି, ବରଗୁଡି, ଟମାଟୋ ଓ ଶାଗ ଚାଷ ହୋଇଥାଏ । ଜୁଲାଇ ମାସରେ ବାଇଗଣ, କାକୁଡି, କ୍ୟାପ୍ସିକମ, ଭେଣ୍ଡି ଓ ଟମାଟୋ ଇତ୍ୟାଦି ଫସଲ ବୁଣାଯାଏ । ଅଗଷ୍ଟ ମାସରେ ବ୍ରକୋଲି, ଗାଜର, ଫୁଲକୋବି, ଲେଟ୍ୟୁସ, ମୂଳା ଓ ଟମାଟୋ ଉପଯୁକ୍ତ । ସେପ୍ଟେମ୍ବର ମାସରେ ବିଟ୍, ଫୁଲ କୋବି, ମଟର, ମୂଳା, ପାଳଙ୍ଗ, ଟମାଟୋ ଉପଯୁକ୍ତ ।

ଅକ୍ଟୋବର ମାସରେ ବନ୍ଧା କୋବି, ଫୁଲ କୋବି, ଗଣ୍ଠି କୋବି, ମୂଳା, ମଟର, ପାଳଙ୍ଗ ଓ ଟମାଟୋ ଚାଷ କରାଯାଏ । ନଭେମ୍ବର ମାସରେ ବନ୍ଧା କୋବି, ଫୁଲ କୋବି, ମଟର, ଶାଗ , ମୂଳା, ପାଳଙ୍ଗ ଓ କଲରା ଚାଷ ଭଲ ହୁଏ । ଡିସେମ୍ବର ମାସରେ କଖାରୁ , କାକୁଡି, ପିଆଜ, ଭେଣ୍ଡି, ମଟର, କଲରା, ଲାଉ ଇତ୍ୟାଦି ଚାଷ କରାଯାଇ ପାରେ । ନିଜ ପରିବାରର ଆବଶ୍ୟକତା ଅନୁସାରେ ନିର୍ଦ୍ଦିଷ୍ଟ ଫସଲ ଚାଷ କରିବା ଭଲ । ଆଜିକାଲି ବାଙ୍ଗରା କିସମର ଲେମ୍ବୁ, ପିଜୁଳି, ଆମ୍ବ ଏବଂ ଷ୍ଟ୍ରବେରି, ଡ୍ରାଗନଫ୍ରୁଟ ଇତ୍ୟାଦି ଫଳ ଚାରା ମିଳୁଛି । ଏଗୁଡ଼ିକୁ ମଧ୍ୟ ବଡ଼ ବଡ଼ ସିମେଣ୍ଟ କୁଣ୍ଡରେ ଚାଷ ହୋଇ ପାରିବ । ଆମର ନିତିଦିନିଆ ଆବଶ୍ୟକ ଔଷଧବୃକ୍ଷ ହିସାବରେ ଘିକୁଆଁରି, ଥାଲକୁଡି, ବ୍ରାହ୍ମୀ, ପାତାଳଗରୁଡ, ଶତାବରୀ ଇତ୍ୟାଦି ମଧ୍ୟ ଛାତ ଉପରେ ଚାଷ ହୋଇପାରିବ ।

ଛାତ ଫସଲ ବୁଣିବା ବା ଚାରା ରୋପଣ ପରେ ଆବଶ୍ୟକୀୟ ପରବର୍ତ୍ତୀ ଯତ୍ନ ଜରୁରୀ । ଏଥିରେ ନିୟମିତ ଜଳସେଚନ, ଖାଦ୍ୟସାର ପ୍ରୟୋଗ ଓ ରୋଗ ପୋକ ନିୟନ୍ତ୍ରଣ ଅନ୍ତର୍ଭୁକ୍ତ । ସୁବିଧା ଥିଲେ ବୁନ୍ଦା ଜଳସେଚନ ଅଧିକ ଫଳପ୍ରଦ । ଖରାଦିନେ କୁଣ୍ଡଗୁଡିକରେ ଛାଦନ କରିବା ଆବଶ୍ୟକ ।

ଏଥିପାଇଁ ଶୁଖିଲା ନଡ଼ା ବା କରତ ଗୁଣ୍ଡ କିମ୍ବା ପଲିଥିନ୍ ବ୍ୟବହାର ହୋଇପାରେ । ହାଣ୍ଡି ଖତ ପ୍ରସ୍ତୁତ କରି ନିୟମିତ ବ୍ୟବଧାନରେ ପ୍ରୟୋଗ କଲେ ଫସଲ ଅମଳ ବୃଦ୍ଧି ସହିତ ରୋଗ ପୋକ ନିୟନ୍ତ୍ରଣ ସୁବିଧାରେ ହୋଇଥାଏ । ଏଥିପାଇଁ ଗାଈ ଗୋବର, ମୂତ୍ର , ବେସନ, ଗୁଡ଼, ନିମ ପତ୍ର, କରଞ୍ଜ ପତ୍ର ଓ ଅରଖ ପତ୍ର ଆବଶ୍ୟକ । ଏହା ନ ମିଳିଲେ ନିମ ତେଲ ପତ୍ର ସିଞ୍ଚନ କରାଯାଇ ପାରିବ । ଗଛର ବୃଦ୍ଧିପାଇଁ ନିମ ପିଡ଼ିଆ, ବାଦାମ ପିଡ଼ିଆ, ଜିଆ ଖତ, ଅମୃତ ଜଳ ଇତ୍ୟାଦି ବ୍ୟବହାର କରାଯାଇଥାଏ । ଆଜିକାଲି ନର୍ସରୀମାନେ ବାୟୋ ଚର୍ ଓ ଭର୍ମିକମ୍ପୋଷ୍ଟ ସହିତ ବିଭିନ୍ନ ପିଡ଼ିଆ ବିକ୍ରୟ କରୁଛନ୍ତି, ଯାହାକୁ ଆମେ କିଣି ବ୍ୟବହାର କରିପାରିବା । ଯେଉଁମାନେ ହାଇଡ୍ରୋପୋନିକ, ଏରୋପୋନିକ, ଆକଓ୍ୱାପୋନିକ ପ୍ରଣାଳୀରେ ଚାଷ କରିବାକୁ ଆଗ୍ରହୀ ସେମାନେ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର, ଆଇଗଣିଆ ସ୍ଥିତ ବୈଜ୍ଞାନିକମାନଙ୍କ ଠାରୁ ସବିଶେଷ ତଥ୍ୟ ଓ ପ୍ରଶିକ୍ଷଣ ପାଇପାରିବେ । ନିକଟସ୍ଥ ଉଦ୍ୟାନ ବିଭାଗ ପଦାଧିକାରୀ ମଧ୍ୟ ଏସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିପାରିବେ ।

**କଳିଙ୍ଗନଗର, ଭୁବନେଶ୍ୱର**
Consultant, Agriculture NRM
**ମୋ–୯୪୩୭୦୭୧୧୯୦**
bidyadhar.mgmail.com

# ସୁଖର ପରିଭାଷା



**ଲଳିତ ମୋହନ ମିଶ୍ର**

ସୁଖ ହେଉଛି ମାନବ ଜୀବନର ସବୁଠାରୁ ବଡ଼ ଅନ୍ୱେଷଣ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଯାହା କିଛି କରେ, ତାହାର ଅନ୍ତିମ ଲକ୍ଷ୍ୟ ହେଉଛି 'ସୁଖ' । କିନ୍ତୁ ଏହି 'ସୁଖ' ପ୍ରକୃତରେ କ'ଣ ? ନଦୀର ଦୁଇଟି କୂଳ ପରି ଆମର ଜୀବନ । ଗୋଟିଏ କୂଳ ହେଉଛି ସୁଖ, ଅନ୍ୟଟି ହେଉଛି ଦୁଃଖ । ଜୀବନରେ ଯାହା ପ୍ରତିକୂଳ ମନେହୁଏ, ତାହା ହେଉଛି ଦୁଃଖ, ଏବଂ ଯାହା ଅନୁକୂଳ ମନେହୁଏ ତାହା ହେଉଛି ସୁଖ । ସାଧାରଣତଃ ଆମେ ଭୌତିକ ସୁବିଧା ସୁଯୋଗକୁ ସୁଖ ବୋଲି ଭାବିଥାଉଁ । ଭଲ ଭୋଜନ, ଆରାମଦାୟକ ଘର କିମ୍ବା ଅର୍ଥ ସମ୍ପଦକୁ ସୁଖର ମାଧ୍ୟମ କୁହାଯାଏ । କିନ୍ତୁ ଦାର୍ଶନିକ ଦୃଷ୍ଟିକୋଣରୁ ଏହା କେବଳ 'ଇନ୍ଦ୍ରିୟତୃପ୍ତି' ।

ଭୌତିକ ସୁଖ କ୍ଷଣସ୍ଥାୟୀ । ଯେପରି ସୁସ୍ୱାଦୁ ଭୋଜନ ଶେଷ ହେବା ପରେ ତାହାର ଆନନ୍ଦ ରହେ ନାହିଁ । ଆଭ୍ୟନ୍ତରୀଣ ସୁଖ ଏହା ମନର ଏକ ଶାନ୍ତ ଅବସ୍ଥା, ଯାହା ବାହ୍ୟ ପରିସ୍ଥିତି ଉପରେ ନିର୍ଭର କରେ ନାହିଁ । ସମସ୍ତଙ୍କର ଚିନ୍ତାଧାରା, ବୁଝାମଣା ଏବଂ ଅନୁଭବ ଭିନ୍ନ ଭିନ୍ନ । ଜଣେ ବ୍ୟକ୍ତିକୁ ଯାହା ସୁଖଦାୟକ ମନେହୁଏ, ତାହା ଅନ୍ୟ ଜଣକୁ ଦୁଃଖଦାୟକ ମନେହୁଏ । ଦୁଃଖ କଷ୍ଟ ଖରାପ ନୁହେଁ କାରଣ ଏହା ବ୍ୟକ୍ତିକୁ ଜାଗ୍ରତ କରିବା ଏବଂ ସତର୍କ କରିବା ପାଇଁ ଆସିଥାଏ । ଜ୍ଞାନୀ ବ୍ୟକ୍ତି ଦୁଃଖରେ ବିଚଳିତ ହୁଏ ନାହିଁ । ସେ ଆତ୍ମବିଶ୍ୱାସ ଓ ସାହସର ସହିତ ସେ ସବୁର ସାମ୍ନା କରେ । ଶେଷରେ ବିଜୟୀ ହୁଏ ଏବଂ ଦୁଃଖକୁ ସୁଖରେ ପରିଣତ କରେ ।

ଦୁଃଖର ଅନ୍ତଃ ହେଉଛି ସୁଖର ପ୍ରାରମ୍ଭ । ସମସ୍ତେ ସୁଖ ଚାହାଁନ୍ତି, କିନ୍ତୁ ସୁଖ କ'ଣ ? ଏହା ଜାଣିବା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଥରେ ଏହାକୁ ଜାଣିଗଲେ, ଜୀବନରେ ଆମେ ସୁଖକୁ ବଜାୟ ରଖିପାରିବା । ତେଣୁ ପ୍ରଥମେ ଆମେ ଜାଣିବା ସୁଖ କ'ଣ ?

ପ୍ରଥମ ସୁଖ ହେଉଛି ସୁସ୍ଥ ଶରୀର । ଯଦି ଆମର ଶରୀର ସୁସ୍ଥ, ତେବେ ଆପଣଙ୍କ ପାଇଁ ପ୍ରତ୍ୟେକ ବସ୍ତୁ ଏବଂ ପ୍ରତ୍ୟେକ ପରିବେଶ ଭଲ ଲାଗିବ । ଯଦି ଆମର ଶରୀର ଅସୁସ୍ଥ, ତେବେ ମନ, ଧନ, ଯଶ, କୀର୍ତ୍ତି, ଗୌରବ, ପ୍ରଶଂସା ସବୁ ମୂଲ୍ୟହୀନ । ଦ୍ୱିତୀୟ ସୁଖ ହେଉଛି ଅର୍ଥ ବା ଧନ । ଯଦି ତୁମର ବ୍ୟକ୍ତିଗତ ସମ୍ପତ୍ତି ନାହିଁ ଏବଂ ଜୀବନ ପରିଚାଳନା ପାଇଁ ପର୍ଯ୍ୟାପ୍ତ ଅର୍ଥ ନାହିଁ, ତେବେ ତୁମେ ସଂସାରରେ ତିଷ୍ଠିବା ବହୁତ କଷ୍ଟକର ।

ସେଥିପାଇଁ ଯକ୍ଷ ଯୁଧିଷ୍ଠିରଙ୍କୁ ପ୍ରଶ୍ନ ପଚାରିଥିଲେ – 'କଃ ମୃତଃ ?' ଯୁଧିଷ୍ଠିର ଉତ୍ତର ଦେଇଥିଲେ – 'ଦରିଦ୍ରଃ ପୁରୁଷଃ ମୃତଃ' । ଅର୍ଥାତ୍ ଅର୍ଥ ନଥିଲେ ବ୍ୟକ୍ତି ମୃତ ସଦୃଶ । ତେଣୁ ବିନା ଅର୍ଥରେ ସୁଖ ନାହିଁ ।

ଅର୍ଥ ବିନା ବ୍ୟକ୍ତିଟି ଲକ୍ଷ୍ୟହୀନ ଭାବରେ ବୁଲୁଥାଏ । ତୃତୀୟ ସୁଖ ହେଉଛି ଆଜ୍ଞାକାରୀ ସନ୍ତାନ । ଯଦି ପିଲାମାନେ ଆଜ୍ଞାକାରୀ, ପରିଶ୍ରମୀ, ଧାର୍ମିକ ଏବଂ ବୁଦ୍ଧିମାନ୍ ହୁଅନ୍ତି, ତେବେ ଘରେ ସର୍ବଦା ସୁଖ ଏବଂ ଆନନ୍ଦର ବାତାବରଣ ସୃଷ୍ଟି ହୁଏ । ଚତୁର୍ଥ ସୁଖ ହେଉଛି ପାରିବାରିକ ଏକତା । ଆମେ ଏସବୁ ସେତେବେଳେ ହାସଲ କରିପାରିବା, ଯେତେବେଳେ ଆମ ଘରେ ଆମର ପରିବେଶ ଅନୁକୂଳ ହେବ । ବଡ ସାନ ସମସ୍ତଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟ, ସହାନୁଭୂତି ପ୍ରେମ ଶ୍ରଦ୍ଧା ରହିବ ।

ସ୍ୱାମୀ–ସ୍ତ୍ରୀ, ପିତା – ପୁତ୍ର , ମା– ଝିଅ ଏବଂ ଭାଇ ଭଉଣୀଙ୍କ ମଧ୍ୟରେ ଭାଇଚାରାର ଭାବନା ପ୍ରଫୁଲ୍ଲିତ ହେବ । ଉତ୍ତମ ସମନ୍ୱୟ ରହିଲେ, ଘରେ ସୁଖ ଶାନ୍ତି ଖୁସି, ପ୍ରଗତି ଓ ସମୃଦ୍ଧିରେ ସହାୟକ ହେବ, ସୁଖ ଆସିବ । ପଞ୍ଚମ ସୁଖ ହେଉଛି ଦେଶ ଓ ସମାଜରେ ସୁସଂଗଠିତ ନ୍ୟାୟିକ ବ୍ୟବସ୍ଥା । ଯଦି ଆମ ଦେଶର ପ୍ରଶାସନିକ ବ୍ୟବସ୍ଥା ସୁଗମ, ସୁନ୍ଦର ଏବଂ ଲୋକାଭିମୁଖୀ ତେବେ ଆମେ ଲାଭଦାୟକ ହେବା ଏବଂ ଆମେ ଏହାର ପୂର୍ଣ୍ଣ ଲାଭ ଉଠାଇପାରିବା । ଦେଶ ପ୍ରେମରେ ଆମେ ଅଧୀର ହୋଇ, ଆମ ଦେଶ ଜାତି ପ୍ରତି ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ହେବା ସଙ୍ଗେ ସଙ୍ଗେ ଆମ ଦେଶର ଉପଲବ୍ଧ ସୁଖ ସୁବିଧାର ପୂର୍ଣ୍ଣ ବ୍ୟବହାର କରିପାରିବୁଁ । ଷଷ୍ଠ ସୁଖ ହେଉଛି ସ୍ଥାନ, ଯାହାର ଅର୍ଥ ଭଲ ବାସସ୍ଥାନ । ଆମେ ଯେଉଁ ସ୍ଥାନରେ ରହୁଛୁଁ ତାହା ପବିତ୍ର ସ୍ଥାନ ।

ପାରସ୍ପରିକ ପ୍ରେମ ଶ୍ରଦ୍ଧା ସହାନୁଭୂତି ଏବଂ ସମନ୍ୱୟରେ ପରିପୂର୍ଣ୍ଣ ହେବା ଉଚିତ । ଏକ ସବୁଜ ପରିବେଶ କେବଳ ସ୍ୱାସ୍ଥ୍ୟକୁ ଉନ୍ନତ କରେ ନାହିଁ ବରଂ ହୃଦୟ ଏବଂ ମନକୁ ମଧ୍ୟ ଖୁସି ରଖେ । ସପ୍ତମ ସୁଖ ହେଉଛି ଶିକ୍ଷିତ ହେବା । ସାକ୍ଷରତା ହେଉଛି ଜୀବନର ସର୍ବୋତ୍ତମ ସୁଖ । କାରଣ ଜ୍ଞାନ ଏମିତି ଏକ ଚାବି, ଯାହା ଅସୁବିଧା ସମୟରେ ଯେ କୌଣସି ତାଲା ଖୋଲିପାରେ । ଯଦି କୌଣସି କଷ୍ଟକର ପରିସ୍ଥିତି ଉପୁଜେ, ଜ୍ଞାନରେ ସଜ୍ଜିତ ହୋଇ, ଆପଣ ଆପଣଙ୍କର ଏବଂ ଆପଣଙ୍କ ପରିବାରର ଆବଶ୍ୟକତାକୁ ସହଜରେ ପୂରଣ କରିପାରିବେ । ମୂଳତଃ ଯଦି ଆପଣ ଏହି ସାତଟି ଜିନିଷର ଅଧିକାରୀ ହୁଅନ୍ତି, ତେବେ ଆପଣ ନିଃସନ୍ଦେହରେ ସୁଖରେ ଅଛନ୍ତି ଏବଂ ସର୍ବଦା ରହିବେ । ଏହା ସହିତ, ସର୍ବଦା ମନେ ରଖନ୍ତୁ, ଆମେ ଏହି ସାତଟି ଜିନିଷ ଈଶ୍ୱରଙ୍କଠାରୁ ପାଇପାରିବା । ତେଣୁ କେବେବି ଈଶ୍ୱରଙ୍କୁ ଭୁଲନ୍ତୁ ନାହିଁ ।

ଈଶ୍ୱରଙ୍କୁ ସ୍ମରଣ କରିବା ହେଉଛି ସର୍ବୋତ୍ତମ ସୁଖ । ଈଶ୍ୱର ଅନ୍ୟ କୌଣସି ଜିନିଷ ସହିତ ଅତୁଳନୀୟ । ଈଶ୍ୱରଙ୍କ ଆଶୀର୍ବାଦ ଦ୍ୱାରା ଆମେ ଏହି ସାତଟି ସୁଖ ପାଇପାରିବା । ତେଣୁ ଈଶ୍ୱରଙ୍କ ପ୍ରତି ଭକ୍ତି ହେଉଛି ସର୍ବୋତ୍ତମ ସୁଖ । ଭାରତୀୟ ଦର୍ଶନରେ ସୁଖକୁ 'ଆନନ୍ଦ' ସହ ତୁଳନା କରାଯାଇଛି । ଉପନିଷଦ ଅନୁସାରେ, 'ସନ୍ତୋଷ ହିଁ ପରମ ସୁଖ '।

'ସନ୍ତୋଷମ୍ ପରମଂ ସୁଖମ୍' ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ନିଜର ଇନ୍ଦ୍ରିୟକୁ ନିୟନ୍ତ୍ରଣ କରି ସ୍ଥିତପ୍ରଜ୍ଞ ହୋଇପାରେ, ସେ ହିଁ ପ୍ରକୃତ ସୁଖର ଅଧିକାରୀ । ଏଠାରେ ସୁଖର ଅର୍ଥ 'ଶାନ୍ତି' । ଯେଉଁଠି ମନ ବିଚଳିତ ନୁହେଁ, ସେଠାରେ ସୁଖ ବିଦ୍ୟମାନ । ପ୍ରକୃତରେ ସୁଖ କୌଣସି ଗନ୍ତବ୍ୟ ସ୍ଥଳ ନୁହେଁ, ବରଂ ଏହା ଏକ ଯାତ୍ରା । ଯେତେବେଳେ ଜଣେ ବ୍ୟକ୍ତି ନିଜର କର୍ମ, ଚିନ୍ତା ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରେ, ସେତେବେଳେ ସେ ପ୍ରକୃତ ସୁଖ ଅନୁଭବ କରେ । ଅତ୍ୟଧିକ ଆଶା ତ୍ୟାଗ କରି ବର୍ତ୍ତମାନରେ ବଞ୍ଚିବା, ଅନ୍ୟର ମଙ୍ଗଳ କାମନା କରିବା ହିଁ ସୁଖର ଶ୍ରେଷ୍ଠ ପରିଭାଷା ।

> **ଯେତେବେଳେ ଜଣେ ବ୍ୟକ୍ତି ନିଜର କର୍ମ, ଚିନ୍ତା ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରେ, ସେତେବେଳେ ସେ ପ୍ରକୃତ ସୁଖ ଅନୁଭବ କରେ । ଅତ୍ୟଧିକ ଆଶା ତ୍ୟାଗ କରି ବର୍ତ୍ତମାନରେ ବଞ୍ଚିବା, ଅନ୍ୟର ମଙ୍ଗଳ କାମନା କରିବା ହିଁ ସୁଖର ଶ୍ରେଷ୍ଠ ପରିଭାଷା ।**

**ନୟାଗଡ଼,**
**ମୋ–୯୪୩୭୯୮୫୮୬୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାଚସ୍ପତିଙ୍କ...

ଆସ୍ଥା ନଥିବା ଉଲ୍ଲେଖ କରିଛନ୍ତି । ବାଚସ୍ପତି ଯଥାଶୀଘ୍ର ଏହା ଉପରେ ଆଲୋଚନା ହେଉ ବୋଲି ଚାହୁଁଛନ୍ତି । କିନ୍ତୁ ମାର୍ଚ୍ଚ ୯ ତାରିଖ ପୂର୍ବରୁ ଏହା ଦେବା ସମ୍ଭବ ନୁହେଁ । ଏଥିରେ କାରଣ ଦର୍ଶାଯାଇଛି ଯେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆଯାଉନାହିଁ । ଏହାଛଡା ୮ ସାଂସଦଙ୍କୁ ବଜେଟ୍ ଅଧିବେଶନ ଶେଷ ଯାଏ ନିଲମ୍ବିତ କରାଯିବା ଘଟଣାର ପ୍ରତିବାଦ କରାଯାଇଛି । ସେହିଭଳି ନୋଟିସରେ ଉଲ୍ଲେଖ କରାଯାଇଛି ଯେ ବାଚସ୍ପତି କହିଥିଲେ ଯେ ବିରୋଧୀ ସଦସ୍ୟଙ୍କ ବ୍ୟବହାର ଓ ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣର ସମ୍ଭାବନା ଥିବାରୁ ତାଙ୍କୁ ସଂସଦକୁ ଆସିବାକୁ ବାରଣ କରିଥିଲି । ତେବେ ମହିଳା ସାଂସଦମାନେ ଏହାକୁ ଖଣ୍ଡନ କରିଛନ୍ତି ।

## ଚାଲାଣ...

ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । କିନ୍ତୁ ଗାଡ଼ିରେ ତେଲ ଦିଆଯିବ ନାହିଁ ବୋଲି କୌଣସି ନିୟମ ନାହିଁ । ଆହୁରି ମଧ୍ୟ ଯେଉଁ ଗାଡ଼ିଗୁଡ଼ିକ ଏହି ପ୍ରଦୂଷଣ ସାର୍ଟିଫିକେଟ୍ କରିବାକୁ ଚାହୁଁଛନ୍ତି ସେମାନଙ୍କର ବାକିଆ ଥିବା ଚାଲାଣ ବା ଜରିମାନା ଅର୍ଥ ଦେବା ପରେ ଯାଇ ଏହି ସାର୍ଟିଫିକେଟ୍ ମିଳିବ ବୋଲି ବାଧ୍ୟତାମୂଳକ କରାଯାଇଥିଲା । ଏଭଳି ନିଷ୍ପତ୍ତି ମଧ୍ୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା । ହାଇକୋର୍ଟ ମାମଲାର ଶୁଣାଣି କରି ପରିବହନ ବିଭାଗ ଏବଂ ଷ୍ଟେଟ୍ ଟ୍ରାନ୍ସପୋର୍ଟ କମିସନରଙ୍କୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବ ଶୁଣାଣିରେ ପରିବହନ ବିଭାଗ ପକ୍ଷରୁ ପିୟୁସି ପାଇଁ ପେଟ୍ରୋଲ ମନା ସଂକ୍ରାନ୍ତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନିଆଯାଇଥିବା ସଂକ୍ରାନ୍ତରେ ଅଦାଲତକୁ ଅବଗତ କରାଯାଇଥିଲା । ମନମୁଖୀ ଭାବେ ଜାରି କରାଯାଇଥିବା ଏଭଳି ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ କୋର୍ଟଙ୍କ ଛାଟ ବାଜିବା ପୂର୍ବରୁ ବିଭାଗ ପ୍ରତ୍ୟାହାର ସଂକ୍ରାନ୍ତରେ ଅଦାଲତକୁ ଅବଗତ କରାଇଥିଲା । କିନ୍ତୁ ଚାଲାଣ ଥିଲେ ପିୟୁସି କିପରି ହୋଇପାରିବ ନାହିଁ ସେ ସଂକ୍ରାନ୍ତରେ ହାଇକୋର୍ଟ ପରିବହନ ବିଭାଗ ନିକଟରୁ ସ୍ପଷ୍ଟୀକରଣ ଲୋଡ଼ିଥିଲେ । ଆଜି ଏହା ଉପରେ ପରିବହନ ବିଭାଗ ଜବାବ ରଖି ଦର୍ଶାଇଥିଲା ଯେ, କେନ୍ଦ୍ର ସରକାର ଏହି ଆଇନରେ ଏକ ସଂଶୋଧନ ଆଣି ଜରିମାନା ଥିଲେ ପିୟୁସି ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଏହି ଆଇନ ଆଧାରରେ ବର୍ତ୍ତମାନ ବାହାନ ପୋର୍ଟାଲରେ ପିୟୁସି ମିଳିବ । ବିଶେଷକରି ଚାଲାଣ କରିବାର ୯୦ଦିନ ଭିତରେ ଯଦି କେହି ଏହାକୁ ପରିଶୋଧ ନକରନ୍ତି ବା କୋର୍ଟକୁ ନଯାଆନ୍ତି ତାହେଲେ ସେମାନେ ଏହି ପୁରୁଣା ଚାଲାଣ ଉପରେ ପିୟୁସି କରିପାରିବେ ନାହିଁ । ଏହି ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ପେଙ୍ଗୁଇନ୍‌ର...

କୌଣସି କପି ମୁଦ୍ରିତ କିମ୍ବା ଡିଜିଟାଲ ଫର୍ମାଟରେ ପ୍ରକାଶିତ ହୋଇନାହିଁ । ଏହାର ବିକ୍ରି ବା ବିତରଣ ମଧ୍ୟ କରାଯାଇନାହିଁ । ତେବେ ଏବେ ଯେଉଁ ଅଂଶ ସମ୍ପ୍ରସାରିତ ହେଉଛି ତାହା କପିରାଇଟ୍‌କୁ ଉଲ୍ଲଂଘନ କରୁଛି । ଏହାର ଆଇନଗତ ପଦକ୍ଷେପ ନିଆଯାଇପାରେ ବୋଲି ପେଙ୍ଗୁଇନ୍ ହାଉସ୍ ପକ୍ଷରୁ କୁହାଯାଇଛି । ବିବାଦ ମଧ୍ୟରେ ପେଙ୍ଗୁଇନ୍ ହାଉସ୍ ମଧ୍ୟ ଦ୍ୱିତୀୟ ବିବୃତ୍ତି ଜାରି କରିଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଏ ପର୍ଯ୍ୟନ୍ତ ପୁସ୍ତକ ପ୍ରକାଶ ହୋଇନାହିଁ । ଏହି ପୁସ୍ତକରେ କୌଣସି କପି ମଧ୍ୟ କୌଣସି ଫର୍ମାଟରେ ନାହିଁ । ଏହା ପ୍ରକାଶନ ପରେ କିଣିବା ପାଇଁ ପ୍ଲାଟଫର୍ମରେ ଉପଲବ୍ଧ ହେବ । ପେଙ୍ଗୁଇନ୍‌ର ଏହି ସ୍ପଷ୍ଟୀକରଣର ଜବାବରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନରଭାଣେଙ୍କ ଏକ ୨୦୨୩ ଟ୍ୱିଟ୍‌କୁ ଉଲ୍ଲେଖ କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ପୁସ୍ତକ ପ୍ରକାଶିତ ହୋଇଛି ଓ ଏହା ଆମାଜନ୍‌ରେ ଉପଲବ୍ଧ । ମୁଁ ପେଙ୍ଗୁଇନ୍ ଅପେକ୍ଷା ପୂର୍ବ ସେନା ମୁଖ୍ୟଙ୍କୁ ଅଧିକ ବିଶ୍ୱାସ କରେ । ସ୍ୱୀକାର କରୁଛି ଯେ ପୁସ୍ତକରେ ଏଭଳି କିଛି କଥା ରହିଛି ଯାହା ଭାରତ ସରକାର ଓ ପ୍ରଧାନମନ୍ତ୍ରୀଙ୍କ ପାଇଁ ଅସୁବିଧାଜନକ ସ୍ଥିତି ସୃଷ୍ଟି କରିପାରେ । ତେବେ କିଏ ସତ କହୁଛି ତାହା ସ୍ଥିର କରିବାକୁ ପଡ଼ିବ । ଇତି ମଧ୍ୟରେ ଦିଲ୍ଲୀ ପୋଲିସ ପକ୍ଷରୁ ନିଜଆଡ଼ୁ ଏକ ଏତଲା ରୁଜୁ କରାଯାଇଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ ସୋସିଆଲ ମିଡିଆ ଓ ଅନ୍‌ଲାଇନ୍ ପ୍ଲାଟଫର୍ମରେ ପୁସ୍ତକ ପ୍ରକାଶିତ ହୋଇନଥିବାର କପି କେଉଁଠୁ ଆସିଲା ତାହା ଯାଞ୍ଚ ଚାଲିଛି । ଏହି ପିଡିଏଫ୍ କପିକୁ ଯାଞ୍ଚ କରାଯାଉଛି । ପେଙ୍ଗୁଇନ୍ ର୍ୟାଣ୍ଡମ୍ ହାଉସ୍ ଇଣ୍ଡିଆ କେତେକ ୱେବ୍ ସାଇଟ୍‌ରେ ମଧ୍ୟ ଉପଲବ୍ଧ ହୁଏ । ଏହା ମଧ୍ୟ କିଛି ମାର୍କେଟିଂ ପ୍ଲାଟଫର୍ମରେ ଦେଖିବାକୁ ମିଳିଥାଏ । ତେବେ ଏହି ପୁସ୍ତକକୁ ନେଇ ଗତ ସପ୍ତାହରୁ ଏକ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବାକୁ ଚାହୁଁଥିଲେ ମାତ୍ର ତାଙ୍କୁ ସୁଯୋଗ ଦିଆଗଲା ନାହିଁ । ଏଥିଲାଗି ସଂସଦରେ ଅଚଳାବସ୍ଥା ସୃଷ୍ଟି ହୋଇଛି ।

## ଏୟାରଷ୍ଟ୍ରିପ୍‌ରେ...

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ବର୍ତ୍ତମାନ ନିୟୋଜିତ ଅଛି । ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ହିମନ୍ତଙ୍କ...

ବ୍ୟକ୍ତିଙ୍କୁ ଗୁଳି କରିବା ଢଙ୍ଗରେ ଅଛନ୍ତି । ଏହି ଦୁଇ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଟୋପି ପିନ୍ଧିଛନ୍ତି ଓ ଅନ୍ୟଜଣେ ହାତରେ ପାଗଡ଼ୁଟି ଧରିଛନ୍ତି । ଏହାର କ୍ୟାପ୍‌ସନ୍ ପଏଣ୍ଟ ବ୍ଲାଙ୍କ ସଟ୍ ଲେଖାଯାଇଛି । ଏହି ଦୁଇ ଜଣଙ୍କୁ ସେ ଗୁଳି ମାରୁଛନ୍ତି । ଯେଉଁ ଦୁଇ ଜଣଙ୍କୁ ସେ ଗୁଳି ମାରିବାର ଦୃଶ୍ୟ ଦେଖାଦେଇଛି ସେମାନଙ୍କର ଦାଢ଼ି ରହିଛି । ତେଣୁ ଉଭୟଙ୍କୁ ମୁସ୍‌ଲିମ୍ ବୋଲି ଦର୍ଶାଯାଉଛି । ତେବେ ଏହି ମାମଲାରେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଯେତେବେଳେ ନିର୍ବାଚନ ଆସେ ଲଢ଼େଇ ସୁପ୍ରିମ୍‌କୋର୍ଟ ମଧ୍ୟରେ ହୁଏ । ଏହା ହେଉଛି ଅସଲ ସମସ୍ୟା । ଆମେ ଗୋଟିଏ ତାରିଖ ଦେବୁ । ଆମେ ପୁରା ପ୍ରସଙ୍ଗରେ ତତ୍‌କାଳ କୋର୍ଟଙ୍କ ହସ୍ତକ୍ଷେପ ଚାହୁଁଛୁ ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା । ଆସାମରେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଦେଇଥିବା ବୟାନ ସହ ନିକଟରେ ପୋଷ୍ଟ ହୋଇଥିବା ଭିଡ଼ିଓରେ ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସଦସ୍ୟଙ୍କୁ ଗୁଳି କରୁଛନ୍ତି । ଏ ନେଇ ଅଭିଯୋଗ ହେଉଛି କିନ୍ତୁ କୌଣସି ଏତଲା ରୁଜୁ ହୋଇନାହିଁ । ଏଥିରେ କୋର୍ଟ ହସ୍ତକ୍ଷେପ କରନ୍ତୁ । ପରବର୍ତ୍ତୀ ସମୟରେ ଏହା ଦିନ ଧାର୍ଯ୍ୟ ହେବ ବୋଲି କୋର୍ଟ କହିଛନ୍ତି ।

## ୪୧୧୧.୮୦...

(ଏସଏଲଏସଡବ୍ଲ୍ୟୁସିଏ) ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମେକାନିକାଲ୍ ଓ ଇଲୋକ୍ଟ୍ରିକାଲ କ୍ୟାପିଟାଲ ଗୁଡ, ପୋଷାକ ଓ ବୟାନ ଏରୋସପ୍ରେସ ଓ ପ୍ରତିରକ୍ଷା ଉତ୍ପାଦନ ଜାହାଜ ଓ ନିର୍ମାଣ ମରାମତି, ଔଷଧ, କେମିକାଲ, ରିଫ୍ୟାକ୍ଟ୍ରିଜ୍ ଆଲୁମିନିୟମ, ଆନୁସଙ୍ଗିକ ଶିଳ୍ପ, ମିନେରାଲ ବେନିଫିକେସନ, ପ୍ଲାଷ୍ଟିକ, କାଚ ଉତ୍ପାଦନ, ଲଜିଷ୍ଟିକ୍ ଓ ଓୟାର ହାଉସ, ଭିତ୍ତିଭୂମି, ପର୍ଯ୍ୟଟନ ଓ ହସ୍ପିଲାଟି ଆଦି କ୍ଷେତ୍ରରେ ନିବେଶ କରାଯିବ । ଏହି ପ୍ରକଳ୍ପ ଗୁଡ଼ିକ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିଷ୍ଠା ହେବ । ପ୍ରମୁଖ ପ୍ରକଳ୍ପ ମଧ୍ୟରେ ରହିଛି ନିଫା ଲିମିଟେଡ ପକ୍ଷରୁ ୩୮୪ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା ଠାରେ ରେଳବାଇ କମ୍ପନେଟ୍ ଉତ୍ପାଦନ ରେଳ ଉପକରଣ ନିର୍ମାଣ ପ୍ରତିଷ୍ଠା କରାଯିବ ଓ ଏହି ପ୍ରକଳ୍ପରେ ୩୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିଭଳି ନର୍ଦ୍ଦନ ଏକ୍ସପ୍ରେସ, ଇମ୍ପାଡେଭଲପମେଣ୍ଟ ପକ୍ଷରୁ ଭଦ୍ରକରେ ଜାହାଜ ମରାମତି ପ୍ରକଳ୍ପ ଲାଗି ୩୩୯.୪୦ କୋଟି ନିବେଶ କରାଯିବ । ଜେଜି ହୋସିଆରି ପକ୍ଷରୁ ୧୦୦ କୋଟି ଟଙ୍କା ନିବେଶରେ ଏକ ପୋଷାକ କାରାଖାନା ଓ ଆଲଭେଲ୍ଟା ଫର୍ମା ପକ୍ଷରୁ ୧୦୦ କୋଟି ନିବେଶରେ ଏକ ଔଷଧ କାରାଖାନା ପ୍ରତିଷ୍ଠା ହେବ । କଳିଙ୍ଗ ମେଟାଲିକ୍ ପକ୍ଷରୁ ସୁନ୍ଦରଗଡ଼ରେ ୬୦୦ କୋଟି ନିବେଶରେ ଲୁହା ପଥର ବିନିଫିକେସନ ପ୍ରକଳ୍ପ ଓ ଶ୍ରୀରାମ ଆଇରନ ଆଣ୍ଡ ଆଲାଜି ପକ୍ଷରୁ ଦେବଗଡ଼ରେ ୨୫୦ କୋଟି ଟଙ୍କା ବ୍ୟୟରେ ପେଲେଟ୍ କାରାଖାନା, ସୁନ୍ଦରଗଡ଼ରେ ଇଷ୍ଟ ସାଇଡ ଶୁଭଷ୍ଟିଲର ୬୦.୫ କୋଟି ଟଙ୍କା, ଆଚାର୍ଯ୍ୟ ଓ ରିଫାଇନ ପକ୍ଷରୁ ୫୧ କୋଟି ଟଙ୍କା ଓ ରଶ୍ମି ମେଟାଲିଜିକାଲ ଇଣ୍ଡଷ୍ଟ୍ରି ପକ୍ଷରୁ ୩୫୦ କୋଟି ଟଙ୍କା ନିବେଶ ହେବ । ୪ ହୋଟେଲ ପ୍ରକଳ୍ପକୁ ମଧ ମଞ୍ଜୁର କରାଯାଇଛି । ଏମକେ ଆସୋସିଏସନ୍ ପକ୍ଷରୁ ଖୋର୍ଦ୍ଧାରେ ୨୧୦ କୋଟି ଟଙ୍କା ନିବେଶରେ ଏକ ପଞ୍ଚ ତାରକା ହୋଟେଲ, ମଞ୍ଜିରା ହୋଟେଲ ଆଣ୍ଡ ରିସର୍ଟ୍ଟ ପକ୍ଷରୁ ପୁରୀରେ ୨୦୦ କୋଟି ଟଙ୍କାର ପଞ୍ଚ ତାରକା ହୋଟେଲ ଏବଂ ପଣ୍ଡା ରିସର୍ଟ୍ଟ ଲିମିଟେଡ ପକ୍ଷରୁ ୭୦ କୋଟି ଟଙ୍କାରେ ଏକ ଚାରି ତାରକା ହୋଟେଲ, ଶଙ୍କରୀ ଦେବୀ ଏଣ୍ଟରପ୍ରାଇଜେସ ପକ୍ଷରୁ ସମ୍ବଲପୁରରେ ୬୪. ୧୦ କୋଟି ଟଙ୍କା ନିବେଶରେ ଚାରିତାରିକା ହୋଟେଲ ନିର୍ମାଣ ହେବ । କଟକରେ ବ୍ଲୁମାଉଣ୍ଟ ଏନର୍ଜି ୧୦୦ କୋଟି ଟଙ୍କା ବ୍ୟୟରେ ଔଷଧ କାରଖାନା, ସୁନ୍ଦରଗଡ଼ରେ ସର୍ବେଶ ରିଫାଟିଜ ପକ୍ଷରୁ ୬୨ କୋଟି ଟଙ୍କା ନିବେଶରେ ସମ୍ପ୍ରସାରରଣ, ଯାଜପୁରରେ ଝାଡ଼ଖଣ୍ଡ ଗ୍ରାଇଣ୍ଡ କେମ ପକ୍ଷରୁ ୬୬.୧୫ ନିବେଶରେ ରିଫ୍ରାକ୍ଟିକ୍ ପକ୍ଷରୁ ରାମକୋ ଆଲୁମିନେଟ୍ ପକ୍ଷରୁ କୋରାପୁଟରେ ୫୪.୫୦ କୋଟି ନିବେଶରେ ଆଲୁମିନା ରିଫ୍ୟାକ୍ଟି ପ୍ରକଳ୍ପ ନିର୍ମାଣ କରିବ । ବାଲେଶ୍ୱରରେ ଏସ ଫ୍ଲେକ୍ସି ପକ୍ଷରୁ ୫୧ କୋଟି ନିବେଶରେ ପ୍ୟାକଜିଂ ପ୍ରକଳ୍ପ ଗୋଇ ଟି ଅଏଲ ପକ୍ଷରୁ କଟକରେ ୧୦୦ କୋଟି ନିବେଶରେ ଖାଇବା ତେଲ ପ୍ରକଳ୍ପ, ଜେବି ଏସଏସ ଗ୍ଲାସ ପକ୍ଷରୁ ୫୦.୮୫ କୋଟି ନିବେଶରେ କାଚ ତିଆରି କାରଖାନା ନିର୍ମାଣ ହେବ । ଶ୍ରିଷ୍ଟି ଡ୍ରେଡିଂ ପ୍ରକଳ୍ପ ୧୬୦.୬୫ କୋଟି ନିବେଶରେ ଲଜିଷ୍ଟିକ୍ ପାର୍କ ଓ ଗୋଦାମ ଘର, ୱାଟର ଟ୍ରେକ୍ ଇଣ୍ଡିଆ ପକ୍ଷରୁ ଗଞ୍ଜାମରେ ୩୮୭ କୋଟି ନିବେଶରେ ପ୍ଲାଷ୍ଟିକ ଉତ୍ପାଦ କାରାଖାନା ପ୍ରତିଷ୍ଠା କରାଯିବ ।

## ଦୁଃଖ...

ଯେ, ଏହି ଅପୂରଣୀୟ କ୍ଷତି ଅତ୍ୟନ୍ତ ଦୁଃଖଦାୟକ । ଏଭଳି ଅସମୟରେ ଶୋକସନ୍ତପ ପରିବାର ତଥା ଆତ୍ମୀୟ ସ୍ୱଜନଙ୍କ ସାଥୀରେ ମୋର ସମବେଦନା ରହିଛି । ବାରମ୍ବାର ମଣିଷ ଓ ହାତୀ ମଧ୍ୟରେ ଦେଖାଦେଉଥିବା ସଂଘର୍ଷ ସ୍ଥିତି ବେଶ ଚିନ୍ତାଜନକ । ଏହା ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି । ସୁରକ୍ଷା ଉପାୟକୁ ସୁଦୃଢ଼ କରିବା ଆଗୁଆ ସୂଚନା ବ୍ୟବସ୍ଥା ସୁନିଶ୍ଚିତ କରି ଉଭୟ ମଣିଷ ଓ ବନ୍ୟଜନ୍ତୁଙ୍କ ଜୀବନରକ୍ଷା ପାଇଁ ସରକାର ଦୀର୍ଘ ସ୍ଥାୟୀ ପଦକ୍ଷେପ ଗ୍ରହଣ କରୁନ୍ତୁ ବୋଲି ନବୀନ ଉଲ୍ଲେଖ କରିଛନ୍ତି ।

## ଦନ୍ତା...

ବେଳେ ସେମାନଙ୍କୁ ବନବିଭାଗର କର୍ମଚାରୀ ମାନେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଥିଲେ ।ସେମାନଙ୍କ ମଧ୍ୟରୁ ଇନ୍ଦୁ ପ୍ରଧାନ, ଟୁନୀ ବେହେରା, କୁନ୍ତଳା ପ୍ରଧାନଙ୍କର ମୃତ୍ୟୁ ହୋଇଯାଇଥିବାର ଜଣାପଡିଛି । ହାତୀ ଆକ୍ରମଣରେ ରମା ଦେହୁରୀ, ରସ୍ମିତା ପ୍ରଧାନ ଏବଂ ଝିଲି ପ୍ରଧାନ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି । ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଘଟଣାକୁ ନେଇ ସଦର ରେଞ୍ଜର ଉଚ୍ଛବ ପ୍ରଧାନଙ୍କ କହିବା ଅନୁସାରେ ଜଙ୍ଗଲରେ ହାତୀ ରହିଥିବାର ବାରମ୍ବାର ସୂଚନା ଦେବା ସହିତ ଆଜି ସକାଳେ ମଧ୍ୟ ସଚେତନ କରାଯାଇଥିଲା । କିନ୍ତୁ ସେମାନେ ସଚେତନକୁ ନମାନି ଦିନ ୧୦ଟା ପରେ ଜଙ୍ଗଲ ଭିତରକୁ କାଠ ସଂଗ୍ରହ କରିବାକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇଛନ୍ତି ।

## ଆତ୍ମସମର୍ପଣ...

କାରଣ ସେହି କାର୍ ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ପୋଲିସ ସନ୍ଦେହ କରୁଛି ।କାର୍‌କୁ ଡ୍ରାଇଭର ସତ୍ୟବ୍ରତ ଆଣି ନିଳାଦ୍ରୀବିହାର ଆସିଥିଲେ ନା ସେ କାର୍‌କୁ ଅନ୍ୟ କେହି ଅପରାଧୀ ବ୍ୟବହାର କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । କାର୍ ଶିଶୁଭବନ ଓଭରବ୍ରିଜ୍ ଆଡ଼କୁ ଗଲା କାହିଁକି ? କ୍ୟାପିଟାଲ ହସ୍ପିଟାଲକୁ ସେହି କାର୍ ଯାଇଥିବା କୁହାଯାଉଛି। ତଦନ୍ତରେ ସାମିଲ ଥିବା ତିନୋଟି ସ୍ପେଶାଲ ଟିମ୍ ମଧ୍ୟରୁ ଗୋଟିଏ ଡିଜିଟାଲ ତଥ୍ୟ ଯାଞ୍ଚ କରୁଥିବା ବେଳେ ଅନ୍ୟ ଗୋଟିଏ ଟିମ୍ ବିଭିନ୍ନ ଅଞ୍ଚଳ ସିସି କ୍ୟାମେରା ଯାଞ୍ଚ କରୁଛି ।ଆଉ ଗୋଟିଏ ଟିମ୍ ଲିଜା ଘର ଏରସମା ଯିବା ସହ ଦିନେଶକୁ ଧରିବା ପାଇଁ ଛାନ୍‌ଭିନ କରୁଛି । ଲିଜା ଫୋନ୍‌ର ସିଡିଆର୍ ଯାଞ୍ଚ କରୁଛି ପୋଲିସ ।

ହତ୍ୟାକାଣ୍ଡରେ ଲିଜା ଓ ଦିନେଶ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ନା ସେହି ଦୁଇଜଣ ଘଟଣା ଘଟାଇଛନ୍ତି ତାହା ଜାଣିବା ପାଇଁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି । କେବଳ ଲିଜା ଫୋନ୍ ସିଡିଆର୍ ଯାଞ୍ଚ କରାଯାଉଛି ତାହା ନୁହେଁ, କାର୍ ମାଲିକାଣୀ ପିଙ୍କିଙ୍କ ନମ୍ବର ମଧ୍ୟ ଯାଞ୍ଚ କରାଯାଉଛି । ଅନ୍ୟ ପକ୍ଷରେ ନିଳାଦ୍ରୀବିହାରରେ ରହୁଥିବା ଲିଜା ଘରର ମାଲିକ ଓ ଅନ୍ୟ ଭଡାଟିଆ ପଡୋଶୀମାନଙ୍କୁ ମଧ୍ୟ ପୋଲିସ ଡାକି ପଚରାଉଚରା କରୁଛି । ସେମାନେ ଘଟଣା ସମ୍ପର୍କରେ ଜାଣିଥିଲେ କି ନାହିଁ, ଯଦି ଜାଣିଥିଲେ ପୋଲିସକୁ ଜଣାଇଲେ ନାହିଁ କାହିଁକି ? ଯେଉଁ ସିସି କ୍ୟାମେରା ଫୁଟେଜ ପୋଲିସ ସଂଗ୍ରହ କରିଛି, ତାହା ରବିବାର ରାତି ଗୋଟାଏ ୧୦ ସମୟର । ସତ୍ୟବ୍ରତକୁ ହତ୍ୟା କରାଯିବାର କାରଣ ପ୍ରେମ ନା ଅନ୍ୟ କିଛି ରହସ୍ୟ ରହିଛି ତାହା ମଧ୍ୟ ଜାଣିବା ପାଇଁ ପୋଲିସ ଗମ୍ଭୀରତାର ସହ ଅନୁସନ୍ଧାନ କରୁଛି ।

ଦିନେଶ ସହ ଲିଜା ନିଳାଦ୍ରୀବିହାରରେ ଲିଭ୍-ଇନ୍‌ରେ ରହୁଥିବା ବେଳେ ଟ୍ୟାକ୍ସି ଡ୍ରାଇଭର ସତ୍ୟବ୍ରତ ସହ ସମ୍ପର୍କ କିପରି, କାହିଁକି ହେଲା ଓ ତାହା ପ୍ରେମର ରୂପ ନେଲା ତାହା ମଧ୍ୟ ପୋଲିସ ଜାଣିବା ପାଇଁ ଚେଷ୍ଟା କରୁଛି । ଜଣଙ୍କ ସହ ଲିଭ୍-ଇନ୍‌ରେ ରହି ଅନ୍ୟ ପୁରୁଷଙ୍କ ସହ ସମ୍ପର୍କରୁ ହତ୍ୟାକାଣ୍ଡ ଘଟିଲା ନା ହତ୍ୟାକାଣ୍ଡର ଭିତିରି ରହସ୍ୟ କ'ଣ ରହିଛି ତାହା ମଧ୍ୟ ପୋଲିସ ସ୍ପଷ୍ଟ ହୋଇପାରିନାହିଁ ।

# ଚାରିଛକ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ନିମାପଡା, (ସବ୍ୟୁ) : ଚାରିଛକ ଥାନାରେ ପ୍ରଥମ ଆଇଆଇସି ଭାବେ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ଯୋଗଦାନ କରିଛନ୍ତି। ଏସ୍‌ଆଇ ମମତା ବିଶ୍ୱାଲଙ୍କ ଚନ୍ଦନପୁର ଥାନାକୁ ବଦଳୀ ହେବା ପରେ ଚାରିଛକ ଥାନାରେ ନୂତନ ଆଇଆଇସି ଭାବେ ଶ୍ରୀ ମହାନ୍ତି ଯୋଗଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଥାନା ଅଂଚଳରେ ରାତ୍ର ପାଟ୍ରୋଲିଂ କଡାକଡି କରିବା, ଚୋରା ମାଦକ ଦ୍ରବ୍ୟ କରବାର, ମହିଳାଙ୍କ ସୁରକ୍ଷା, ଆଇନଶୃଙ୍ଖଳ ପରିସ୍ଥିତି ରକ୍ଷା ପ୍ରଭୃତୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଆଇଆଇସି ଶ୍ରୀ ମହାନ୍ତି କହିଛନ୍ତି ।

## ଚୁକ୍ତିଭିତ୍ତିକ...

ସେବାରତ ଆୟୁଷ ଡାକ୍ତରମାନଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି । ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା ହୋଇଛି । ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତର ମାନଙ୍କ ଦରମା ମାସକୁ ୨୫ ହଜାର ବୃଦ୍ଧିପାଇଁ ୭୪,୪୬୭ ଟଙ୍କାରେ ପହଞ୍ଚିଛି । ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ବୃଦ୍ଧିପାଇ ୮୦,୪୬୭ ହୋଇଥିବା ବେଳେ ୧୫ ବର୍ଷରୁ ଉର୍ଦ୍ଧ୍ୱସେବା ପାଇଁ ଆୟୁଷ ଡାକ୍ତରମାନଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କାରେ ପହଞ୍ଚିଛି ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ରଣବୀର କପୁର ପିଏନଜି ଜୁଏଲର୍ସର ନୂଆ ବ୍ରାଣ୍ଡ ଆମ୍ବାସାଡର

ମୁମ୍ବାଇ: ଭାରତର ଅନ୍ୟତମ ପ୍ରତିଷ୍ଠିତ ଜୁଏଲରୀ ବ୍ରାଣ୍ଡ ପିଏନଜି ଜୁଏଲର୍ସ, ବଲିଉଡ ଅଭିନେତା ରଣବୀର କପୁରଙ୍କୁ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି । ମହାରାଷ୍ଟ୍ରରେ ସ୍ଥାପିତ ଏବଂ ବର୍ତ୍ତମାନ ଭାରତ ଓ ବିଦେଶରେ ଆତ୍ମବିଶ୍ୱାସର ସହ ସମ୍ପ୍ରସାରିତ ହୋଇଥିବା ପିଏନଜି ଜୁଏଲର୍ସ ଏକ ସ୍ପଷ୍ଟ ଓ ଅଗ୍ରଗାମୀ ଦୃଷ୍ଟିକୋଣ ସହ ଡଃ ସୌରଭ ଗଡଗିଲଙ୍କ ଦ୍ୱାରା ପରିଚାଳିତ ହେଉଛି । ରଣବୀର କପୁରଙ୍କ ସହ ଏହି ସହଭାଗିତା ବ୍ରାଣ୍ଡର ବିବର୍ତ୍ତନକୁ ପ୍ରତିଫଳନ କରୁଛି । ରଣବୀର କପୁର ବର୍ତ୍ତମାନର ବ୍ରାଣ୍ଡ ଫେସ୍ ବ୍ୟତୀତ ପିଏନଜି ଜୁଏଲର୍ସର ଜଣେ ଆମ୍ବାସାଡର ଭାବେ ଯୋଗ ଦେବା ସହିତ ଏହି ୨ ବର୍ଷିଆ ସହଭାଗିତା ଜାନୁଆରୀ ୨୦୨୬ରୁ ଆରମ୍ଭ ହେଉଛି ।ଏହି ସହଭାଗିତା ସମ୍ପର୍କରେ ଅଭିନେତା ରଣବୀର କପୁର କହିଛନ୍ତି, ପିଏନଜି ଜୁଏଲର୍ସ ଏଭଳି ଏକ ବିରାସତ ପାଇଁ ଛିଡା ହୋଇଛି ଯାହା ପିଢି ପରେ ପିଢି ଚାଲିଆସୁଛି । ପିଏନଜି ଜୁଏଲର୍ସର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ଡଃ ସୌରଭ ଗଡଗିଲ କହିଛନ୍ତି, ରଣବୀର କପୁର ଐତିହ୍ୟ ଓ ଆଧୁନିକ ଆକାଂକ୍ଷାର ଉପଯୁକ୍ତ ସନ୍ତୁଳନର ପ୍ରତିନିଧିତ୍ୱ କରୁଛନ୍ତି ।

# ଅଚିହ୍ନା ବୃଦ୍ଧଙ୍କ ଶବ ଜବତ

ଡେଲାଙ୍ଗ,(ସବ୍ୟୁ) : ଡେଲାଙ୍ଗ ଥାନା ଅନ୍ତର୍ଗତ ହରିପୁର ରେଳ ଫାଟକ ନିକଟ ଏକ ଜଙ୍ଗଲରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ଶବ ଡେଲାଙ୍ଗ ପୋଲିସ ଜବତ କରିଛି । ବୃଦ୍ଧଙ୍କ ବୟସ ପାଖାପାଖି ୬୦ ବର୍ଷ ହୋଇଥିବା ବେଳେ ସେ ଲୁଙ୍ଗି ଗାମୁଛା ସହ ବ୍ଲୁ କଲର ସାର୍ଟ ପିନ୍ଧିଛନ୍ତି । ମଙ୍ଗଳବାର ଅପରାହ୍ନ ୪ଟାରେ ଡେଲାଙ୍ଗ ଥାନା ଏଏସଆଇ ପ୍ରଭାତ କୁମାର ପଲାଇ ଖବର ପାଇ ଘଟଣାସ୍ଥଳରେ ପହଂଚି ଶବ ଜବତ କରିଛନ୍ତି । ମୃତକଙ୍କ ପରିଚୟ ଜଣାପଡିନଥିବା ବେଳେ ସେ ସ୍ଥାନକୁ ବୃଦ୍ଧ ଜଣକ କିପରି ଆସିଲେ ଆଉ ତାଙ୍କର କିପରି ମୃତ୍ୟୁ ହୋଇଛି ପୋଲିସ ତଦନ୍ତ ଜାରୀ ରଖିଥିବା ନେଇ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି ।

# ଆଦର୍ଶ ପ୍ରଧାନଶିକ୍ଷକ ବାବୁ ସାରଙ୍କ ସ୍ମୃତିସଭା

କାକଟପୁର ,(ସବ୍ୟୁ) :କାକଟପୁର ବ୍ଲକ ଅନ୍ତର୍ଗତ ହରିଦାସପୁର ପ୍ରାଥମିକ ବିଦ୍ୟାଳୟ ର ଆଦର୍ଶ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଶୁଭ୍ରାଂଶୁ ଶେଖର ସ୍ୱାଇଁ (ବାବୁ ସାର) ଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ନିଜ ଗ୍ରାମ (ପାଟପୁର)ଠାରେ ଅନୁଷ୍ଠିତ ହୋଇଯାଇଛି ।ଶିକ୍ଷକ ନେତା ଡ଼ଃ ହୃଦାନନ୍ଦ ସାସମଲ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସ୍ମୃତି ସଭାରେ କାକଟପୁର ବ୍ଲକର ଅବସର ପ୍ରାପ୍ତ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ନୂତନ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡି, ଅଭୟ ନାୟକ, ଆଦିତ୍ୟ ମହାନ୍ତି, ରଞ୍ଜିତ ନାୟକ, ରାଜକିଶୋର ବେହେରା, ବିଶ୍ୱଜିତ ସ୍ୱାଇଁ, ହୀରନ୍ୟ କଶ୍ୟପ ଓଝା, ସୁରେଶ ଚନ୍ଦ୍ର ସ୍ୱାଇଁ,ଆଲୋକ ସ୍ୱାଇଁ ପୂର୍ବତନ ସରପଞ୍ଚ ତୁଷାର କାନ୍ତ ସ୍ୱାଇଁ, ଶିକ୍ଷୟତ୍ରୀ ତରୁଲତା ଦେଇ, ରୀନାରାଣୀ ସେଠୀ,ନମିତା ସ୍ୱାଇଁ, ହରିଦାସପୁର ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟତ୍ରୀ ସ୍ୱର୍ଗତ ବାବୁ ସାରଙ୍କ ଭାଇ ଭଉଣୀ ପରିବାର ବନ୍ଧୁବର୍ଗ ଆତ୍ମୀୟ ସ୍ୱଜନ ଯୋଗଦେଇ ସଓ୍ୱର୍ଗତ ବାବୁ ସାର ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ଅମର ଆତ୍ମା ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।


**PARADIP PORT AUTHOTIRY**
No. MD/ACCTS/WK/R-20/2025/130
Date: 06/02/2026
CORRIGENDUM-II
REVISED E-TENDER e-RFP No.MD/ACCTS/WK/R-20/2025/1654, dt.31/12/2025

Name of the Work: Hiring of 2nd Battery Operated Electric Tug of 60T Bollard Pull (Green Tug Transition Programme) including Manning, Operation, and Maintenance for a Period of 15 years at Paradip Port Authority & Extendable by 02 more years. Estimated Contract Value (INR): Total estimated cost towards hire charges for 15 years: Rs.346,99,13,196/- excluding GST. Estimated cost put to tender for hire charges for one year: Rs.21,99,74,550/- excluding GST. This is to inform that the Minutes of Pre-bid meeting and Revised Tender Document after incorporation of recommendations of pre-bid meeting is hereby published for the reference of the bidders. The Bid Submission end date and Tender Opening date (Technical Bids) has been Extended as follows. Bid submission end date : 02/03/2026 at 15:00 hours. Tender Opening Date (Technical Bids): 03/03/2026 at 10:30 hours. Except the above, all other terms & conditions remain unchanged. For further details, please log on to the Website : https://eprocure.gov.in/eprocure/app.

Sd/- Deputy Conservator,
Paradip Port Authority, Mob. No.77800-33783
PPA/PR/67/2025-2026 dtd.10.02.2026



**ଦ.ପୂ. ରେଳପଥ-ଟେଣ୍ଡର**

ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଦ.ପୂ. ରେଳପଥ ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରାଯାଇଛି । ଏହି ସବୁ ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ. ଓ ଟେଣ୍ଡର ନୋଟିସ୍ ନଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମଡି : (୧) ସିକେପି-ସେକ୍ଟ୍ରାଲ-୨୫-୨୬-୦୬୧, ତାରିଖ : ୦୯.୦୨.୨୦୨୬, ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର / ୱେଷ୍ଟ/ଚକ୍ରଧରପୁରଙ୍କ କ୍ଷମତା ଅଧୀନରେ ଥିବା ବ୍ରିଜ ନଂ. ୨୧୬ (ଅପ୍ ଆଣ୍ଡ ଡାଉନ), ୨୦୬ (ଡାଉନ), ୨୦୨ (ଅପ୍ ଆଣ୍ଡ ଡାଉନ)ର ଆରସିସି ଜ୍ୟାକେଟିଂ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଓ ବ୍ରିଜ୍ ନଂ. ୧୮୪ର କଳକା କାର୍ଯ୍ୟ । (୪ର୍ଥ କଲ୍), ଟ. ୨,୮୦,୦୨,୮୪୦.୧୮, ଟ. ୨,୯୦,୦୦୦/- । (୨) ସିକେପି-ସେକ୍ଟ୍ରାଲ-୨୫-୨୬-୬୩ ତାରିଖ : ୦୯.୦୨.୨୦୨୬, ଡିଭିଜନାଲ ଇଞ୍ଜିନିୟର/ସେଣ୍ଟ୍ରାଲ/ଚକ୍ରଧରପୁରଙ୍କ କ୍ଷମତା ପରିସରଭୁକ୍ତ ରାଞ୍ଚି (ଆରଜିଜେଡ) ଠାରେ ପାବେରୀ ବାଲ ସହିତ ୦୮ଟି ୟୁନିଟ୍ ଟାଇପ୍-୨ କ୍ୱାର୍ଟର ନିର୍ମାଣ, ଟ. ୧,୯୩,୭୬,୦୧୩.୩୬, ଟ. ୨,୪୬,୯୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ଉଭୟ ପାଇଁ ୦.୦୦ । ଖୋଲା ତାରିଖ : ଉଭୟ ପାଇଁ ୦୩.୦୩.୨୦୨୬ । ୱେବସାଇଟ୍ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ମାଗଣାରେ ଇ-ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । (ଅଥରିଟି-ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୩.୨୦୨୦) (PR-1168)



**PANCHAYAT SAMITI OFFICE, KOTAGARH, KANDHAMAL**
Advt. No. 315/2025-26 Dtd. 07.02.2026
19001/24/2526
**Tender Call Notice**

Seal tender (Percentage rate) are invited from the interested "B" & "C" Class contractors registered with the Govt. for execution of civil works under Panchayat Samiti Kotagarh, Kandhamal. The detail notification is available official website www.kandhamal.nic.in. Interested Contractors fulfilling the eligibility criteria may submit the proposal(s) with EMD, Tender Paper cost & document as per tender call notice. The bidders have to submit the proposal(s) at the Panchayat Samiti, Katagarh, Kandhamal. Proposals(s) complete in all respect should reach the undersigned on or before 04.00 PM of 26.02.2026 through Regd./ Speed post and the same will be opened on 27.02.2026 at 11.00 AM. The undersigned reserves the right to reject any or all the tenders withouj assigning at reason thereof.

Sd/-
Block Development Officer, Kotagarh
OIPR : 19001/19167/1/25-26/0001



**AFFIDAVIT**
I SANJULATA DEVI, W/O-DWARIKA NATH MOHAPATRA, PLOT NO-93, RAJARANI NAGAR, HATIASUNI LANE, TANKAPANI ROAD, BHUBANESWAR-751014, ODISHA DECLARE BY THIS AFFIDAVIT NO-2567, dt. 04.02.2026 THAT NOW ONWARDS I SHALL BE KNOWN AS "SANJULATA DEBI" FOR ALL FUTURE PURPOSES.



**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।
ସଂ. MCS/Stores/Tender Notice/PP/55 ତା.05.02.2026ରିଖ
ଟେଣ୍ଡର ସଂ. 92265086
ବିବରଣୀ : DA ସେଟ୍ 500KVA (336 KW) ଇତ୍ୟାଦିର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ, ପରିମାଣ : 2 ସେଟ୍ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.02.2026, 1500 ଘଟିକାରେ ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ମଞ୍ଚେଶ୍ୱର
PR-1105/Q/25-26



**ହଜିଛି**
ମୁଁ ସୁବାଶିଷ ବେହେରା ବୟସ ୪୧ ବର୍ଷ, ପିତା: ମଧୁସୂଦନ ବେହେରା, ସା: କଳରଙ୍ଗା, ପୋ: ସାଲେପୁର, ଜିଲ୍ଲା: କଟକ ଏହା ଜଣାଇବାକୁ ଚାହେଁ ଯେ ତା.୦୧.୦୨.୨୦୨୬ ରିଖ ଦିନ ୧୧ ଟା ସମୟରେ ଘରୁ ବାହାରି ... କଟକକୁ ଯାଉଥିବା ସମୟରେ ମୋ ... ଓରିଜିନାଲ ... ୧୮୪ ... ଅନ୍ତର୍ଗତ ... ଚନ୍ଦ୍ର ମିଶ୍ରଙ୍କ ନାମରେ ... ନିକଟରୁ ... ପରେ ବି ମିଳିନାହିଁ । ... ହୋମ୍ ଲୋନ ... ବନ୍ଧକ ... ସମ୍ପତ୍ତିର ... ବ୍ୟକ୍ତି ... ନଂ.: ୭୦୦୮୪୭୯୦୨୭ରେ ଜଣାଇବାକୁ ଅନୁରୋଧ ।



**GOVERNMENT OF ODISHA**
**OFFICE OF THE SUPERSEDING ENGINEER -CUM-DEPUTY ELECTRICAL INSPECTOR. KANDHAMAL & BOUDH**
Email Id. deikandhamal-od@od.gov.in,
Plot No. 356/2059, At- Goudapada, Ps-Khajuripada,
Dist : Kandhamal, Pin-762012
AA-54
**Tender Call Notice No.-02/2025-26 Dtd.06.02.2026**

Sealed tenders are invited from interested reputed Travel Agencies / Tour Operators/ Private Individuals for providing 1 (One) No. of AC Vehicle (suitable for forest area) having seating capacity not more than 7 (seven) including driver on monthly hire basis for the office of The Superintending Engineer-cum-Deputy Electrical Inspector, Kandhamal & Boudh.

| Sl. No. | Type of Vehicle | Maximum Hiring Charges excluding GST & fuel | Minimum Average Mileage |
|---|---|---|---|
| 01 | BS-VI compliant Petrol/ Diesel driven vehicle Bolero/TUV300 or similar model) | Rs. 37,200.00 (Rupees Thirty-Seven) Thousand Two Hundred) Only | 10 Km per Litre |

The tenders shall be opened on dt.27.02.2026 at 3.30 PM in the presence of tenderers or their authorized representatives if any The Application Form of qjotation/Tender containing General Bid information & Terms and Conditions for hiring of vehicles etc. will be freely available in the office of undersigned only till 1:30 PM of 27.02.2026 during office hours The undersigned reserves the right to reject the tenders without assigning any reason thereof.

Sd/- SE-CUM-DEI, KANDHAMAL & BOUDH



**OFFICE OF THE NOTIFIED AREA COUNCIL, GANJAM**
N.A.C, Ganjam, Odisha-761026
Tel : 06811-295560, E-mail : eo.nacganjam21@gmail.com
**QUOTATION CALL NOTICE**
13001/148/2526 Letter No. 202 Date. 05.02.2026

Executive Officer Ganjam NAC invites Sealed Quotation from the Registered firms/bidders/Agencies for "wall painting at Sept plant an MCC Plant of Ganjam NAC" under MSBY for the FY-2025-26 as per specification mentioned below.

| Sl.No. | Features | Unit | Rate (sqft) in Rs. |
|---|---|---|---|
| 1 | Wall painting at Sept plant and MCC Plant of Ganjam NAC. | Sqft | |

The quoted rate should be inclusive the cost of paint, labour, food & lodging of labour and any other incidental charges. No additional cost will be paid on any account
The bidder should submit the following as detailed below :
1. The interested bidder should submit the bid cost of Rs. 4720.00 including (18% GST) in shape of Cash deposit receipt of Ganjam NAC/B.D./D.D. in favour of the Executive Officer Ganjam NAC.
2. EMD of 1% of quoted value in shape of Cash deposit receipt of Ganjam NAC/B.D./D.D./T.D.A. pledged in favour of Executive Officer, Ganjam NAC.
3. Agency should submit agency registration certificate, GST, PAN etc.
The quotation should be submitted in a sealed envelope with subject "Wall painting at Se TP plant and MCC Plant of Ganjam NAC addressed to the Executive Officer, Ganjam NAC. The quotation paper will be available at the Cash section NAC, Ganjam from date 07.02.2026 at 10.00 A.M. to Dt. 16.02.2026 at 5.30 P.M in the office hour. The quotation should reach to the undersigned by regd. Post/Dropped in Office Sealed Tender Box on or before Date 17.02.2026, Time-5.30 P.M. same will be opened on Date. 18.02.2026. Time : 11.00 A.M. in presence of respective quotationers or their authorised representatives. If the opening date will be holiday then the tender will be opened on next date. Further clarifications can be obtained from this office. The undersigned reserves the right to accept or reject any quotation without assigning any reason thereof.

OIPR : 13001/13164/1/25-26/0001 Sd/-Executive Officer, Ganjam NAC



E-Mail:rw.kamakhyanagar@yahoo.co.in
**Government of Odisha**
**Office of the Superintending Engineer Rural Works Division-II, Dhenkanal Kamakhyanagar**
25001/131/2526
e-procurement Notice No. 27/Building Work / 2025-26

| | | |
|---|---|---|
| 1. | Name of the work | Building Work |
| 2. | Total No of Works | 2 (Two) No |
| 3. | Tender Cost | Rs. 12.61 to 35.296 lakhs |
| 4. | Class of Contractor | D, C & B & equivalent |
| 5. | Period of Completion | 3 & 6 Calendar Months. |
| 6. | Availability of Tender online for bidding | 10.02.2026 at 11.00 A.M. to 17.02.2026 up to 5.00 P.M. |
| 7. | Last Date & Time of seeking tender clarification | 16.02.2026 up to 4.00 PM |
| 8. | Date & Time of opening of Technical Bid | 18.02.2026 at 11.00 A.M. |

Other Details can be seen from the website http://tendersorissa.gov.in
Sd/-Superintending Engineer Rural Works Division-II, Dkl Kamakhyanagar
OIPR : 25001/25094/1/25-26/0018



**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA-768017, DISTRICT : SAMBALPUR (ODISHA), INDIA
PHONE : 0663-2910721(O), 2950765 (R), E-Mail:srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-Pur-120, Vol-II/ 757 Date : 01.02.2026
**NOTICE INVITING TENDER NO HHEP-10/2026**
4001/12/2526

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers / Authorized distributors / Authorized channel partners only having valid Firm Registration Certificate issued by Govt. Authority, IT PAN & GST Registration Certificate for the following works as per detail given below.

| Description | Qty | Cost of tender paper (non-refundable) in Rs. | EMD in shape of DD BC only (Refundable) in Rs. |
|---|---|---|---|
| Supply, Installation & Commissioning of one no of 500 KVA, 11/04 KV Copper Wound Transformer with complete fittings and accessories confirming IS:1180 : 2014 at HHEP Burla | 1 Set | Rs. 7080/- (Rs. 6000/- + GST @ 18%) | 14,930/- |

- Sale of tender paper : 10.02.2026 (10.00 AM) to 24.02.2026 upto 05.30 PM
- Receipt of tender paper : 25.02.2026 upto 03.30 P.M.
- Date & time of opening of tender : 25.02.2026 at 04.00 P.M.

For details of tender documents / terms & conditions / corrigendum / errate / addendum if any please visit our website www.ohpcltd.com.
OIPR : 4001/4007/1/25-26/0005 Sd/-C & P Head, HHEP, Burla



**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ**
ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର
19001/25/2526
**OFFICE OF THE PROJECT ADMINISTRATOR, ITDA, PHULBANI**
**ST & SC Development Department**
**GOVERNMENT OF ODISHA**
Tel: (06842)254149, E-Mail : itdaphulbani@gmail.com
No. 217 / Date . 02.02.2026
**CORRIGENDUM**

In continuation to this office tender call notice No. 182 Dated 30.01.2026 & Tender ref. No. PA ITDA PLB_04 of 2025-26, the Estimated Cost of the project namely "Construction of Mission Shakti Bazar at Phulbani, Kandhamal" has been revised as detailed below:

| Estimated Value (Earlier) | Revised Estimated Value |
|---|---|
| Rs. 2,07,22,353.00 (Cloumn-3) | Rs. 2,07,22,301.00 (Cloumn-3) |
| EMD: 2,07,224.00 (column-5) | EMD: 2,07,223.00 (column-5) |

All other terms and conditions contained in the said tender, remain unchanged. This corrigendum shall be treated as an integral part of the original tender document. Interested bidders are requested to take note of the above change while submitting their bids.

Sd/- Project Administrator ITDA, Phulbani
OIPR : 19001/19069/1/25-26/0002


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୬୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଟିପି ଓଡ଼ିଶା ଡ଼ିସ୍‌କମ ପକ୍ଷରୁ ଭିଜିଲାନ୍ସ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ଏବଂ ଉପଭୋକ୍ତାଙ୍କ ମଧ୍ୟରେଆସ୍ଥା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଚାରୋଟିଯାକ ଡ଼ିସକମ ଗୁଡ଼ିକ ପକ୍ଷରୁ ଭିଜିଲାନ୍ସ ଅଧିକାରୀଙ୍କପାଇଁ ବରମୁଣ୍ଡା ସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ତିନି ଦିନିଆ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠଓ୍ୱା ଏହି କର୍ମଶାଳାକୁ ଉଦଘାଟନ କରି କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏକ ସୁଦୃଢ଼ ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପକରିଥିଲେ । ଏହି ଉଦଘାଟନୀ ଉତ୍ସବରେ ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ତଥା ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ର ସିଇଓ ଗଜାନନ କାଲେ, ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ର ସିଇଓ ଅରବିନ୍ଦ ସିଂ, ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍)



ର ସିଇଓ ଅମିତ ଗର୍ଗ ଏବଂ ଟିପି ଓ୍ୱେଷ୍ଟର୍ଣ୍ଣଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ର ସିଇଓ ପ୍ରବୀଣ କୁମାର ବର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।ଏଥିସହ ଟାଟା ପାଓ୍ୱାରର ବରିଷ୍ଠ ପରାମର୍ଶଦାତା (ସୁରକ୍ଷା ଓ ଭିଜିଲାନ୍ସ) ସର୍ବଣାସାମୀ ଜଗନ୍ନାଥନ ଏବଂ ଓଡ଼ିଶା ଡିସକମ୍‌ର ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ନୈତିକତା ଏବଂ ସ୍ୱଚ୍ଛ ସେବା ପ୍ରଦାନକୁ ନିଶ୍ଚିତ କରିବା ପାଇଁ ଏହି କର୍ମଶାଳାରେ ବିଭିନ୍ନ ବିଭାଗ ମଧ୍ୟରେ ବ୍ୟବସାୟିକ ପ୍ରକ୍ରିୟା ସମ୍ପର୍କିତ ସଚେତନତା ବୃଦ୍ଧି ଏବଂ ଭିଜିଲାନ୍ସ ହସ୍ତକ୍ଷେପ ଆବଶ୍ୟକ କରୁଥିବା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକର ଚିହ୍ନଟ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ରାଜ୍ୟ ଭିଜିଲାନ୍ସ ଏକାଡେମୀର ଅଧିକାରୀମାନେ ଏହି ଶିକ୍ଷାଦାନ ଶିବିର ପରିଚାଳନା କରିଥିଲେ, ଯେଉଁଥିରେ ବିଶେଷ କରି ଦୁର୍ନୀତିନିବାରଣ ଆଇନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।କାର୍ଯ୍ୟକ୍ରମଟି ଡକଫର ସୁଧାଂଶୁ ଷଡ଼ଙ୍ଗୀ, ଆଇପିଏସ୍, ମହାନିର୍ଦ୍ଦେଶକ, ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା, କମାଣ୍ଡା ଜେନେରାଲ,ହୋମଗାର୍ଡ ଏବଂ ନିର୍ଦ୍ଦେଶକ, ସିଭିଲ ଡିଫେନ୍ସ ଙ୍କ ବିଦାୟୀ ଭାଷଣ ସହିତ ଶେଷ ହୋଇଥିଲା । ଦୁର୍ନୀତି ନିବାରଣ କ୍ଷେତ୍ରରେ ନିରପେକ୍ଷତାଏବଂ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । ଏଥିସହ କର୍ମଚାରୀ, ପରିଚାଳନାର୍କୃପକ୍ଷ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ସେ ଭିଜିଲାନ୍ସ ଅଧିକାରୀମାନଙ୍କୁ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତକରିବାକୁ ପରାମର୍ଶ ଦେଇଥିଲେ ।

## ଦ୍ୱାଦଶ ଭୁବନେଶ୍ୱର ରେଡିଓ ମେଳା ୧୨ ରୁ

# ୩ ହଜାର ପୁରୁଣା ରେଡିଓ, ଗ୍ରାମଫୋନ, ପ୍ରସାରଣ ସାମଗ୍ରୀ ଓ ହାମ ରେଡିଓର ପ୍ରଦର୍ଶନୀ

ଭୁବନେଶ୍ୱର (ସବ୍ୟୁ) : ୧୨ ରୁ ଓ ୧୫ ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱର ସ୍ଥିତ ଏକାମ୍ର ହାଟରେ ଅନୁଷ୍ଠିତ ହେବାକୁ ଯାଉଛି ଦେଶର ଏକମାତ୍ର ରେଡିଓ ମେଳା । ଏନେଇ ସୂଚନା ଦେଇଛନ୍ତି ଆୟୋଜକ ସଂସ୍ଥା ଆଉଟ୍‌ରିଚର ମୁଖ୍ୟ ସୁବ୍ରତ କୁମାର ପତି । ଦ୍ୱାଦଶ ଥର ପାଇଁ ଏହି ରେଡିଓ ମେଳା ବିଶ୍ୱ ରେଡିଓ ଦିବସ ଅବସରରେ ଆୟୋଜିତ ହେଉଛି । ଶହଶହ ସଂଖ୍ୟାରେ ନୂଆ ଓ ପୁରୁଣା ରେଡିଓ, ଗ୍ରାମଫୋନ, ପ୍ରସାରଣ ସାମଗ୍ରୀ, ବିଭିନ୍ନ ପ୍ରକାର ୱାକି ଟକି ସହ ହାମ୍ ରେଡିଓର ପ୍ରଦର୍ଶନୀ ମେଳାର ଆକର୍ଷଣ ସାଜିବ । ଅନେକ ରେଡିଓ ଚ୍ୟାନେଲ ମେଳାରେ ନିଜର ଷ୍ଟଲ ଖୋଲିବେ । ବିଗତ ବର୍ଷମାନଙ୍କ ପରି ଏଥର ମଧ୍ୟ ଆଉଟ୍‌ରିଚ୍ ଅନ୍ତର୍ଜାତୀୟ ରେଡିଓ ମେଳାରେ ସାମିଲ ହେବେ ବିଭିନ୍ନ ରାଜ୍ୟର ଲାଇସେନ୍ସ ପ୍ରାପ୍ତ



ହାମ୍ ରେଡ଼ିଓ ଅପରେଟର । ଏହି ଅପରେଟର ମାନେ ହାମ୍ ରେଡିଓ ସମେତ ଏମରଜେନ୍ସି ରେଡିଓର ପ୍ରଦର୍ଶନୀ ଆୟୋଜନ କରିବେ । ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସମିତି (ଓସଡମା) ପକ୍ଷରୁ ଓଡ୍ରାଫ ଓ ହାମ ରେଡ଼ିଓ ଅପରେଟର ମାନଙ୍କ ସହାୟତାରେ ଏପରି ଏକ ଷ୍ଟଲ ଖୋଲାଯିବ । ରେଡିଓ ମେଳାର ସବୁଠାରୁ ବଡ ଆକର୍ଷଣ ହେଉଛି ଶହଶହ ସଂଖ୍ୟାରେ ପ୍ରଦର୍ଶିତ ହେଉଥିବା ପୁରୁଣା ରେଡିଓ । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ରେଡ଼ିଓ ସଂଗ୍ରାହକ ମାନେ ୩ ହଜାରରୁ ଅଧିକ ରେଡିଓ ଏଠାରେ ପ୍ରଦର୍ଶିତ କରିବେ । ପ୍ରତିବର୍ଷ ପରି ଏଥର ରେଡିଓ ମେଳାରେ ବିଭିନ୍ନ ପ୍ରକାର ରେଡିଓ ସେଟ୍ ବିକ୍ରି ହେବ । ବଜାରରେ ସାଧାରଣତଃ ରେଡିଓ ମିଳୁନଥିବା ବେଳେ ରେଡିଓ ମେଳାରେ ପର୍ଯ୍ୟାପ୍ତ ପରିମାଣରେ ରେଡିଓ ସେଟ୍ ବିକ୍ରି ଉଦେଶ୍ୟରେ ରଖାଯିବ । ଦିଲ୍ଲୀରୁ ଆସିଥିବା ଏୟାରୱେଭସ୍ କମ୍ପାନୀ ତରଫରୁ ରେଡିଓ ଟ୍ରାନ୍ସମିଟର ଓ ପ୍ରସାରଣ ସାମଗ୍ରୀ ପ୍ରଦର୍ଶିତ ହେବ । ଏହି ଷ୍ଟଲରେ ରେଡିଓ ପ୍ରସାରଣ କିପରି ହୁଏ ତାହା ଦର୍ଶକ ଦେଖିପାରିବେ । ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ଆଉଟ୍‌ରିଚ ପକ୍ଷରୁ ମିଳିତ ଭାବେ ଏକ ଦୁଇ ଦିନିଆ କର୍ମଶାଳାର ଆୟୋଜନ ହୋଇଛି ।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ

# ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲାରେ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ

ବୁର୍ଲା, (ସବ୍ୟୁ) : ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ଫେବୃଆରୀ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଅଛି । ଏଣୁ ଏହି ତିନି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ । ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ନିମ୍ନଲିଖିତ ତାରିଖ ଅନୁଯାଇ ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲା ସ୍ଥିତ ଟିପିଡବ୍ଲୁଡିଏଲର ବିଭିନ୍ନ ସେକ୍ସନ ଏବଂ ସବ୍-ଡିଭିଜନ୍ ଅଫିସ୍ ମାନଙ୍କରେ ଅନୁଷ୍ଠିତ ହେବ । ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ପାଞ୍ଚଗାଁ ଏବଂ ଲଖନପୁର ସ୍ଥିତ ସେକ୍ସନ ଅଫିସଠାରେ ୧୧ ତାରିଖ ଦିନ ଏହି ଅଭିଯୋଗ ପ୍ରତିବିଧାନ ପୀଠର ହେବାକୁ ଯାଉଅଛି । ସେହିପରି ଫେବୃଆରୀ ୨୧ ତାରିଖ ଦିନ ଝାରସୁଗୁଡ଼ା ଟାଉନ ସ୍ଥିତ ଉଭୟ ସବ-ଡିଭିଜନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ହେବାକୁ ଯାଉଅଛି । ଅନ୍ୟପଟେ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ସାହାସପୁର ସ୍ଥିତ ସେକ୍ସନ ଅଫିସଠାରେ ଏବଂ ଭୁତାପଡ଼ା ସ୍ଥିତ ସବ-ଡିଭିଜନ ଅଫିସଠାରେ ଆସନ୍ତା ୧୩ ତାରିଖ ଦିନ ଏହି ଅଭିଯୋଗ ପ୍ରତିବିଧାନ ପୀଠର ହେବାକୁ ଯାଉଅଛି । ସେହିପରି ଆସନ୍ତା ଫେବୃଆରୀ ୨୦ ତାରିଖ ଦିନ ବାମରା ଏବଂ ଗରପୋଷ ସ୍ଥିତ ସେକ୍ସନ ଅଫିସଠାରେ, ଫେବୃଆରୀ ୨୪ ତାରିଖ ଦିନ ପରମାଣ୍ଟପୁର ସ୍ଥିତ ସେକ୍ସନ ଅଫିସ୍ ଏବଂ ରେଙ୍ଗାଲି ସ୍ଥିତ ସବ-ଜିଭିଜନ୍ ଅଫିସଠାରେ, ଫେବୃଆରୀ ୨୫ ତାରିଖ ଦିନ ରେଢ଼ାଖୋଲ ସ୍ଥିତ ସବ-ଡିଭିଜନ୍ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠ ଅନୁଷ୍ଠିତ ହେବ । ସେହିପରି ଦେଓଗଡ଼ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ରିଆମାଲ୍ ଓ ଦେଓଗଡ ଟାଉନ୍ ସ୍ଥିତ ସେକ୍ସନ ଅଫିସଠାରେ ଫେବୃଆରୀ ୧୭ ତାରିଖ ଦିନ ଏବଂ ତିଲେଇବଣୀ ସ୍ଥିତ ସେକ୍ସନ ଅଫିସଠାରେ ଫେବୃଆରୀ ୧୮ ତାରିଖ ଦିନ ଏହି ଅଭିଯୋଗ ପ୍ରତିବିଧାନ ପୀଠର ହେବାକୁ ଯାଉଅଛି । ତେଣୁ ଏହି ତିନି ଜିଲ୍ଲାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଧାର୍ଯ୍ୟ ତାରିଖରେ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ।

# ସ୍କୋଡା କାଇଲାକ୍ ୫୦ ହଜାର ଗାଡ଼ି ବିକ୍ରିର ମାଇଲଖୁଣ୍ଟ ଅତିକ୍ରମ କରିଛି

ଭୁବନେଶ୍ୱର, (ସବ୍ୟୁ) , : ୨୦୨୫ ମସିହାରେ ଏହାର ସର୍ବାଧିକ ସଫଳ ବିକ୍ରି ଏବଂ ନୂତନ କୁଶକର ବଜାର ପ୍ରବେଶ ପରେ ସ୍କୋଡା ଅଟୋ ଇଣ୍ଡିଆ ଏହାର ଉତ୍ପାଦଗୁଡ଼ିକର ସମ୍ପ୍ରସାରଣ ସହ ନିଜର ଅଭିବୃଦ୍ଧିର ଗତିକୁ ବଜାୟ ରଖିଛି । ୟୁରୋପୀୟ ଟେକ୍ନୋଲୋଜିକୁ ଭାରତୀୟ ସଡ଼କରେ ଲୋକପ୍ରିୟ କରିବା ପାଇଁ ବ୍ରାଣ୍ଡ ତାହାର ରଣନୀତିକୁ ଆହୁରି ଆଗକୁ ନେଇଛି । ଏହି କ୍ରମରେ କମ୍ପାନୀ ନିଜର ସବୁଠାରୁ ଅଧିକ ବିକ୍ରି ହେଉଥିବା କାର୍ କାଇଲାକର ନୂଆ ଭାରିଆଣ୍ଟଗୁଡ଼ିକୁ ବଜାରକୁ ଆଣି ଗ୍ରାହକମାନଙ୍କୁ ଅଧିକ ପ୍ରକାର, ଅଧିକ ବିକଳ୍ପ ଏବଂ ଉତ୍ତମ ମୂଲ୍ୟ ପ୍ରଦାନ କରିଛି । ଭାରତରେ ସ୍କୋଡା ଅଟୋର ସଫଳତା କାହାଣୀରେ କାଇଲାକ୍ ଏବେ ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଛି । ବଜାରକୁ ଆସିବା ପରଠାରୁ ୫୦,୦୦୦ରୁ ଅଧିକ ୟୁନିଟ୍ ବିକ୍ରି ହୋଇଥିବା କାଇଲାକ୍



ଭାରତରେ ସ୍କୋଡା ଅଟୋ ଭାରତକୁ ଆସିବାର ୨୫ ବର୍ଷରେ କମ୍ପାନୀର ସର୍ବକାଳୀନ ଶ୍ରେଷ୍ଠ ବିକ୍ରି ପ୍ରଦର୍ଶନରେ ମୁଖ୍ୟ ଅବଦାନ ଦେଇଛି । ସୁରକ୍ଷା, ଡ୍ରାଇଭିଂ ଡାଇନାମିକ୍ସ, ଟେକ୍ନୋଲୋଜି ଏବଂ ମୂଲ୍ୟର ସମନ୍ୱୟ କାଇଲାକ୍କୁ ଗ୍ରାହକମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦୃତ କରିପାରିଛି, ଯାହା ଏହାକୁ ସବ୍-୪ଏମ୍ ଏସୟୁଭି ସେଗମେଣ୍ଟରେ ଏକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ରତିଷ୍ଠିତ କରିଛି । କାଇଲାକର ପ୍ରଥମ ବାର୍ଷିକୀ ଅବସରରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଆଶିଷ ଗୁପ୍ତା କହିଛନ୍ତି, "କାଇଲାକ୍ ହେଉଛି ଭାରତ ପ୍ରତି ଆମର ଦୀର୍ଘକାଳୀନ ପ୍ରତିବଦ୍ଧତାର ଏକ ଦୃଢ଼ ପ୍ରମାଣ ଏବଂ ଏହା ମାଧ୍ୟମରେ ଆମେ ବଜାରର ସବୁଠାରୁ ପ୍ରତିଯୋଗିତାମୂଳକ ସେଗମେଣ୍ଟରେ ପ୍ରବେଶ କରିଛୁ । ୫୦,୦୦୦ ବିକ୍ରିର ଏହି ମାଇଲଖୁଣ୍ଟ ଅତିକ୍ରମ କରିବା ଆମ ପାଇଁ ପ୍ରକୃତରେ ଏକ ଗୌରବର ବିଷୟ ଏବଂ ଏହା ସ୍କୋଡା ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ବିଶ୍ୱାସ ବଢ଼ିବାକୁ ପ୍ରତିଫଳିତ କରୁଛି ।

# ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ବନ୍ଧୁମିଳନ



କଟକ, (ସ୍ୱପ୍ର): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ବନ୍ଧୁମିଳନ ଓ ସାଧାରଣ ସଭା ସ୍ଥାନୀୟ ଲକ୍ଷ୍ମୀନାରାୟଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅମରେନ୍ଦ୍ର ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା କଟକ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ପାତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏଥି ସହ ସଭାରେ ଅନୁଷ୍ଠାନର ଆଗାମୀ କାର୍ଯ୍ୟପନ୍ଥା ନେଇ ସଦସ୍ୟ ମାନେ ନିଜ ନିଜର ମତାମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ପଟ୍ଟନାୟକ, ପ୍ରକାଶ କୁମାର ବେହେରା, ଦିଲ୍ଲୀପ ବେହେରା, ଚିତ୍ତରଞ୍ଜନ ନାୟକ, ରଞ୍ଜନ କୁମାର ସାହୁ, ବିକାଶ ସାମଲ, ସୁରେନ୍ଦ୍ର କୁମାର ପଲେଇ, ପିତ୍ର ପାତ୍ର, ପ୍ରଭାତ କୁମାର ପୃଷ୍ଟି, ପ୍ରଶାନ୍ତ କୁମାର ଦାଶ, ଅଜୟ କୁମାର ପଣ୍ଡା ଓ ଟୁଲୁ ମହାପାତ୍ରଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ ଅର୍ପଣ କରିଥିଲେ ।

## ସାଗରଶ୍ରୀ ହୋଟେଲ୍‌ରେ ଖେଳ କଲେ ଯୁବତୀ

# ମୃତ୍ୟୁ ପାନୀୟରେ ନିଶା ଦେଇ ଲୁଟିନେଲେ ଟଙ୍କା ଓ ସୁନା, ୩ଗିରଫ

କଟକ, (ସବ୍ୟୁ): ମିଠା କଣ୍ଠ ସ୍ୱର, ମିଛ ପ୍ରଲୋଭନ ଓ ବନ୍ଧୁତା କରିବାର ଲୋଭ ଦେଖାଇ ହୋଟେଲ୍ ରୁମ୍ ଭିତରେ ଅଭିଯୁକ୍ତା ମହିଳା ଜଣକ ଜଣେ ଯୁବକଙ୍କର ସର୍ବସ୍ୱ ଲୁଟି ନେଇଛି । ମାଷ୍ଟରମାଇଣ୍ଡ ମହିଳା ଜଣକ ପୂର୍ବରୁ ଯୋଜନା କରି ଏଭଳି ଅପରାଧ ଘଟାଇଥିବା ବେଳେ ପୁରୀଘାଟ ଥାନା ପୁଲିସ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଅଭୁଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ଇତିଶ୍ରୀ ସାହୁ(୩୦), ମହେଶ କୁମାର ଦାସ(୩୯) ଏବଂ ନରେନ୍ଦ୍ର ମହାରଣା(୪୮) । ସେମାନଙ୍କ ଠାରୁ ଗୋଟିଏ ବୁଲେଟ୍, ଗୋଟିଏ ଓଲା ଇ-ବାଇକ୍, ୨ଟି ହାତ ଘଣ୍ଟା, ଗୋଟିଏ ଆଇଫୋନ୍ ଏବଂ ଗୋଟିଏ ସାମସଙ୍ଗ ମୋବାଇଲ୍, ୫ଟି ସୁନା ଚେନ୍, ଗୋଟିଏ ସୁନା ମୁଦି, ନଗଦ ୫୩ହଜାର ୫୦୦ଟଙ୍କା, ଏଟିଏମ୍ ଓ ଆଧାର କାର୍ଡ ଜବତ କରାଯାଇଛି । ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ୩ଜଣଙ୍କୁ ଚୌଦ୍ୱାର୍ ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂଚନା ଅନୁସାରେ, କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ଗାଁର ପ୍ରିୟାଭୂଷଣ ନନ୍ଦ ପୁରୀଘାଟ ଥାନାରେ ଗତ ୧୧ତାରିଖରେ ଏହି ଲୁଟ୍ ସମ୍ପର୍କରେ ଏତଲା ଦେଇଥିଲେ । ସେ ଏତଲାରେ ଦର୍ଶାଇଥିଲେ, ତାଙ୍କ ଭାଇ ବିନ୍ଦୁ ଭୂଷଣ ନନ୍ଦଙ୍କୁ ଗତ ଜାନୁଆରୀ ୧୦ ତାରିଖରେ ଜଣେ ମହିଳା ଫୋନ୍ କରି ପ୍ରଲୋଭିତ କରିବା ସହିତ ହରିପୁର-ଦୋଳମୁଣ୍ଡାଇସ୍ଥିତ ସାଗଶ୍ରୀ ହୋଟେଲ୍‌କୁ ଡାକିଥିଲେ । ଉକ୍ତ ମହିଳା ତଥା ମାଷ୍ଟରମାଇଣ୍ଡ ଇତିଶ୍ରୀ ଫୋନ୍‌ରେ ମିଛ ପ୍ରତିଶ୍ରୁତି ଦେବା ସହିତ ଖୁବଶୀଘ୍ର ଦେଖା କରିବାକୁ ଜିଦି ଧରିଥିଲେ । ବିନ୍ଦୁଭୂଷଣ ମିଠା କଥାରେ ଫସିଯାଇ ଇତିଶ୍ରୀଙ୍କ କଥାକୁ ବିଶ୍ୱାସକୁ ନେଇ ସାଗଶ୍ରୀ ହୋଟେଲ୍‌ରେ ପହଞ୍ଚିଥିଲେ । ସେ ପହଞ୍ଚିବା ପରେ ଇତିଶ୍ରୀ ତାଙ୍କୁ ହୋଟେଲ୍ ରୁମ୍‌କୁ ପାଛୋଟି ନେଇଥିଲେ । ସେଠାରେ କିଛି ସମୟର ବାର୍ତ୍ତାଳାପ ପରେ ଇତିଶ୍ରୀ ଏକ ଗ୍ଲାସ୍‌ରେ ମୃତ୍ୟୁ ପାନୀୟ ଆଣି ବିନ୍ଦୁଙ୍କୁ ପିଆଇ ଦେଇଥିଲେ । ସେହି ମୃତ୍ୟୁ ପାନୀୟରେ ନିଶାଦ୍ରବ୍ୟ(ନିଶ୍ଚେତକ) ମିଶିଥିଲା । ମାତ୍ର ୫ମିନିଟ୍ ଭିତରେ ବିନ୍ଦୁଭୂଷଣ ହୋଟେଲ୍ ରୁମ୍‌ର ବେଡ୍‌ରେ ବେହୋସ୍ ହୋଇ ପଡ଼ିଯାଇଥିଲେ । ପୂର୍ବ ଯୋଜନା ମୁତାବକ ଇତିଶ୍ରୀ ତାଙ୍କ ବେକରୁ ସୁନା ଚେନ୍, ହାତରୁ ମୁଦି ଖୋଲି ନେବା ସହିତ ବିନ୍ଦୁ ଭୂଷଣ ପର୍ସରେ ରହିଥିବା ନଗଦ ୧ଲକ୍ଷ ଟଙ୍କା ଲୁଟି ନେଇଥିଲେ । ବିନ୍ଦୁ ଭୂଷଣ ଫୋନ୍ ପେଜରୁ ୮୦ହଜାର ଟଙ୍କା ଟ୍ରାନ୍ସଫର୍ କରି ଫେରାର୍ ହୋଇଯାଇଥିଲେ । ହୋଟେଲ୍ ପାଖରେ ପୂର୍ବରୁ ଲୁଚି ରହିଥିବା ଅଭିଯୁକ୍ତ ନରେନ୍ଦ୍ର ଓ ମହେଶ୍ ଏସବୁ କାର୍ଯ୍ୟରେ ଅଭିଯୁକ୍ତ ଇତିଶ୍ରୀଙ୍କୁ ସାହାଯ୍ୟ କରିଥିଲେ । ଏତଲା ହେବା ପରେ ପୁରୀଘାଟ ଥାନା ପୁଲିସ ତଦନ୍ତ ଚଳାଇଥିଲା । ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଇଥିଲା ଏବଂ ସାଗରଶ୍ରୀ ହୋଟେଲ ସହିତ ନିକଟସ୍ଥ ଦୋକାନ ଓ ନିକଟବର୍ତ୍ତୀ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ସଂଗ୍ରହ କରାଯାଇ ବିଶ୍ଳେଷଣ କରାଯାଇଥିଲା । ଏହି ଫୁଟେଜ୍ ଆଧାରରେ ଅଭିଯୁକ୍ତାଙ୍କ ଗତିବିଧି ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଥିଲା ଏବଂ ଅପରାଧରେ ତାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା । ଏହାପରେ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି କଟକ ସଦର ଓ ସହରରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ ମାଷ୍ଟରମାଇଣ୍ଡ ଇତିଶ୍ରୀ ଓ ଅନ୍ୟ ୨ ଅଭିଯୁକ୍ତ ମହେଶ ଓ ନରେନ୍ଦ୍ରଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା । ଏହି ଘଟଣା ସମ୍ପର୍କରେ ପୁରୀଘାଟ ଥାନା ପୁଲିସ କହିଛି ଯେ, ବିନ୍ଦୁ ଭୂଷଣ ବହୁ ପୂର୍ବରୁ ଅଭିଯୁକ୍ତା ଇତିଶ୍ରୀଙ୍କୁ ଜାଣନ୍ତି । ଦୁହେଁ ପୂର୍ବରୁ ବେଶ୍ ଭଲ ଭାବେ ଜଣାଶୁଣା ଥିଲେ । ପ୍ରେମ ଜାଲ୍‌ରେ ଫସାଇ ହୋଟେଲ୍ ରୁମ୍ ଭିତରେ ସମୟ ବିତାଇବା ପାଇଁ ଇତିଶ୍ରୀ ଯୋଜନା କରିଥିଲା । ଏହି ଯୋଜନା ମୁତାବକ ସେ ବିନ୍ଦୁଭୂଷଣଙ୍କୁ ଏକାନ୍ତରେ ହୋଟେଲ୍ ରୁମ୍ ଭିତରେ ଭେଟି ଏହି ଲୁଟ୍ କରିଥିଲା ।

# ବଳିଷ୍ଠ ଓ ନିରୋଗ ଶରୀର ଯୁବବର୍ଗଙ୍କ ପ୍ରଥମ ପସନ୍ଦ ହେଉ : ଡଃ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ମଣ୍ଡପ ଠାରେ ବଡି ବିଲଡିଂ ପ୍ରତିଯୋଗୀତା ଟ୍ରାନ୍ସଫର୍ମିୟମ୍ କ୍ଲାସିକ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସର୍ବଦା କ୍ରୀଡା ଓ ଯୁବ ପ୍ରତିଭାଙ୍କୁ ପ୍ରେରଣା ଦେଇ ଆସୁଥିବା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଯୋଗଦାନ କରି ଉପସ୍ଥିତ ଖେଳାଳୀ ବା ଯୁବ ପ୍ରତିଭା ମାନଙ୍କୁ ଉତ୍ସାହିତ କରିବା ସହ ଓଡିଶାର ଯୁବପିଢି କ୍ରୀଡା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଏହା ଏକ ସୁନ୍ଦର ମଞ୍ଚ ବୋଲି କହିଛନ୍ତି । ଦୁଇ ଦିନ ଧରି ଆୟୋଜିତ ଏହି ମେଗା ଇଭେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପ୍ରତିଭାବାନ ଖେଳାଳୀ ଅଂଶ ଗ୍ରହଣ କରି ନିଜର ଶାରୀରିକ ସୌଷ୍ଠବ ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗୀତାରେ ବିଜେତାମାନଙ୍କୁ ୭ଲକ୍ଷ ୨୫




ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ବହୁ ବଡି ବିଲଡିଂ ତାରକା ମାନେ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଯୁବବର୍ଗ ମାନେ ବଳିଷ୍ଠ, ଉତ୍ତମ ଓ ନିରୋଗ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଲେ ସମାଜ ପାଇଁ ଏକ ହିତକର ବାର୍ତ୍ତା ହେବ ।

## ଅଧିକ ଶକ୍ତିଶାଳୀ ହେବ ଭାରତର ପ୍ରତିରକ୍ଷା କ୍ଷମତା

# ଆଇଜି ଡିଫେନ୍ସକୁ ସ୍ୱଦେଶୀ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ ପାଇଁ ମିଳିଲା ପେଟେଣ୍ଟ

ଭୁବନେଶ୍ୱର : ବର୍ତ୍ତମାନ ସମୟରେ ଯୁଦ୍ଧର ପରିସ୍ଥିତି ଦ୍ରୁତ ଗତିରେ ବଦଳୁଛି ଏବଂ କମ ସମୟ ମଧ୍ୟରେ ସଠିକ ନିଷ୍ପତି ନେବାର ଆବଶ୍ୟକତା ରହୁଛି । ଆଧୁନିକ ଯୁଦ୍ଧକ୍ଷେତ୍ରର ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଦ୍ୱାରା ବିକଶିତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଅନମ୍ୟାନ୍ଡ ଏରିଅଲ୍ ସିଷ୍ଟମଦ ପାଇଁ କମ୍ପାନୀକୁ ପେଟେଣ୍ଟ ପ୍ରଦାନ କରାଯାଇଛି । ଏହି ଅତ୍ୟାଧୁନିକ ସିଷ୍ଟମ ଏକାସାଙ୍ଗରେ ଶତ୍ରୁ ଉପରେ ନଜର ରଖିବା ଏବଂ ସଠିକ୍ ଲକ୍ଷ୍ୟଭେଦ କରିବାରେ ସକ୍ଷମ, ଯାହା ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରିବ । ଆଇଜି ଡିଫେନ୍ସର ଏହି ନୂତନ ପେଟେଣ୍ଟ ପ୍ରାପ୍ତ 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ୍‌ଦ ସେନାବାହିନୀକୁ ଅତ୍ୟନ୍ତ ସଠିକତାର ସହ ଶତ୍ରୁକୁ ଚିହ୍ନଟ କରିବା, ଗତିବିଧି ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସକ୍ଷମ କରାଏ, ଯାହାଦ୍ୱାରା ଭୂମିରେ ଥିବା ସୈନିକମାନଙ୍କ ପ୍ରତି ବିପଦ



ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥାଏ । ଯୁଦ୍ଧକ୍ଷେତ୍ରର କଠିନ ପରିସ୍ଥିତିରେ, ଗୁପ୍ତ ତଥ୍ୟ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଏହି କ୍ଷମତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ । ଏହାର ବିଶେଷତ୍ୱ ହେଉଛି ଏହି ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ିପାରିବ ଏବଂ ଅଧିକ ଦୂରତା ଅତିକ୍ରମ କରିପାରିବ । ଏହା ୫ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଯୁଦ୍ଧାସ୍ତ୍ର କିମ୍ବା ଅନ୍ୟାନ୍ୟ ଉପକରଣ ବହନ କରିବାର କ୍ଷମତା ରଖେ । ଓଜନରେ ହାଲୁକା ହୋଇଥିବାରୁ ଏହାକୁ ଯେକୌଣସି ଦୁର୍ଗମ ସ୍ଥାନରେ ମଧ୍ୟ ସହଜରେ ଏବଂ ଶୀଘ୍ର ବ୍ୟବହାର କରାଯାଇପାରିବ । ଏହି ସଫଳତା ବିଷୟରେ ଆଇଜି ଡିଫେନ୍ସର ପ୍ରତିଷ୍ଠାତା ତଥା ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, "ଆଧୁନିକ ଯୁଦ୍ଧର ବାସ୍ତବତାକୁ ଦୃଷ୍ଟିରେ ରଖି ଏହି 'ଫିକ୍ସଡ-ୱିଙ୍ଗ ଟାକ୍ଟିକାଲ ଡ୍ରୋନ୍‌ଦକୁ ବିକଶିତ କରାଯାଇଛି । ଆମର ଲକ୍ଷ୍ୟ ହେଉଛି ସଶସ୍ତ୍ର ବାହିନୀକୁ ଏଭଳି ନିର୍ଭରଯୋଗ୍ୟ ଉପକରଣ ଯୋଗାଇଦେବା, ଯାହା ପରିସ୍ଥିତି ସମ୍ପର୍କରେ ସଚେତନତା ବୃଦ୍ଧି କରିବ, ସୈନିକମାନଙ୍କ ପ୍ରତି ବିପଦ ହ୍ରାସ କରିବ ଏବଂ କଠିନ ପରିସ୍ଥିତିରେ ମଧ୍ୟ ନିରନ୍ତର କାର୍ଯ୍ୟକ୍ଷମ ରହିବ । 'ଆତ୍ମନିର୍ଭର ଭାରତଦ ଗଠନ ଦିଗରେ ଏହା ଆମର ଏକ ଅବଦାନ । ଆଇଜି ଡିଫେନ୍ସର ପରାମର୍ଶଦାତା, ଏୟାର କମୋଡୋର ଆର.ଏନ. ଗାଏକ୍ୱାଡ଼ କହିଛନ୍ତି, "ଆଜିର ଯୁଦ୍ଧକ୍ଷେତ୍ରରେ ତୁରନ୍ତ ନିଷ୍ପତି ନେବା ଅତ୍ୟନ୍ତ ଜରୁରୀ । ଏହି ପେଟେଣ୍ଟ ପ୍ରାପ୍ତ ସିଷ୍ଟମ ସୈନ୍ୟମାନଙ୍କୁ ବିପଦରେ ନ ପକାଇ ଶତ୍ରୁ ଉପରେ ନଜର ରଖିବା ଏବଂ ଆକ୍ରମଣ କରିବାରେ ସାହାଯ୍ୟ କରିବ ।

# ମଧ୍ୟସ୍ଥିଙ୍କୁ ଛୁରା ମାଡ଼

ବାଲିପାଟଣା ,(ସବ୍ୟୁ) : ମଙ୍ଗଳବାର ଅପରାହ୍ନରେ ଅଠାନ୍ତର ଛକରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଆହତ ହେବା ସହିତ ଆକ୍ରମଣକାରୀଙ୍କ ଠାରୁ ଉଦ୍ଧାର କରିବାକୁ ଯାଇଥିବା ଅନ୍ୟ ଜଣେ ଯୁବକ ଛୁରା ମାଡ଼ର ଶିକାର ହୋଇଛନ୍ତି ।ମୁଣ୍ଡରେ ଛୁରା ଆଘାତ ପାଇଥିବା ପବିତ୍ର ମଲ୍ଲିକଙ୍କ ଏତଲା ଗ୍ରହଣ କରି ବାଲିପାଟଣା ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଛି ।ପବିତ୍ର ଅଠାନ୍ତର ଛକରେ ତାଙ୍କ ଗାଡ଼ି ମାଲିକଙ୍କ କାର୍ଯ୍ୟାଳୟରେ ବସିଥିବା ବେଳେ କିଛି ଯୁବକ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରୁଥିଲେ । ସେ ସେଠାକୁ ଯାଇ ଯୁବକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିବାବେଳେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଏକ ଧାରୁଆ ଛୁରୀରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଖବର ପାଇ ପୋଲିସ ପହଞ୍ଚିବାରୁ ଦୁର୍ବୃତ୍ତ ମାନେ ଖସି ଯିବାକୁ ଚେଷ୍ଟା କରିବାବେଳେ ଲୋକେ ଦୁଇ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ ।ସିଶୋଲ ନିକଟସ୍ଥ ୩/୪ ଟି ଗ୍ରାମର ପ୍ରାୟ ୧୦/୧୫ ଜଣ ଯୁବକ ଏହି ଆକ୍ରମଣରେ ସାମିଲ ଥିଲେ ।।

# ଜେନେରାଲି ସେଣ୍ଟ୍ରାଲ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ପରବର୍ତ୍ତୀ ପର୍ଯ୍ୟାୟ ହିୟର ନାଓର ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ (ଜିସିଏଲଆଇ) ଏହାର ଜାତୀୟ ବ୍ରାଣ୍ଡ ଅଭିଯାନର ପରବର୍ତ୍ତୀ ପର୍ଯ୍ୟାୟ, ହିୟର ନାଓ ଆରମ୍ଭ କରିଛି । ଯାହା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜୀବନ ପର୍ଯ୍ୟାୟରେ ଜୀବନ ବୀମା ସମାଧାନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି - ପିଲାମାନଙ୍କର ଭବିଷ୍ୟତ ଆକାଂକ୍ଷା ଏବଂ ଅବସର ସୁରକ୍ଷା । ୨୦୨୫ ରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ଏକ ଯୌଥ-ଉଦ୍ୟୋଗ ଅଂଶୀଦାର ଭାବରେ କମ୍ପାନୀର ପ୍ରବେଶ ପରେ କମ୍ପାନୀର ନୂତନ ପରିଚୟ ଉପରେ ଆଧାରିତ, ଏହି ଅଭିଯାନ ବ୍ୟକ୍ତି ଏବଂ ପରିବାରକୁ ଏକ ଦୃଢ଼, ଅଧିକ ସୁରକ୍ଷିତ ଭବିଷ୍ୟତ ପାଇଁ ଆଜି ସୂଚିତ ଆର୍ଥିକ ନିଷ୍ପତ୍ତି ନେବା ପାଇଁ ସଶକ୍ତ କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାକୁ ଦୃଢ଼ କରେ । ଏକ ପ୍ରକୃତ ଜୀବନବ୍ୟାପୀ ସାଥୀ ଭାବରେ, ଜୀବନ ବୀମା କମ୍ପାନୀ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଗ୍ରାହକମାନଙ୍କ ସହିତ ଠିଆ



ହୋଇଛି, ସେମାନେ ସେମାନଙ୍କ ପିଲାମାନଙ୍କ ସ୍ୱପ୍ନ ପାଇଁ ଯୋଜନା କରିବା କିମ୍ବା ଚିନ୍ତାମୁକ୍ତ, ଅବସର ପାଇଁ ପ୍ରସ୍ତୁତ ହେଉ, ସେମାନଙ୍କର ଆର୍ଥିକ ଯାତ୍ରା ସମୟରେ ଯନି ଏବଂ ସ୍ଥିର ସମର୍ଥନର ପ୍ରତିଶ୍ରୁତିକୁ ଦୃଢ଼ କରିଥାଏ । ଏହି ଅଭିଯାନ ଗ୍ରାହକମାନଙ୍କୁ ଜୀବନ ବୀମାକୁ କେବଳ ସୁରକ୍ଷା ଭାବରେ ଦେଖିବା ଅପେକ୍ଷା ଅଧିକ କିଛି ଭାବରେ ଦେଖିବା ପାଇଁ ଆହ୍ୱାନ କରେ, ଏବଂ ଏହାକୁ ନିଜ ପାଇଁ ତଥା ସେମାନଙ୍କ ପିଲାମାନଙ୍କ ପାଇଁ ବାସ୍ତବ ସ୍ୱପ୍ନ ଏବଂ ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟ ହାସଲ କରିବାର ଏକ ମାଧ୍ୟମ ଭାବରେ ଦେଖେ । ଏହି କାହାଣୀ ଅଭିଯାନ ଚଳଚ୍ଚିତ୍ରର ମୁହୂର୍ତ୍ତଗୁଡ଼ିକୁ ପ୍ରଦର୍ଶିତ କରେ ଯାହା ସହିତ ଲୋକମାନେ ଜଡ଼ିତ ଏବଂ ପ୍ରେରଣା ଦେଇପାରିବେ - ଯେପରିକି ବଡ଼ ସ୍ୱପ୍ନ ଦେଖୁଥିବା ପିଲାମାନେ କିମ୍ବା ଅବସର ସମୟରେ ଦମ୍ପତିମାନେ ନୂତନ ଉତ୍ସାହ ଏବଂ ସାହସିକତା ଖୋଜୁଛନ୍ତି ।

# ୩.୨୫ ଲକ୍ଷ କୋଟିରେ କିଣା ହେବ ୧୧୪ ରାଫେଲ

**ନୂଆଦିଲ୍ଲୀ:** ଭାରତୀୟ ସଶସ୍ତ୍ର ବଳ ଆହୁରି ମଜବୁତ ହେବ । କାରଣ ଭାରତ ସରକାର ସବୁଠାରୁ ବଡ଼ ଆର୍ମ ଡିଲ ପାଇଁ ନେଇଛନ୍ତି ନିଷ୍ପତ୍ତି । ଭାରତୀୟ ବାୟୁ ସେନାର ବହୁମୁଖୀ ଯୁଦ୍ଧ ବିମାନ କାର୍ଯ୍ୟକ୍ରମ ଜରିଆରେ କିଣାଯିବ ଆଉ ୧୧୪ ଫ୍ରାନ୍ସ ନିର୍ମିତ ରାଫେଲ। ୩.୨୫ ଲକ୍ଷ କୋଟି ଟଙ୍କାରେ ଭାରତ ସରକାର ୧୧୪ ରାଫେଲ ଯୁଦ୍ଧ ବିମାନ କିଣିବାକୁ ଯାଉଛନ୍ତି । ଚଳିତ ସପ୍ତାହରେ ଏହି ପ୍ରସ୍ତାବ ଉପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ମୋହର ମଧ ମାରିବ । ଖୁବଶୀଘ୍ର ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନ ଭାରତ ଗସ୍ତରେ ଆସିବେ । ଏହି ସମୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁମୋଦନ ଦେଇଥିବା ପ୍ରସ୍ତାବ ଅନୁଯାୟୀ ଭାରତ ସରକାର ରାଫେଲ ପାଇଁ ଚୁକ୍ତି ସ୍ୱାକ୍ଷରିତ କରିବେ ।ଏହି ପ୍ରସ୍ତାବ ଉପରେ ଗୋଟିଏ ଥର ମୋହର ବାଜିବା ପରେ ଏହା କେବଳ ଭାରତ ଇତିହାସରେ ସବୁଠାରୁ ବଡ଼ ଯୁଦ୍ଧାସ୍ତ୍ର ଡିଲର ମାନ୍ୟତା ପାଇବ ନାହିଁ ବରଂ ଭାରତରେ ପ୍ରାୟ ୧୦୦ ଯୁଦ୍ଧ ବିମାନ ନିର୍ମାଣ କରିବାକୁ ଅନୁମତି ମିଳିବ । ଉଚ୍ଚ ଶ୍ରେଣୀର ଲଢୁଆ ଜେଟର ହସ୍ତାନ୍ତର ଓ ମେକ ଇନ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ରଣନୀତିକ ବୁଝାମଣା ପାଇଁ ମଧ ସମ୍ଭାବ୍ୟ ଡିଲରେ ପ୍ରାବଧାନ ରହିଛି । ସେହି ଡିଲ ନିଶ୍ଚିତ ହୋଇଗଲେ ରାଫେଲର ସର୍ବାଧିକ ବ୍ୟବହାର କରୁଥିବା ବିଦେଶୀ ରାଷ୍ଟ୍ରର ମାନ୍ୟତା ମଧ ଭାରତ ହାସଲ କରିବ । ଦୁଇ ଇଞ୍ଜିନ ବିଶିଷ୍ଟ ରାଫେଲ ବହୁମୁଖୀ ଯୁଦ୍ଧ ବିମାନ ଭାବେ ପରିଚିତ । ନିଜର ଅତ୍ୟାଧୁନିକ ଯୁଦ୍ଧ କ୍ଷମତା ପାଇଁ ରାଫେଲ ବିଶ୍ୱର ଅନ୍ୟତମ ଘାତକ ଯୁଦ୍ଧ ବିମାନର ଆଖ୍ୟା ପାଇଛି । ଏହାପୂର୍ବରୁ ଭାରତ ସରକାର ଫ୍ରାନ୍ସ ଠାରୁ ୩୬ଟି ରାଫେଲ ଯୁଦ୍ଧ ବିମାନ ପାଇଁ ଡିଲ କରିଥିଲେ । ୬୩ ହଜାର କୋଟିରେ ଏହି ଡିଲ ହୋଇଥିଲା । ୨୦୨୪ ଡିସେମ୍ବର ସୁଦ୍ଧା ବାୟୁସେନା ପାଖରେ ସି ଭାରିଏଣ୍ଟ ରାଫେଲ ପହଞ୍ଚି ସାରିଛି ।ଏବେ ୨୬ଟି ନାଭାଲ ଭାରିଏଣ୍ଟଠ ବା ଏମ ଭର୍ସନ ରାଫେଲ ଆସିବ । ୨୦୩୦ ସୁଦ୍ଧା ଭାରତୀୟ ସେନା ପାଖରେ ସବୁ ରାଫେଲ ଯୁଦ୍ଧ ବିମାନ ପହଞ୍ଚି ଯିବ ବୋଲି ଜଣାପଡ଼ିଛି ।



# ପୁଣି ମଣିପୁର ଅଶାନ୍ତ: କର୍ଫ୍ୟୁ ଜାରି

## ପୋଡାଜଳା, ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ

**ଇମ୍ଫାଲ:** ମଙ୍ଗଳବାର ପ୍ରତ୍ୟୁଷରେ ମଣିପୁରର ଉଖରୁଲ ଜିଲ୍ଲାର ଲିଟାନ ଗାଁରେ ଗୁଳିକାଣ୍ଡର ଏକ ଘଟଣା ସାମ୍ନାକୁ ଆସିଛି । ଅନେକ ରାଉଣ୍ଡ ଗୁଳି ଚାଳନା ଶବ୍ଦରେ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଛି । ରିପୋର୍ଟ ଅନୁଯାୟୀ, ରାତି ଓ ଭୋର ସମୟରେ ଅନେକ ଘରେ ନିଆଁ ଲଗାଇ ଦିଆଯାଇଥିଲା । ସୂଚନା ଅନୁଯାୟୀ ୩୦ରୁ ଅଧିକ ଘରେ ନିଆଁ ଲଗାଇ ଦିଆଯାଇଛି । ଉତ୍ତେଜନା ବୃଦ୍ଧି ପାଇବାରୁ କୁକି ଓ ଟାଙ୍ଗଖୁଲ ସମ୍ପ୍ରଦାୟର ଲୋକମାନେ ନିଜ ନିଜ ଭିଟାମାଟି ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇ ଯାଇଛନ୍ତି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଲିଟାନ ଓ ଏହାର ଆଖପାଖରେ ବହୁ ସଂଖ୍ୟକ ସୁରକ୍ଷା ବାହିନୀ ମୁତୟନ କରାଯାଇଛି । କିନ୍ତୁ ପରିସ୍ଥିତି ଅସ୍ଥିର ରହିଛି, ଗୁଳି ବିନିମୟ ଜାରି ରହିଛି । ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଛି ।ଗାଁରେ ପରିସ୍ଥିତି ଖରାପ ହେବା ପରେ, ବ୍ୟାପକ ସୁରକ୍ଷା ବାହିନୀ ମୁତୟନ କରାଯାଇଛି । ସେନା ଏବଂ ପୁଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ଏହା ସତ୍ତ୍ୱେ ଗୁଳିକାଣ୍ଡ ଘଟଣା ଘଟୁଛି । ପ୍ରଶାସନ କହିଛି , ପରିସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ରହିଛି ।। ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରୟାସ ଚାଲିଛି ।ମୁଖ୍ୟମନ୍ତ୍ରୀ ଯୁମନାମ ଖେମଚାନ୍ଦ ସିଂହ ଶାନ୍ତି ପାଇଁ ଅପିଲ୍ କରିଛନ୍ତି । ଉଭୟ ସମ୍ପ୍ରଦାୟକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି । ବଢୁଥିବା ହିଂସାର ପ୍ରତିକ୍ରିୟାରେ, ପ୍ରଶାସନ ଏକ ଜରୁରୀକାଳୀନ ବୈଠକ ଡକାଇଥିଲା ଯେଉଁଥିରେ ଉପମୁଖ୍ୟମନ୍ତ୍ରୀ ଲୋସି ଦିଖୋ, ବିଧାୟକ ରାମ ମୁଇଭା ଏବଂ କିମନେଓ ହାଓକିପଙ୍କ ସହିତ ଅନେକ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ହିଂସା ବନ୍ଦ କରିବା ଏବଂ ସମାଧାନ ଖୋଜିବାର ଉପାୟ ବିଷୟରେ ଆଲୋଚନା କରାଯାଇଥିଲା, କିନ୍ତୁ କୌଣସି ଠୋସ୍ ଫଳାଫଳ ବାହାରି ନଥିଲା । ପ୍ରଶାସନ ଅନୁଯାୟୀ, ଏପର୍ଯ୍ୟନ୍ତ କୌଣସି ଆହତ କିମ୍ବା ମୃତ୍ୟୁ ଖବର ମିଳିନାହିଁ, ଯାହା ଆଶ୍ୱସ୍ତିର ବିଷୟ । ଲିଟାନ ଗାଁରେ ଏହି ଘଟଣା ପୁଣି ଥରେ ସ୍ପଷ୍ଟ କରୁଛି ଯେ, ମଣିପୁରରେ ଜାତିଗତ ଉତ୍ତେଜନା କମିନାହିଁ । ସୁରକ୍ଷା ବାହିନୀର ଉପସ୍ଥିତି ସତ୍ତ୍ୱେ, ହିଂସା ଘଟଣା ଜାରି ରହିଛି । ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ପରିସ୍ଥିତି ଆହୁରି ଖରାପ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।



## ନିୟମ କୋହଳ କଲା ରିଜର୍ଭ ବ୍ୟାଙ୍କ

# ବିନା ବନ୍ଧକରେ ଏମଏସଇଙ୍କୁ ମିଳିବ ଋଣ

**ମୁମ୍ବାଇ:** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଋଣ ନିୟମ କୋହଳ କରିଛି । ଏହାଦ୍ୱାରା ବ୍ୟାଙ୍କ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ(ଏମ୍‌ଏସ୍‌ଇ) ଗୁଡ଼ିକୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ବନ୍ଧକରେ ଦେଇପାରିବେ । ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ କୌଣସି ବନ୍ଧକ ନ ନେବା ପାଇଁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି । ସେହିଭଳି କେଭିଆଇସି ଜରିଆରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ରେ ଋଣ ନେଉଥିବା ସଂସ୍ଥା ବା ବ୍ୟକ୍ତିଙ୍କ ପାଇଁ ମଧ ଏହା ଲାଗୁ ହେବ । ଏଥିସହିତ ଏମ୍‌ଏସ୍‌ଇୟୁନିଟ୍ ଗୁଡ଼ିକର ଅତୀତ ଇତିହାସ ଏବଂ ଆର୍ଥିକ ସ୍ଥିତିକୁ ଦେଖି ବ୍ୟାଙ୍କ ଋଣ ରାଶିକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଧ ବୃଦ୍ଧି କରିପାରିବେ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ୨୦୨୫ ଜୁଲାଇରେ ଜାରି ହୋଇଥିବା ସଂଶୋଧନରେ ଏ ନେଇ ପରିବର୍ତ୍ତନ କରାଯାଇଛି । ୨୦୨୬ ଏପ୍ରିଲ ପହିଲାରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

# ବାଂଲାରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

**ଢ଼ାକା:** ଆସନ୍ତା ୧୨ ତାରିଖରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବ । ହେଲେ ହିନ୍ଦୁ ବିରୋଧୀ ହିଂସା ବାଂଲାଦେଶରେ ଥମିବାର ନାଁ ଧରୁନି । ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ବାଂଲାଦେଶର ମୟମେନସିଂହ ଜିଲ୍ଲାରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି ।ମୃତକ ଜଣଙ୍କ ହେଲେ ୬୨ ବର୍ଷୀୟ ସୁଶେନ ଚନ୍ଦ୍ର ସରକାର । ସେ ଜଣେ ଚାଉଳ ବ୍ୟବସାୟୀ ଭାବେ କାମ କରୁଥିଲେ । ତ୍ରିଶାଲ ଉପଜିଲ୍ଲାର ବୋଗାର ବଜାର ଛକ ନିକଟରେ ତାଙ୍କର ମେସର୍ସ ଭାଇ ଭାଇ ଏଣ୍ଟରପ୍ରାଇଜ ନାମକ ଗୋଟିଏ ଚାଉଳ ଗୋଦାମ ମଧ ରହିଛି । ସମାନ ଅଞ୍ଚଳରେ ଥିବା ସାଉଥକାଣ୍ଡା ଗାଁରେ ସେ ପରିବାର ଲୋକଙ୍କ ସହ ରହୁଥିଲେ । ପୁଲିସ୍ର କହିବା କଥା ଯେ ସୋମବାର ରାତି ପ୍ରାୟ ୧୧ଟାରେ ପୂରା ଘଟଣା ଘଟିଛି । ରାତି ୧୧ଟା ବେଳେ ସରକାର ନିଜ ଗୋଦାମ ଭିତରେ ରହିଥିଲେ । ଏହି ସମୟରେ କିଛି ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ । କେହି କିଛି ବୁଝିବା ଆଗରୁ ଗୋଦାମ ଭିତରେ ପଶି ସେମାନେ ସରକାରଙ୍କୁ ହାଣି ପକାଇଥିଲେ । ଏହାପରେ ଗୋଦାମ ଭିତରେ ମୃତଦେହକୁ ରଖି ବାହାରୁ ଶଟର ପକାଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । କିଛି ସମୟ ପରେ ସ୍ଥାନୀୟ ଦୋକାନୀମାନଙ୍କ ଖବର ପାଇ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ । ତ୍ରିଶାଲ ପୁଲିସ୍ ଷ୍ଟେସନର ଅଫିସର ମହମ୍ମଦ ଫିରୋଜ ହୁସେନ ଘଟଣାକୁ ନିଶ୍ଚିତ କରିଛନ୍ତି ।

## ବିରୋଧୀ ମହିଳା ସାଂସଦଙ୍କ ବିଶୃଙ୍ଖଳା

# ଭିଡିଓ ସେୟାର କଲେ ମନ୍ତ୍ରୀ କିରଣ ରିଜିଜୁ

**ନୂଆଦିଲ୍ଲୀ:** ସଂସଦରେ ବିଶୃଙ୍ଖଳିତ ଆଚରଣ ନେଇ ଆମ ବିରୋଧରେ ମିଥ୍ୟା ଓ ଅପମାନଜନକ ଅଭିଯୋଗ କରାଯାଉଛି ବୋଲି କଂଗ୍ରେସର ମହିଳା ସାଂସଦମାନେ ଅଭିଯୋଗ କରିବା ପରେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ମଙ୍ଗଳବାର ଲୋକସଭା ଭିତରୁ ଏକ ଭିଡିଓ ସେୟାର କରିଛନ୍ତି । ଏଥିରେ କଂଗ୍ରେସର ମହିଳା ସାଂସଦମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣର କିଛି ମିନିଟ୍ ପୂର୍ବରୁ ତାଙ୍କ ଆସନ ଚାରିପଟେ କିପରି ବେଢ଼ିଯାଇଥିଲେ ତାହା ଦେଖିବାକୁ ମିଳୁଛି । ସେଦିନ ସମ୍ଭାବ୍ୟବିପଦ ଆଶଙ୍କାରେ ପ୍ରଧାନମନ୍ତ୍ରୀ ଭାଷଣ ଦେବାକୁ ଆସି ନ ଥିଲେ ଏବଂ ବାଚସ୍ପତି ଅଧିବେଶନକୁ ହଠାତ୍ ସ୍ଥଗିତ ରଖିଥିଲେ ।ଏହା ପୂର୍ବରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ, ବିରୋଧୀ ସାଂସଦମାନେ ତାଙ୍କ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିବାରୁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସଂସଦ ଅଧିବେଶନକୁ ନ ଆସିବାକୁ ପରାମର୍ଶ ଦେଇଛନ୍ତି ।ଭିଡିଓ ସେୟାର କରି ରିଜିଜୁ ଲେଖିଛନ୍ତି, କଂଗ୍ରେସ ଦଳ ସେମାନଙ୍କ ସାଂସଦଙ୍କ ବିଶୃଙ୍ଖଳ ଆଚରଣ ପାଇଁ ଗର୍ବିତ !! ଯଦି ଆମେ ସମସ୍ତ ବିଜେପି ସାଂସଦଙ୍କୁ ଅଟକାଇ ନଥାନ୍ତୁ ଏବଂ ଆମ ମହିଳା ସାଂସଦମାନଙ୍କୁ କଂଗ୍ରେସ ସାଂସଦଙ୍କ ସହ ମୁକାବିଲା କରିବାକୁ ଅନୁମତି ଦେଇଥାନ୍ତୁ, ତେବେ ଏହା ଅତ୍ୟନ୍ତ ଅରୁଚିକର ଦୃଶ୍ୟ ସୃଷ୍ଟି କରିଥାନ୍ତା । ସଂସଦର ମର୍ଯ୍ୟାଦା ଓ ପବିତ୍ରତା ରକ୍ଷା କରିବା ପାଇଁ ଆମେ ବହୁତ ଅଧିକ ବିଚାର କରୁଛୁ ବୋଲି ରିଜିଜୁ ଟ୍ୱିଟ୍ କରି କହିଛନ୍ତି ।ଭିଡିଓରେ ମହିଳା ସାଂସଦମାନେ ମୋଦୀଙ୍କ ଆସନ ନିକଟରେ ଏକତ୍ରିତ ହୋଇଥିବା ଦେଖାଯାଇଛି ।



# ଇରାନର ଇସଫାହାନ ପରମାଣୁ କେନ୍ଦ୍ର ସିଲ୍

**ତେହେରାନ:** ଇରାନ ଏହାର ଇସଫାହାନ ପରମାଣୁ ସ୍ଥଳରେ ସୁଡ଼ଙ୍ଗଗୁଡ଼ିକୁ କଂକ୍ରିଟ୍ ଓ ମାଟିରେ ଭର୍ତ୍ତି କରିବା ଆରମ୍ଭ କରିଛି । ଏହା ସାଟେଲାଇଟ୍ ଚିତ୍ରରୁ ପ୍ରକାଶ ପାଇଛି । ସୋମବାର ଇରାନ ଉପରେ ନିଆଯାଇଥିବା ଉଚ୍ଚ-ରିଜୋଲ୍ୟୁସନ୍ ସାଟେଲାଇଟ୍ ଚିତ୍ରଗୁଡ଼ିକରୁ ଏହା ଜଣାପଡ଼ିଛି । ଇରାନର ସବୁଠାରୁ ସମ୍ବେଦନଶୀଳ ପରମାଣୁ ସ୍ଥଳ ଇସଫାହାନକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି । ଗତ ବର୍ଷ ଜୁନ୍ ମାସରେ ସଂଘର୍ଷ ସମୟରେ ଇସ୍ରାଏଲ ଦ୍ୱାରା ବାରମ୍ବାର ଆକ୍ରମଣ କରାଯାଇଥିଲା । ଆମେରିକା ଏହାର ବି-୨ ବୋମା ବିସ୍ଫୋରଣକାରୀ ବିମାନରୁ ବଙ୍କର-ବଷ୍ଟର ବୋମା ମଧ ନିକ୍ଷେପ କରିଥିଲା । ଚିତ୍ରଗୁଡ଼ିକ ଦର୍ଶାଉଛି ଯେ, ଇସଫାହାନ ପରମାଣୁ ସ୍ଥଳରେ ତିନୋଟି ମୁଖ୍ୟ ସୁଡ଼ଙ୍ଗ ପ୍ରବେଶ ପଥ ମାଟିରେ ଆଚ୍ଛାଦିତ ହୋଇଛି । ଫଳରେ ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହେଉଛି । ଦ୍ୱାରଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରାଯାଇଛି । ପ୍ରଥମ ଚିତ୍ରରେ, ଇସଫାହାନରେ ଭୂତଳ କମ୍ପ୍ଲେକ୍ସକୁ ଯାଉଥିବା ସୁଡ଼ଙ୍ଗର ତିନୋଟି ପ୍ରବେଶ ଦ୍ୱାର ମାଟିରେ ଭର୍ତ୍ତି ହୋଇ ସିଲ୍ କରାଯାଇଥିବା ଦେଖାଯାଉଛି । ଅନୁମାନ କରାଯାଉଛି, ଇରାନ ଆମେରିକୀୟ ଓ ଇସ୍ରାଏଲୀ ସୈନ୍ୟଙ୍କ ଆଣବିକ ସ୍ଥଳରେ ପ୍ରବେଶ ରୋକିବାକୁ ଚେଷ୍ଟା କରୁଛି । ଯଦି ସେମାନେ ପହଞ୍ଚନ୍ତି ଓ ବୋମା ମାଡ଼ ହେଲେ କ୍ଷତିକୁ କମ୍ କରିବାକୁ ଇରାନ ଚେଷ୍ଟା କରୁଛି । ଇରାନ ଜାଣେ ଯେ, ଆମେରିକା ଓ ଇସ୍ରାଏଲ ଦ୍ୱାରା ଆକ୍ରମଣ ଆସନ୍ନ । ସେଥିପାଇଁ ନିଜର ପରମାଣୁ ସ୍ଥଳକୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛି । ଗବେଷକମାନେ କହିଛନ୍ତି, ସୁଡଙ୍ଗ ପ୍ରବେଶ ପଥଗୁଡ଼ିକୁ ମାଟି ଏବଂ କଂକ୍ରିଟରେ ପୂରଣ କରିବା ଦ୍ୱାରା ବିମାନ ଆକ୍ରମଣରୁ କ୍ଷତି ହ୍ରାସ ପାଇବ । ସ୍ଥଳରେ ଗଚ୍ଛିତ ସମୃଦ୍ଧ ୟୁରାନିୟମକୁ ଜବତ କିମ୍ବା ନଷ୍ଟ କରିବା ପାଇଁ ଏକ ସ୍ୱତନ୍ତ୍ର ବାହିନୀ ଦ୍ୱାରା ଅପରେସନ୍ ହେଲେ ଭୂମିକୁ ପ୍ରବେଶ କରିବା କଷ୍ଟକର ହୋଇଯିବ । ଏହା ବ୍ୟତୀତ, ଏହା ସମ୍ଭବ ଇରାନ ସୁଡଙ୍ଗଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସୁଡଙ୍ଗ ଭିତରକୁ କିଛି ଆଧୁନିକ ଉପକରଣ ସ୍ଥାନାନ୍ତର କରିଥାଇପାରେ । ଜୁନ୍ ୨୦୨୫ ରେ, ଆମେରିକା ଫୋର୍ଡୋ, ନାଟାଞ୍ଜ ଓ ଇସଫାହାନ ପରମାଣୁ ସ୍ଥଳ ଉପରେ ଆକ୍ରମଣ କରିଥିଲା ।

# ଅସ୍ତ୍ରବିରତି ମଧ୍ୟରେ ଗାଜାରେ ବିମାନ ଆକ୍ରମଣ

**ଜେରୁଜେଲମ:** ଗାଜା ଷ୍ଟ୍ରିପରେ ଚାରି ମାସ ଧରି ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲପକ୍ଷରୁ ପୁଣି ବିମାନ ଆକ୍ରମଣ ହୋଇଛି । ସଦ୍ୟତମ ସାମରିକ କାର୍ଯ୍ୟାନୁଷ୍ଠାନରେ ତିନି ଜଣଙ୍କ ଜୀବନ ଯାଇଛି । ଅଞ୍ଚଳରେ ପୁଣି ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି । ଇସ୍ରାଏଲୀ ସେନା ଦାବି କରିଛି ଯେ, ରାଫାରେ ସେମାନଙ୍କ ସୈନିକଙ୍କ ଉପରେ ହୋଇଥିବା ଗୁଳିଚାଳନା ପ୍ରତିବାଦରେ ଏହି ଆକ୍ରମଣ କରାଯାଇଛି । ଏହି ଘଟଣା ଏପରି ସମୟରେ ଘଟିଛି ଯେତେବେଳେ ଆମେରିକା ସମର୍ଥିତ ଶାନ୍ତି ଚୁକ୍ତିନାମା ଅନୁଯାୟୀ ବନ୍ଧକ ବିନିମୟ ପ୍ରକ୍ରିୟା ଚାଲିଥିଲା । ପଶ୍ଚିମ ଗାଜା ସହରରେ ହୋଇଥିବା ବଡ଼ ଧରଣର ବିମାନ ଆକ୍ରମଣ ପରେ, ପୀଡିତମାନଙ୍କୁ ଚିକିତ୍ସା ଲାଗି ଶିଫା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ପ୍ରାୟ ଚାରି ମାସ ପୂର୍ବେ, ଆମେରିକା ରାଷ୍ଟ୍ରପତିଙ୍କ ୨୦-ସୂତ୍ରୀ ଢାଞ୍ଚା ଉପରେ ଆଧାରିତ ଏକ ଐତିହାସିକ ଅସ୍ତ୍ରବିରତି ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା । ଏହି ଚୁକ୍ତିନାମା ଅନୁଯାୟୀ, ହମାସ ଜୀବିତ ବନ୍ଧକମାନଙ୍କୁ ମୁକ୍ତ କରିଥିଲା ଓ ପ୍ରତିବଦଳରେ ଅନେକ ବନ୍ଦୀଙ୍କୁ ମୁକ୍ତ କରିଥିଲା ।

# ଓଡ଼ିଶାରେ ଖୋଲାଯାଇଛି ୮୦୩ଟି ଜନ ଔଷଧୀ କେନ୍ଦ୍ର

**ନୂଆଦିଲ୍ଲୀ:** ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଔଷଧ ବିତରଣକୁ ସୁଗମ କରିବାକୁ ଜନ ଔଷଧୀ ଯାନ ଚଳାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ମିଳିନାହିଁ । ତେବେ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ଓଡ଼ିଶାରେ ୮୦୩ଟି ଜନ ଔଷଧୀ କେନ୍ଦ୍ର ଖୋଲାଯାଇଛି, ଯାହା ମଧ୍ୟରୁ ସରକାରୀ ପରିସରରେ ୨୧ଟି ଜନ ଔଷଧୀ କେନ୍ଦ୍ର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦ ର ନିୟମ ୬୪, ନିୟମ ୧୯୪୫ ଅନୁଯାୟୀ, ଜୀବନ ରକ୍ଷାକାରୀ ଔଷଧ ନିମନ୍ତେ ଶୀତଳ ଶୃଙ୍ଖଳା ରକ୍ଷଣାବେକ୍ଷଣ ସମେତ ନିର୍ଦ୍ଧାରିତ ଭିତ୍ତିଭୂମି ଏବଂ ସଂରକ୍ଷଣ ଆବଶ୍ୟକତା ପୂରଣ କରୁଥିବା ଏକ ନିର୍ଦ୍ଦିଷ୍ଟ, ସ୍ଥାୟୀ ସ୍ଥାନ ପାଇଁ ଖୁଚୁରା ଔଷଧ ବିକ୍ରୟ ଲାଇସେନ୍ସ ପ୍ରଦାନ କରାଯାଉଛି । ବର୍ତ୍ତମାନର ନିୟମ ଅନୁସାରେ ମୋବାଇଲ୍ ୟୁନିଟ୍ ଗୁଡ଼ିକୁ ଖୁଚୁରା ଲାଇସେନ୍ସ ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ ।

## ଆଇଡବ୍ଲୁଡିସିର ତୃତୀୟ ବୈଠକ

# ସବୁଜ ଆଭ୍ୟନ୍ତରୀଣ ଜଳ ପରିବହନ ପାଇଁ ୧,୫୦୦ କୋଟିର ପ୍ରକଳ୍ପକୁ ମଞ୍ଜୁରୀ

**ନୂଆଦିଲ୍ଲୀ:** ଭାରତର ଆଭ୍ୟନ୍ତରୀଣ ଜଳପଥରେ ସବୁଜ ଗତିଶୀଳତା, ମଲଟିମୋଡାଲ୍ ଲଜିଷ୍ଟିକ୍ସ, କାର୍ଗୋ ପରିବହନ ଏବଂ ନଦୀ ପର୍ଯ୍ୟଟନକୁ ତ୍ୱରାନ୍ୱିତ କରିବା ପାଇଁ ଆଭ୍ୟନ୍ତରୀଣ ଜଳପଥ ବିକାଶ ପରିଷଦ (ଆଇଡବ୍ଲୁଡିସି) ର ତୃତୀୟ ବୈଠକରେ ଟ.୧,୫୦୦ କୋଟିରୁ ଅଧିକ ମୂଲ୍ୟର ଭିତ୍ତିଭୂମି ଏବଂ ସମ୍ପତ୍ତି ବିକାଶ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ କେନ୍ଦ୍ର-ରାଜ୍ୟ ସମନ୍ୱୟ ବୃଦ୍ଧି ସହିତ ଏକ ସ୍ଥାୟୀ ଏବଂ ମୂଲ୍ୟ-ପ୍ରଭାବଶାଳୀ ପରିବହନ ମେରୁଦଣ୍ଡ ଭାବରେ ଆଭ୍ୟନ୍ତରୀଣ ଜଳପଥକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପ୍ରୟାସକୁ ଚିହ୍ନିତ କରିଛି । ୨୫ଟି ନୂତନ ଜେଟି, ମହାନଦୀ (ଏନଡବ୍ଲୁ-୬୪)କୁ ଶ୍ରେଣୀ-୭ ଜଳପଥ ଭାବରେ ବିକାଶ ଏବଂ ଏକ ସମର୍ପିତ ପ୍ୟାକେଜ ଅଧୀନରେ କ୍ରୁଜ୍ ପର୍ଯ୍ୟଟନ ଭିତିଭୂମି ସହିତ ଓଡ଼ିଶା, ନଦୀ-କେନ୍ଦ୍ରିକ ଅଭିବୃଦ୍ଧିର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହୋଇଛି ।ଉତ୍ତର-ପୂର୍ବରେ ୫୦୦ କୋଟିରୁ ଅଧିକ ନିବେଶ ସହିତ ୮୫ଟି ଜେଟି ମିଳିବ, ଯାହା ଆଂଚଳିକ ସଂଯୋଗୀକରଣ ଏବଂ ଜୀବିକାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ।

ପରିଷଦକୁ ସମ୍ବୋଧିତ କରି ଶ୍ରୀ ସୋନଓ୍ୱାଲ କହିଛନ୍ତିଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ଆଭ୍ୟନ୍ତରୀଣ ଜଳପଥ ଭାରତର ବହୁମୁଖୀ ଲଜିଷ୍ଟିକ୍ସ ଫ୍ରେମଓ୍ୱାର୍କର ଏକ ରଣନୈତିକ ସ୍ତମ୍ଭ ଭାବରେ ଉଭା ହୋଇଛି । ସବୁଜ ଜାହାଜ, ସ୍ମାର୍ଟ ନାଭିଗେସନ୍ ସିଷ୍ଟମ ଏବଂ ଆଧୁନିକ ଯାତ୍ରୀ ଭିତ୍ତିଭୂମିକୁ ଏକୀକୃତ କରି, ଆମର ନଦୀଗୁଡ଼ିକ ସ୍ଥାୟୀ ଗତିଶୀଳତା, କମ୍ ଲଜିଷ୍ଟିକ୍ସ ଖର୍ଚ୍ଚ ଏବଂ ପର୍ଯ୍ୟଟନ-ନେତୃତ୍ୱାଧୀନ ଅଭିବୃଦ୍ଧିର ଇଞ୍ଜିନ ପାଲଟିଛି । ପ୍ରମୁଖ ଅନୁମୋଦନ ମଧ୍ୟରେ ଟ.୧୫୦ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଅନ୍ତର୍ଭୁକ୍ତ, ଯେପରିକି କେରଳ, ଗୁଜରାଟ, କର୍ଣ୍ଣାଟକ, ଓଡ଼ିଶା ଏବଂ ତେଲେଙ୍ଗାନାରେ ନଦୀ କ୍ରୁଜ୍ ଜେଟି, ଯାହାର ଲକ୍ଷ୍ୟ ହେଉଛି ଦେଶବ୍ୟାପୀ କ୍ରୁଜ୍ ପର୍ଯ୍ୟଟନ ସର୍କିଟ୍ ବିସ୍ତାର କରିବା । ଆନ୍ଧ୍ରପ୍ରଦେଶର କୃଷ୍ଣା ନଦୀ (ଏନଡବ୍ଲୁ-୪) ରେ ରୋ-ରୋ ଏବଂ କାର୍ଗୋ ଟର୍ମିନାଲ ଏବଂ ଜମ୍ମୁ ଏବଂ କାଶ୍ମୀରର ଝେଲମ୍ ନଦୀ (ଏନଡବ୍ଲୁ-୪୯) ରେ ତଟବର୍ତ୍ତୀ ଯାତ୍ରୀ ସୁବିଧା ଭଳି କାର୍ଗୋ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ମଧ ଅନୁମୋଦନ କରାଯାଇଥିଲା । ଏନଡବ୍ଲୁ-୪୯ ରେ ଦଶଟି ହାଇବ୍ରିଡ୍ ବୈଦ୍ୟୁତିକ ଜାହାଜ ନିୟୋଜିତ କରାଯିବ ।



# ଖାଦ୍ୟ ବ୍ରାଣ୍ଡ 'ମାନ୍ନା' ଅଧିଗ୍ରହଣ କଲା ଆରସିପିଏଲ

**ବେଙ୍ଗାଲୁରୁ:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏଫଏମସିଜି କମ୍ପାନୀ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକଟସ୍ ଲିମିଟେଡ୍ (ଆରସିପିଏଲ), ତାମିଲନାଡୁର ଅଗ୍ରଣୀ ସ୍ୱାସ୍ଥ୍ୟ ଖାଦ୍ୟ କମ୍ପାନୀ, ସଦର୍ଣ୍ଣ ହେଲଥ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଅଧିଗ୍ରହଣ କରିଛି । ଏହାର ପ୍ରମୁଖ ବ୍ରାଣ୍ଡ 'ମାନ୍ନା' ପାଇଁ ଜଣାଶୁଣା ଏହି କମ୍ପାନୀ ଗତ ଦୁଇ ଦଶନ୍ଧି ଧରି ସ୍ୱାସ୍ଥ୍ୟକର ଏବଂ ପୁଷ୍ଟିଯୁକ୍ତ ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରିଆସୁଛି ।ଏହି ଅଧିଗ୍ରହଣ ସହିତ, ମାନ୍ନା ଏବେ ଆରସିପିଏଲର ଖାଦ୍ୟସାମଗ୍ରୀ ଏବଂ ମୁଖ୍ୟ ପୋର୍ଟଫୋଲିଓର ଅଂଶ ହୋଇଛି, ଯେଉଁଥିରେ ପୂର୍ବରୁ ଉଦୟମ୍, ଇଣ୍ଡିପେଣ୍ଡେନ୍ସ ଏବଂ ଏସଆଇଏଲ ଭଳି ବ୍ରାଣ୍ଡ ସାମିଲ ରହିଛି । ଏହା ମିଲେଟ-ଭିତ୍ତିକ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ କ୍ଷେତ୍ରରେ ରିଲାଏନ୍ସର ଉପସ୍ଥିତିକୁ ଆହୁରି ସୁଦୃଢ଼କରିବ । ଆରସିପିଏଲର ନିର୍ଦ୍ଦେଶକ ଟି. କୃଷ୍ଣକୁମାର କହିଛନ୍ତି ଯେ ମାନ୍ନା ତାମିଲନାଡୁ ଏବଂ ଆଖପାଖ ରାଜ୍ୟଗୁଡ଼ିକରେ ଏକ ବିଶ୍ୱସ୍ତ ସ୍ୱାସ୍ଥ୍ୟକର ଖାଦ୍ୟ ବ୍ରାଣ୍ଡ । ମାନ୍ନାର ପୁଷ୍ଟିକର ଉତ୍ପାଦଗୁଡ଼ିକୁ ରିଲାଏନ୍ସର ମଜଭୁତ ବିତରଣ ଏବଂ ଯୋଗାଣ ଶୃଙ୍ଖଳ ନେଟଓ୍ୱାର୍କ ମାଧ୍ୟମରେ ଦେଶର ଅନ୍ୟ ସ୍ଥାନଗୁଡିକରେ ଉପଲବ୍ଧ କରାଯିବ, ଯାହା ଏହାକୁ ଏକ ଜାତୀୟ ବ୍ରାଣ୍ଡ ଭାବେ ଗଢି ତୋଳିବ ।

# ରାସ୍ତାରେ ଜରୁରୀକାଳୀନ ଅବତରଣ କଲା ବିମାନ

**ଜର୍ଜିଆ:** ଆମେରିକାର ଜର୍ଜିଆ ରାଜ୍ୟରେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣାକୁ ଏଡାଇ ଦିଆଯାଇଛି । ଏକ ଛୋଟ ବିମାନକୁ ରାସ୍ତାରେ ଅବତରଣ କରିବାକୁ ପଡିଛି । ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପାଇଲଟ୍ ଏକ ବ୍ୟସ୍ତବହୁଳ ଛକରେ ବିମାନର ଜରୁରୀକାଳୀନ ଅବତରଣ କରିଥିଲେ । ଯାହା ଫଳରେ ଏହା ଅନେକ ଯାନ ସହିତ ଧକ୍କା ହୋଇଥିଲା । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଯେଉଁଥିରେ ବିମାନଟି କାରଗୁଡ଼ିକ ସହ ଧକ୍କା ହେଉଥିବା ସ୍ପଷ୍ଟ ଭାବରେ ଦେଖାଯାଉଛି । ସୌଭାଗ୍ୟବଶତଃ, ଏହି ଦୁର୍ଘଟଣାରେ କେହି ପ୍ରାଣ ହରାଇ ନାହାନ୍ତି । ଦୁଇ ଆହତ ମଧ ସମ୍ପୂର୍ଣ୍ଣ ବିପଦମୁକ୍ତ ବୋଲି କୁହାଯାଉଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧:୫୦ ସମୟରେ ଜର୍ଜିଆର ଗେନ୍ସଭିଲ୍ର ବ୍ରାଉନ୍ସ ବ୍ରିଜ୍ ରୋଡ୍ ଓ ପର୍ଲ ନିକ୍ସ ପାର୍କୱେ ଛକରେ ଏହି ଘଟଣା ଘଟିଥିଲା । ସିଙ୍ଗଲ୍-ଇଞ୍ଜିନ୍ ହକର୍ ବିଚ୍କ୍ରାଫ୍ଟ ବିଇ-୩୬ ବିମାନ ଏକ ନିୟମିତ ଉଡ଼ାଣରେ ଲି ଗିଲମୋର୍ ମେମୋରିଆଲ୍ ବିମାନବନ୍ଦରରୁ କାଣ୍ଟନ୍ ଅଭିମୁଖେ ଉଡ଼ାଣ କରୁଥିଲା । ଉଡ଼ାଣ ଆରମ୍ଭ ହେବାର କିଛି ମିନିଟ୍ ପରେ, ପାଇଲଟ୍ ହଠାତ୍ ଇଞ୍ଜିନ୍ କାମ କରୁନଥିବା ଅନୁଭବ କରିଥିଲେ । ସେ ବିମାନବନ୍ଦରକୁ ଫେରିବା ଅସମ୍ଭବ ମଧ ଥିଲା । ଇଞ୍ଜିନ୍ର ଶକ୍ତି ହ୍ରାସ ପାଇବା ଯୋଗୁ ପାଇଲଟ୍ ବିମାନବନ୍ଦରରେ ପହଞ୍ଚିପାରି ନଥିଲେ ।

# ନ୍ୟୁଜିଲାଣ୍ଡରର ଐତିହାସିକ ବିଜୟ

ଚେନ୍ନାଇ,୧୦।୨(ଏଜେନ୍ସି): ଚଳିତ ବିଶ୍ୱକପରେ ନ୍ୟୁଜିଲାଣ୍ଡର ବିଜୟଧାରା ଜାରି ରହିଛି। ୟୁଏଇକୁ ନ୍ୟୁଜିଲାଣ୍ଡ ୧୦ ୱିକେଟରେ ପରାଜିତ କରି ଐତିହାସିକ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ୟୁଏଇ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୩ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡର ଟିମ୍ ସେଫର୍ଟ (୮୯) ଏବଂ ଫିନ୍ ଆଲିନଙ୍କ (୮୪)ଙ୍କ ଅର୍ଦ୍ଧଶତକୀୟ ଇନିଂସ ଯୋଗୁଁ ୧୫.୨ ଓଭରରେ ୧୭୫ ରନ୍ କରି ବିଜୟୀ ହୋଇଥିଲା। ୟୁଏଇ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ମହମ୍ମଦ ୱାସିମଙ୍କ ୬୬ ଓ ଆଲିସାନ ସରାଫଙ୍କ ୫୫ ରନ୍ ସହାୟତାରେ ୟୁଏଇ ୧୭୩ ରନ୍ କରିଥିଲା। ବୋଲିଂରେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରି ଦୁଇଟି, ଜ୍ୟାକବ ଡୁଫି, ଲୋକି ଫର୍ଗୁସନ, ମିଚେଲ ସାଣ୍ଟନର ଏବଂ ଗ୍ଲେନ ଫିଲିପ୍ସ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ୧୭୪ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଆଦୌ ୱିକେଟ୍ ହରାଇନଥିଲା। ଓପନର ଟିମ୍ ସେଫର୍ଟ ଓ ଫିନ ଆଲିନ୍ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସେଫର୍ଟ ୪୨ ବଲରୁ ୧୨ ଚୌକା ଓ ୩ ଛକା ସହାୟତାରେ ୮୯ ରନ୍ ଏବଂ ଫିନ୍ ଆଲିନ୍ ୫୦ ବଲରୁ ୫ ଚୌକା ଓ ୫ ଛକା ସହାୟତାରେ ୮୪ ରନର ଅପରାଜିତ ଇନିଂସ ଖେଳି ମ୍ୟାଚ ଫିନିସ କରିଥିଲେ। ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ୧୭୫ ରନ୍ କରି ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ୨୮ ବଲ ପୂର୍ବରୁ ବିଜୟଲାଭ କରିଥିଲା। ଟି-୨୦ ବିଶ୍ୱକପରେ ନ୍ୟୁଜିଲାଣ୍ଡର ଓପନରଙ୍କ ଏହା ସର୍ବଶ୍ରେଷ୍ଠ ପାର୍ଟନରସିପ୍। ପ୍ରଭାବୀ ପ୍ରଦର୍ଶନ ପାଇଁ ସେଫର୍ଟଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଏଥିସହ ନ୍ୟୁଜିଲାଣ୍ଡ ଗ୍ରୁପ୍ ଡି'ରେ ୪ ପଏଣ୍ଟ ହାସଲ କରି ଟେବୁଲ ଶୀର୍ଷରେ ରହିଛି। ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ୫ ୱିକେଟରେ ଆଫଗାନିସ୍ତାନକୁ ହରାଇଥିଲା। ଦଳ ଦ.ଆଫ୍ରିକା ଓ କାନାଡା ବିପକ୍ଷରେ ଆଉ ଦୁଇଟି ଗ୍ରୁପ୍ ମ୍ୟାଚ ଖେଳିବ।




## ଆଜିର ମ୍ୟାଚ

- ଆଫଗାନିସ୍ତାନ - ଦ.ଆଫ୍ରିକା
- ସ୍ଥାନ- ଅହମ୍ମଦାବାଦ
- ସମୟ- ସକାଳ ୧୧.୧୫
- ପ୍ରସାରଣ - ଷ୍ଟାର ନେଟୱାର୍କ
- ଅଷ୍ଟ୍ରେଲିଆ - ଅୟର୍ଲାଣ୍ଡ
- ସ୍ଥାନ- କଲମ୍ବୋ
- ସମୟ - ଅପରାହ୍ନ ୩.୧୫
- ଇଂଲଣ୍ଡ - ଇଣ୍ଡିଜ୍
- ସ୍ଥାନ - ୱାଙ୍ଖେଡେ
- ସମୟ - ରାତି ୭.୧୫

## ନେଦରଲାଣ୍ଡସର ଲଢୁଆ ବିଜୟ

ନୂଆଦିଲ୍ଲୀ,୧୦।୨(ଏଜେନ୍ସି): ବିଶ୍ୱକପ୍ ଗ୍ରୁପ୍ ଏ'ର ଏକ ମ୍ୟାଚରେ ନାମ୍ବିଆକୁ ୭ ୱିକେଟରେ ପରାଜିତ କରିଛି ନେଦରଲାଣ୍ଡସ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନାମ୍ବିଆ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୬ ରନ୍ କରିଥିଲା। ଜବାବରେ ନେଦରଲାଣ୍ଡସ ୧୮ ଓଭରରେ ୩ ୱିକେଟ୍ ହରାଇ ୧୫୯ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ଡିଲିଡଙ୍କୁ ୭୨ ରନ୍ ଓ ୨ ୱିକେଟ୍ ପାଇଁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ନାମ୍ବିଆ ପକ୍ଷରୁ ଜାନ ଫ୍ରିଲିଙ୍କ୍ ୩୦, ଜାନ ନିକୋଲ୍ ଲୋଫଟି ଏଟନ ୪୨, ଅଧିନାୟକ ଗେରହାଟ ଏରାସମାସ ୧୮, ଜେଜେସ୍ମିତ ୨୨ ରନ୍ କରିଥିଲେ। ତେଣୁ ନାମ୍ବିଆ ୨୦ ଓଭରରେ ୧୫୬/୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ନେଦରଲାଣ୍ଡସର ଲୋଗନ ଭାନ ବିକ୍ ଓ ବାସ ଡି ଲିଡ୍ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ। ୧୫୭ ରନର ବିଜୟଲକ୍ଷ୍ୟକୁ ପିଛା କରି ନେଦରଲାଣ୍ଡସ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ମିଚେଲ ଲେଭିଟ୍ ୨୮, ବାସ ଡି ଲିଡ ଅପରାଜିତ ୭୨, କୋଲିନ ଆକରମ୍ୟାନ ୩୨ ଏବଂ ସ୍କଟ ଏଡୱାର୍ଡସ ଅପରାଜିତ ୧୮ ରନ କରିଥିଲେ। ତେଣୁ ନେଦରଲାଣ୍ଡସ ୨ ଓଭର ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇଥିଲା।

## ପ୍ରଶାନ୍ତ ସ୍ମାରକୀ ଅଲ ଓଡ଼ିଶା ଆଇନଜୀବୀ କ୍ରିକେଟ୍ ଆରମ୍ଭ
## ଭୁବନେଶ୍ୱର ବାର ଆସୋସିଏସନ୍ ବିଜୟୀ

ଭୁବନେଶ୍ୱର,୧୦।୨(ସବ୍ୟୁ): ଭୁବନେଶ୍ୱର ବାର ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୧ତମ ପ୍ରଶାନ୍ତ ରାଉତ ସ୍ମାରକୀ ଅଲଓଡ଼ିଶା ଆଇନଜୀବୀ ଟି-୨୦ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ବିଜେବି କଲେଜ ପଡ଼ିଆରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନ ଭୁବନେଶ୍ୱର ବାର ଆସୋସିଏସନ୍ ଏବଂ ଭୁବନେଶ୍ୱର ରେଡ୍ସ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏସନ୍ ୬୯ ରନ ବ୍ୟବଧାନରେ ବାଲେଶ୍ୱର ବାର ଆସୋସିଏସନକୁ ହରାଇଛି। ଏହି ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏସନ୍ ୨୦ ଓଭରରେ ୮ ୱିକେଟ୍ ହରାଇ ୧୮୬ ରନ କରିଥିଲା। ଜବାବରେ ବାଲେଶ୍ୱର ବାର ଆସୋସିଏସନ୍ ୧୭.୪ ଓଭରରେ ୧୧୭ ରନ କରି ଅଲଆଉଟ୍ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱର ରେଡ୍ସ ୬ ୱିକେଟରେ ପୁରୀ ବାର ଆସୋସିଏସନକୁ ହରାଇଛି। ଏହି ମ୍ୟାଚରେ ପୁରୀ ୧୮ ଓଭରରେ ୫ ୱିକେଟ୍ ହରାଇ ୧୧୯ ରନ୍ କରିଥିଲା। ଜବାବରେ ଭୁବନେଶ୍ୱର ରେଡସ ୧୭.୪ ଓଭରରେ ୧୨୩/୪ ରନ୍ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚରେ ପ୍ରବୋଧ କୁମାର ପରିଡା ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ତାଙ୍କୁ ଆମ୍ରି ମହାନ୍ତି ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଆଶୁତୋଷ ବେହେରା ୭୯ ରନରେ ୨ ୱିକେଟ ନେଇ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର କେନ୍ଦ୍ରୀୟ ବିଧାୟକ ଅନନ୍ତ ନାରାୟଣ ଜେନା ପୁରସ୍କାର ପ୍ରଦାନ କରିଥିଲେ।

# ଭାରତ ସହ ମ୍ୟାଚ ଖେଳିବାକୁ ରାଜି ହେଲା ପାକିସ୍ତାନ




ନୂଆଦିଲ୍ଲୀ,୧୦।୨(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଟି-୨୦ ବିଶ୍ୱକପ୍ ମ୍ୟାଚ ହେବ। ଏଭଳି ସବୁଜ ସଂକେତ ଦେଇଛି ପାକିସ୍ତାନ କ୍ରିକେଟ୍ ବୋର୍ଡ। ଦୁଇ ସପ୍ତାହ ଧରି ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ସସପେନ୍ସ ଲାଗି ରହିଥିଲା। ଏସବୁ ଉପରୁ ପରାଦ ହଟିଛି। ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷରେ ମ୍ୟାଚ ଖେଳିବାକୁ ପାକିସ୍ତାନ ରାଜି ହୋଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଫେବୃଆରୀ ୧୫ରେ ଏହି ମ୍ୟାଚ ଖେଳାଯିବ। ପାକିସ୍ତାନ ସରକାର ଔପଚାରିକ ଭାବେ ଏହି ନେଇ ଘୋଷଣା କରିଛନ୍ତି। ପିସିବି ଖେଳାଳିଙ୍କୁ ଏହି ମ୍ୟାଚ ପାଇଁ ଅନୁମତି ପ୍ରଦାନ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହୱାଜ ସରିଫଙ୍କୁ ପିସିବି ମୁଖ୍ୟ ମୋହସିନ ନକଭି, ବାଂଲାଦେଶ କ୍ରିକେଟ୍ ମୁଖ୍ୟ ଓ ଅନ୍ୟ ସଦସ୍ୟ ଦେଶଙ୍କ ପ୍ରତିନିଧି ସହ ଅନୁଷ୍ଠାନ ଉଚ୍ଚସ୍ତରୀୟ ବୈଠକ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହାପରେ ସରକାର ସମସ୍ତ ପ୍ରସଙ୍ଗକୁ ବିଚାର କରି ସବୁଜ ସଂକେତ ଦେଇଛନ୍ତି।

କଲମ୍ବୋରେ ଆୟୋଜିତ ହେବାକୁଥିବା ଆଇସିସି ଟି-୨୦ ବିଶ୍ୱକପ ମ୍ୟାଚ ଖେଳିବାକୁ ପାକିସ୍ତାନ ରାଜି ହେବାକୁ ଏକାଧିକ ଦିଗରେ ଆଇସିସି ଓ ସମସ୍ତ ଅଂଶଗ୍ରହଣକାରୀ ଦଳ ତଥା ଆୟୋଜକ କ୍ଷତିରୁ ବର୍ତ୍ତି ଯିବେ। ଭାରତ-ପାକିସ୍ତାନ ହାଇଭୋଲ୍ଟେଜ ମ୍ୟାଚରୁ ଢ଼େର ଆୟ ହୋଇଥାଏ। ଏହି ମ୍ୟାଚରେ ୧୫୬୦ କୋଟି ଟଙ୍କା ଅର୍ଥାତ୍ ୧୭୪ ମିଲିୟନ ଡଲାର ଆୟ ପାଇଁ ଲକ୍ଷ୍ୟ ରଖିଛି ଆଇସିସି। ଭାରତ-ପାକିସ୍ତାନ ମଧ୍ୟରେ ମ୍ୟାଚ ନହେଲେ ଆଇସିସି ୨୫୦ ଡଲାର କ୍ଷତି ସହିବ। ଏହାଦ୍ୱାରା ପାକିସ୍ତାନ କ୍ରିକେଟ ବୋର୍ଡର ପ୍ରଭାବିତ ହେବ।

ପ୍ରଥମେ ପାକିସ୍ତାନ ନିଜ ସରକାରଙ୍କ ପରାମର୍ଶରେ ମ୍ୟାଚ ଖେଳିବ ନାହିଁ ବୋଲି କହିଥିଲା। ଏହାପରେ ଟୁର୍ଣ୍ଣାମେଣ୍ଟରେ ସଂକଟ ବଢ଼ି ଥିଲା। କୋଟି କୋଟି ଟଙ୍କା କ୍ଷତି ହେବାର ଆଶଙ୍କା ରହିଥିଲା। ଆଇସିସିର କଡ଼ା ଆଭିମୁଖ୍ୟ, ବାଂଲାଦେଶ ଓ ଶ୍ରୀଲଙ୍କା ଅପିଲ କାରଣରୁ ପିସିବି ରାଜି ହୋଇଛି। ଅନ୍ୟ ଦିନରେ ପାକିସ୍ତାନ ମ୍ୟାଚ ନଖେଳିଲେ ବାସନ୍ଦ ହେବାର ସମ୍ଭାବନା ରହିଥିଲା। ଲାହୋରରେ ବଡ଼ ଧରଣର ମିଟିଂ ପରେ ମ୍ୟାଚର ବାଟ ଫିଟି ଥିଲା। ରବିବାର ଲାହୋରରେ ଆଇସିସିର ପ୍ରତିନିଧିଙ୍କ ସହ ପାକିସ୍ତାନ କ୍ରିକେଟ ବୋର୍ଡର ବୈଠକ ହୋଇଥିଲା। ଏଥିରେ ପାକିସ୍ତାନ ଅଜବ ସର୍ତ୍ତ ରଖିଥିଲା। ଯେଉଁଥିରେ ଆଇସିସି ସହମତି ପ୍ରକାଶ କରିନଥିଲା। ଏହାସହ ପିସିବି ଉପରେ ଚାପ ପକାଯାଇଥିଲା। ଯାହାପରେ ପାକିସ୍ତାନ ବାଟକୁ ଆସିବା ସହ ମୁଣ୍ଡ ନୁହାଁଇଛି। ତେଣୁ ମ୍ୟାଚ ଖେଳିବା ନେଇ ବାଟ ପରିଷ୍କାର ହୋଇଛି।

## ଫ୍ରେଣ୍ଡସ କପ୍ କ୍ରିକେଟ୍: ୟୁନିକ ଇଲେଭେନ ବିଜୟୀ

ଚଣ୍ଡିଖୋଲ, ୧୦/୨(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଖେଳ ପଡିଆରେ ଚଣ୍ଡିଖୋଲର ଫ୍ରେଣ୍ଡସ ସ୍ପୋର୍ଟସ ଆଣ୍ଡ କଲଚରାଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୧ତମ ରାଜ୍ୟ ସ୍ତରୀୟ ଡିୟୁ ଫ୍ରେଣ୍ଡସ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ଖେଳରେ ଭଦ୍ରକର ୟୁନିକ ଇଲେଭେନ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।ପ୍ରଥମେ ବ୍ୟାଟିଂ କରି ୟୁନିକ ଇଲେଭେନ ୨୪.୫ଓଭରରେ ସମସ୍ତ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ଦଳ ପକ୍ଷରୁ ବିଭୁତି ମଲ୍ଲିକ ସର୍ବାଧିକ ୪୧ବଲରେ ୮୨ ରନ ସଂଗ୍ରହ କରିଥିଲେ। ବିପକ୍ଷରେ କଟକର ରାଇଜିଙ୍ଗ ଷ୍ଟୁଡେଣ୍ଟ ୨୫ ଓଭରରେ ୮ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା।ଦଳ ପକ୍ଷରୁ ଜାହିର ୱାରଷି ସର୍ବାଧିକ ୪୧ରନ୍ ସଂଗ୍ରହ କରିଥିଲେ।ବିଭୁତି ମଲ୍ଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣି କରାଯାଇ କ୍ଲବ ସଭାପତି ଦେବାରଞ୍ଜନ ସ୍ୱାଇଁ ଓ ପ୍ରଶାନ୍ତ ଜେନାଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ଆଜିର ଖେଳକୁ ସଂଗ୍ରାମ ମହାନ୍ତି ଓ ବିନୟକୁମାର ପୃଷ୍ଟି ପରିଚାଳନା କରିଥିଲେ। ମୁସ୍ତାକ ଅଲ୍ଲି ଖାଁ, ଅଭିଷେକ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



# ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିଅନସିପ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୨(ସବ୍ୟୁ): ଆଜି ଅପରାହ୍ନରେ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆରେ ୭୪ ତମ ରାଜ୍ୟସ୍ତରୀୟ ପୋଲିସ ଆଥଲେଟିକ ଚାମ୍ପିୟନସିପ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ମନୋଜ୍ଞ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡାବିତ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଖୁରାନିଆ ତାଙ୍କ ବକ୍ତବ୍ୟରେ ଖେଳାଳୀ ମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡିଶା ପୋଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶାରିରୀକ ସୁସ୍ଥତା ସହିତ ଶୃଙ୍ଖଳା, ସଂଯମତା, ଆତ୍ମବିଶ୍ୱାସ, ନେତୃତ୍ୱ ଓ ଦଳଗତ ଦାୟିତ୍ୱ ବୋଧର ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ନିରନ୍ତର ଅଭ୍ୟାସ, ଶୃଙ୍ଖଳା ଓ ଲକ୍ଷ୍ୟକୁ ପାଥେୟ କରି ଓଡ଼ିଶା ପୋଲିସ ପାଇଁ ଗର୍ବ ଓ ଗୌରବର ପ୍ରତୀକ ସାଜିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଚାମ୍ପିଅନସିପରେ ବିଭିନ୍ନ ୩୬ ଟି ପୋଲିସ ଟିମ ଅଂଶଗ୍ରହଣ କରିଥିବା ବେଳେ ୭୫ ଜଣ ମହିଳା ଖେଳାଳିଙ୍କ ସମେତ ସମୁଦାୟ ୫୦୨ ଜଣ ଖେଳାଳୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଡିଜିପି ଦ୍ରୁତତମ ପୁରୁଷ ଆଥଲେଟ ଭାବେ ବ୍ରହ୍ମପୁରର କନେଷ୍ଟବଳ ଅଭିଷେକ ଦଳବେହେରା, ଦ୍ରୁତତମ ମହିଳା ଆଥଲେଟ ଭାବେ କମିସନରେଟ, ଭୁବନେଶ୍ୱର A ଟିମର ବନିତା ଲାକ୍ରା, ଅନ୍ତର୍ଜାତୀୟ ମାରାଥନ ରନର ତଥା ଶ୍ରେଷ୍ଠ ମାରାଥନ ରନର ଭାବେ ପଞ୍ଚମ ଆଇଆର ବାଟାଲିୟନର କନେଷ୍ଟବଳ ସୁଧାଂଶୁ ନାୟକ, ଶ୍ରେଷ୍ଠ ଡେକାଥଲନ ଆଥଲେଟ ଭାବେ କୋରାପୁଟ ଜିଲ୍ଲାର କନଷ୍ଟେବଳ ଅଂଶୁମାନ ରାୟଗୁରୁ, ୧୦,୦୦୦ ମିଟର ଏବଂ ୫୦୦୦ ମିଟର ଦୌଡରେ ଅଷ୍ଟମ ଏସଆଇଆରବିଏନ, ଭଞ୍ଜନଗରର କନେଷ୍ଟବଳ ଅଶୋକ ଦଣ୍ଡସେନା, ୩୦୦୦ ମିଟର ଷ୍ଟେପଲ ଚେଜରେ ପୁରୀ ଜିଲ୍ଲାର କୁନା ମାରାଣ୍ଡି, ପୁରୁଷ ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ଓଏସଏପି ଷଷ୍ଠ ବାଟାଲିୟନ କଟକର ହାବିଲଦାର ବିଘ୍ନରାଜ ମିରିଡିଆ, ମହିଳା ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ସୁନ୍ଦରଗଡ ଜିଲ୍ଲାର କନଷ୍ଟେବଳ ସବିତା ଟପୋ, ଉଦୀୟମାନ ଆଥଲେଟ ଭାବେ କେନ୍ଦୁଝର ଜିଲ୍ଲାର କନଷ୍ଟେବଳ ସୁଖି ବାସ୍କେ, ଶ୍ରେଷ୍ଠ ଜିଲ୍ଲା ଟିମ ଭାବେ କେନ୍ଦୁଝର ଡିଜିପି ପୁରସ୍କୃତ କରିଥିଲେ। ସମସ୍ତ କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ସୁନ୍ଦରଗଡ ଜିଲ୍ଲାକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ମହିଳା ବିଭାଗରେ ଦଳଗତ ଚାମ୍ପିଅନ ଟ୍ରଫି ରାଉରକେଲା ଜିଲ୍ଲା ହାସଲ କରିଥିବା ବେଳେ ସୁନ୍ଦରଗଡ ଜିଲ୍ଲା ରନର୍ସଅପ ହୋଇଥିଲା। ସେହିପରି ପୁରୁଷ ବିଭାଗରେ ଷଷ୍ଠ ବାଟାଲିୟନ, କଟକ କୁ ଟିମ ଚାମ୍ପିଅନ ଏବଂ ତୃତୀୟ ବାଟାଲିୟନ, କୋରାପୁଟକୁ ରନର୍ସଅପ ଭାବେ ଡିଜିପି ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ରାଉରକେଲା ପୋଲିସ ଜିଲ୍ଲା, ଶ୍ରେଷ୍ଠ ପ୍ୟାରେଡ ପ୍ରଦର୍ଶନକାରୀ ଦଳ ଭାବେ ପୁରୀ ଜିଲ୍ଲା ଏବଂ ଶ୍ରେଷ୍ଠ କ୍ୟାମ୍ପ ପରିଚାଳନା ଦଳ ଭାବେ ତୃତୀୟ ଏସଏସବିଏନ ଗଜପତିକୁ ପୁରସ୍କୃତ କରାଯାଇଥିଲା।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଭାଷଣ ପ୍ରଦାନ କରିଥିଲେ। ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ ଧନ୍ୟବାଦ ପ୍ରଦାନ କରିଥିଲେ। ପରିଚାଳନା କମିଟିର ଅଧ୍ୟକ୍ଷ ସଞ୍ଜୟ କୁମାର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦଯାପନୀ ଉତ୍ସବରେ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ସେଇ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ସେଇ ପେମେଣ୍ଟ କରି ସେଇ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

## ଅନ୍ତର୍ଜାତୀୟ କିକ ବକ୍ସିଂ: ଢେଙ୍କାନାଳ ଜିଲ୍ଲା କୁ ୨୧ ପଦକ



ଢେଙ୍କାନାଳ,(ସବ୍ୟୁ): ଦିଲ୍ଲୀର କେ. ଡି. ଯାଦବ ଇଣ୍ଡୋର ଷ୍ଟାଡ଼ିଅମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ୫ମ ୱାକୋ ଇଣ୍ଡିଆ ଅନ୍ତର୍ଜାତୀୟ କିକ ବକ୍ସିଂ ଚାମ୍ପିଅନସିପ ଫେବୃଆରୀ ୪ ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଖେଳାଳିମାନେ ଅଂଶ ଗ୍ରହଣ କରି ମୋଟ ୯୭ ଟି ପଦକ ହାସଲ କରିଥିବାବେଳେ ସେଥି ମଧ୍ୟରୁ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ଖେଳାଳିମାନେ ୨୧ଟି ପଦକ ହାସଲ କରିଛନ୍ତି। ସେଥିରୁ ଗୋଟିଏ ସ୍ୱର୍ଣ୍ଣ ଦଳଗତ ପଏଣ୍ଟ ଫାଇଟ୍‌ରେ ୯ଟି ରୌପ୍ୟ ଏବଂ ୧୧ଟି କାଂସ୍ୟ ପଦକ (୧୦ଟି ବ୍ୟକ୍ତିଗତ ଏବଂ ଗୋଟିଏ ଦଳଗତ) ହାସଲ କରିଛନ୍ତି। ବାଳିକା ବିଭାଗରେ ସ୍ମୃତି ଭୋଇ ୨ଟି କାଂସ୍ୟ, ରୂପା ନାଏକ ୧ ରୌପ୍ୟ ଓ ୧ କାଂସ୍ୟ, ମାନସୀ ସାହୁ ୨ ଟି ରୌପ୍ୟ ଓ ୧ଟି କାଂସ୍ୟ, ରୋଜାଲିନ ସ୍ୱାଇଁ ୩ଟି ରୌପ୍ୟ ଓ ୧ଟି କାଂସ୍ୟ ବାଳକ ଜୁନିଅର ବିଭାଗରେ ଓମ୍ ପ୍ରସାଦ ଭଞ୍ଜ ୨ଟି କାଂସ୍ୟ ସେହିପରି ସିନିଅର ବାଳକ ବିଭାଗରେ ଶୁଭଙ୍କର ନାଏକ ୧ଟି ରୌପ୍ୟ ପଦକ, ସୌଭାଗ୍ୟ ରଞ୍ଜନ ବେହେରା ୨ ଟି ରୌପ୍ୟ ଓ ୨ କାଂସ୍ୟ ପଦକ, ଦଳଗତ ବାଳିକା ବିଭାଗ ପଏଣ୍ଟ୍ ଫାଇଟରେ ସ୍ୱର୍ଣ୍ଣ ପଦକ ଏବଂ ଦଳଗତ ମିକ୍ସ ମ୍ୟୁଜିକାଲ ଇଭେଣ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। କିର୍ତୀ ରାଣୀ ସାହୁ ଟିମ କୋଚ ଭାବେ ଯୋଗ ଦେଇଥିଲେ। ଏହି ଚାମ୍ପିଅନସିପ ପାଇଁ ଦଳର ଖେଳାଳୀମାନେ କଠିନ ପରିଶ୍ରମ କରିଛନ୍ତି। ଏହି ଅବସରରେ ଆର୍ମେଚର କିକ ବକ୍ସିଂ ଆସୋସିଏସନ ଅଫ ଓଡିଶାର ସଭାପତି କାର୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା ଏବଂ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ, କାଟିଙ୍ଗ କମିଟି ସମସ୍ତ ଖେଳାଳୀଙ୍କୁ ଶୁଭେଚ୍ଛା ସହ ଶୁଭକାମନା ଜଣାଇଛନ୍ତି।

## ତମାଣ୍ଡୋ ପ୍ରିମିୟର କ୍ରିକେଟ୍: ୟୁବି ରକଷ୍ଟାର ବିଜୟୀ

ଭୁବନେଶ୍ୱର,୧୦।୨(ସବ୍ୟୁ): ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ୟୁବି ରକଷ୍ଟାର ଓ ବିଜେତା ୱାରିଅସ ପରସ୍ପରକୁ ଭେଟିଥିଲେ। ଆଜି ୩ୟ ଲିଗ ମ୍ୟାଚରେ ୟୁବି ରକଷ୍ଟାର ୪ ୱିକେଟରେ ବିଜେତା ୱାରିଅସକୁ ପରାସ୍ତ କରିଛି। ଆଜି ୟୁବି ରକଷ୍ଟାର ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।ବିଜେତା ୱାରିଅସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ମାତ୍ର ୧୧୦ ରନ କରିଥିଲେ। ବିଜେତା ୱାରିଅସ ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ମାନେ ୟୁବି ରକଷ୍ଟାର ବୋଲୋରଙ୍କୁ ସାମ୍ନା କରିପାରିନଥିଲେ। ବିଜେତା ୱାରିଅସ ଦଳର ଆବିଷ୍କାର ପଟ୍ଟନାୟକ ୨୪ ବଲ ଖେଳି ୫୭ ରନ କରିବାକୁ ସକ୍ଷମ ହୋଇଥିଲେ। ୟୁବି ରକଷ୍ଟାର ଦଳର ରାକେଶ ବିଶ୍ୱାଳ ୪ ଓଭର ବୋଲିଂ କରି ୫ ୱିକେଟ ଦଖଲ କରି ବିପକ୍ଷ ଦଳର ରନ ବଢାଇବାକୁ ସୁଯୋଗ ଦେଇ ନଥିଲେ।ଖେଳର ଦ୍ୱିତୀୟ ଇନିଂସରେ ୟୁବି ରକଷ୍ଟାର ଧୁଆଁଧାର ବ୍ୟାଟିଂ କରି ୧୨.୨ ଓଭରରେ ୬ ୱିକେଟ ହରାଇ ୧୧୩ ରନ କରି ସହଜ ବିଜୟ ହାସଲ କରିଥିଲେ। ୟୁବି ରକଷ୍ଟାର ଦଳର ସୁଜିତ୍ କୁମାର ଲେଙ୍କା ୨୬ ବଲରେ ୪୩ ରନ କରିଥିଲେ। ବିଜେତା ୱାରିଅସ ଦଳର ଗଣେଷ ଚାପା ୪ ଓଭର ବୋଲିଂ କରି ୩୭ ରନ ଦେଇ ୩ ଟି ୱିକେଟ ଦଖଲ କରିଥିଲେ। ଆଜିର ମ୍ୟାଚରେ ତମାଣ୍ଡୋ କ୍ରିକେଟ କ୍ଲବର ଉପସଭାପତି ରାଜେଶ୍ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ରାକେଶ ବିଶ୍ୱାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜି ମ୍ୟାଚ ପରିଚାଳନା କରିଥିଲେ ଦିଲିପ କୁମାର ସାମଲ ଓ ବିଭୁ ପ୍ରସାଦ ଚୌଧୁରୀ। ଆଜି ଏମସିସି କାକଟପୁର ଓ ମାଇଟି ୟଙ୍ଗଷ୍ଟାର ପରସ୍ପରକୁ ଭେଟିବେ।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି